ବର୍ଷ-୨୬, ସଂଖ୍ୟା-୧୨୯
ଭୁବନେଶ୍ୱର
୧୩, ମଇ, ୨୦୨୬ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 129
Bhubaneswar
13 May, 2026 Wednesday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ପ୍ରଶ୍ନପତ୍ର ଲିକ୍ ପରେ ନିଟ୍ ୟୁଜି ପରୀକ୍ଷା ବାତିଲ୍

## ଖୁବ୍‌ଶୀଘ୍ର ତାରିଖ ହେବ ଘୋଷଣା, ସିବିଆଇ ତଦନ୍ତ ନିର୍ଦ୍ଦେଶ

ନୂଆଦିଲ୍ଲୀ ୧୨।୫(ମହାଭାରତ): ପୁଣି ଡାକ୍ତରୀ ପ୍ରବେଶିକା ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହୋଇଥିବା ଅଭିଯୋଗ ହୋଇଛି। ଫଳରେ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ମଙ୍ଗଳବାର ମେ ୩ରେ ଅନୁଷ୍ଠିତ ନିଟ୍-ୟୁଜି ୨୦୨୬ ପରୀକ୍ଷାକୁ ବାତିଲ କରିଛି ଏବଂ ପୃଥକ୍ ତାରିଖରେ ପୁନର୍ବାର ପରୀକ୍ଷା କରାଯିବ ବୋଲି ଘୋଷଣା କରିଛି। ଏହି ଅଭିଯୋଗର ବିସ୍ତୃତ ତଦନ୍ତ ପାଇଁ କେନ୍ଦ୍ର ସରକାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ଦାୟିତ୍ୱ ଦେଇଛନ୍ତି। ଏହି ମାମଲାରେ ସିବିଆଇ ମାମଲା ରୁଜୁ କରିଛି। ଏଥି ସହିତ ତଦନ୍ତ ଆରମ୍ଭ କରିଦେଇଛି।

ଏହି ଘଟଣା ଅଭୂତପୂର୍ବ ସୁରକ୍ଷା ବ୍ୟବସ୍ଥା ସହିତ ଭାରତ ତଥା ବିଦେଶର ୫୪୩୨ କେନ୍ଦ୍ରରେ ପରୀକ୍ଷା ଦେଇଥିବା ୨୨ ଲକ୍ଷରୁ ଅଧିକ ପ୍ରାର୍ଥୀଙ୍କ ପାଇଁ ଅତ୍ୟଧିକ ଯନ୍ତ୍ରଣା ସୃଷ୍ଟି କରିବାକୁ ଯାଉଛି। ଏକ୍ସରେ ଏକ ବିବୃତିରେ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) କହିଛି ଯେ ସ୍ୱଚ୍ଛତା ଓ ଜାତୀୟ ପରୀକ୍ଷା ବ୍ୟବସ୍ଥା ଉପରେ ବିଶ୍ୱାସ ବଜାୟ ରଖିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ଏଜେନ୍ସି କହିଛି ଯେ, ପ୍ରାଥମିକ ତଦନ୍ତରୁ କିଛି ଅନିୟମିତା ହୋଇଥିବା ଜଣାପଡିଛି। ତେଣୁ ପୂର୍ବ ପରୀକ୍ଷାକୁ ବାତିଲ କରି ପୁନଃ ପରୀକ୍ଷା କରାଇବାକୁ ପଡିବ। ଆଗାମୀ ଦିନରେ ଏଜେନ୍ସିର ଅଫିସିଆଲ୍ ଚ୍ୟାନେଲ ମାଧ୍ୟମରେ ପୁନଃ ପରୀକ୍ଷା ତାରିଖ ବିଷୟରେ ଜଣାଇ ଦିଆଯିବ।

ଏନ୍‌ଟିଏ ଆହୁରି କହିଛି ଯେ, ପରୀକ୍ଷା ସହ ଜଡିତ ଅଭିଯୋଗର ବିସ୍ତୃତ ତଦନ୍ତ ପାଇଁ ସରକାର ଏହି ମାମଲାକୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ପଠାଇବାକୁ ନିଷ୍ପତ୍ତି ନେଇଛନ୍ତି। ଏନ୍‌ଟିଏ ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ କରିବ। ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ଓ ଜାତୀୟ ପରୀକ୍ଷା ବ୍ୟବସ୍ଥାର ବିଶ୍ୱନୀୟତାର ସୁରକ୍ଷା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ସଂଶୋଧିତ ପରୀକ୍ଷା କାର୍ଯ୍ୟସୂଚୀ ସମ୍ପର୍କରେ କେବଳ ଏଜେନ୍ସିର ସରକାରୀ ସୂଚନା ଉପରେ ନିର୍ଭର କରିବାକୁ ଏନ୍‌ଟିଏ ଅନୁରୋଧ କରିଛି। ବିବୃତିରେ କୁହାଯାଇଛି ଯେ କୌଣସି ନୂତନ ପଞ୍ଜୀକରଣର ଆବଶ୍ୟକତା ନାହିଁ ଏବଂ କୌଣସି ଅତିରିକ୍ତ ପରୀକ୍ଷା ଫି ଆଦାୟ କରାଯିବ ନାହିଁ। ଛାତ୍ରଛାତ୍ରୀମାନେ ପୂର୍ବରୁ ଦେଇଥିବା ଫି ଫେରସ୍ତ କରାଯିବ ଏବଂ ଏନ୍‌ଟିଏର ନିଜସ୍ୱ ସମ୍ବଳ ବ୍ୟବହାର କରି ପୁନଃ ପରୀକ୍ଷା କରାଯିବ।



ସ୍ନାତକୋତ୍ତର ସ୍ତରରେ ଡାକ୍ତରୀ ଶିକ୍ଷା ପାଠ୍ୟକ୍ରମରେ ନାମ ଲେଖାଇବାକୁ ଚାହୁଁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏନ୍‌ଟିଏ ଦ୍ୱାରା ମେ ୩ ତାରିଖରେ ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା (ନିଟ୍) ଅନୁଷ୍ଠିତ ହୋଇଥିଲା। ରବିବାର ଏକ୍ସରେ ପୋଷ୍ଟ ହୋଇଥିବା ଏକ ବିବୃତିରେ ଏଜେନ୍ସି କହିଛି ଯେ, ଜିପିଏସ୍ ସକ୍ଷମ ଯାନରେ ପ୍ରଶ୍ନପତ୍ର ନିଆଯାଇଥିଲା ଯେଉଁଥିରେ ଅନନ୍ୟ ୱାଟରମାର୍କ ଥିଲା। କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷରୁ ଏଆଇ-ସକ୍ଷମ ସିସିଟିଭି ନିରୀକ୍ଷଣ ମାଧ୍ୟମରେ ପରୀକ୍ଷା କେନ୍ଦ୍ରଗୁଡିକ ଉପରେ ନଜର ରଖାଯାଇଥିଲା। ତେବେ ସିକରରୁ ଅଭିଯୋଗ ମିଳିବା ପରେ ପ୍ରଶ୍ନପତ୍ର ଲିକ୍ ଘଟଣାର ତଦନ୍ତ ପାଇଁ ଏନ୍‌ଟିଏ ରାଜସ୍ଥାନ ସ୍ପେଶାଲ ଅପରେସନ୍ ଗ୍ରୁପ୍ (ଏସ୍‌ଓଜି)କୁ ଦାୟିତ୍ୱ ଦେଇଥିଲା।


ଏସ୍‌ଓଜି ଅନୁଯାୟୀ, ରାଜସ୍ଥାନର ସିକରରେ ପରୀକ୍ଷା ଦେଇଥିବା ଅନେକ ନିଟ୍ ଆଶାୟୀଙ୍କୁ ମୋଟ ୭୨୦ ମାର୍କ ମଧ୍ୟରୁ ପ୍ରାୟ ୬୦୦ ମାର୍କ ଥିବା ପ୍ରଶ୍ନର ହସ୍ତଲିଖିତ କପି ମିଳିଥିଲା। ୧୫୦ ପୃଷ୍ଠାର ଏହି ପ୍ରଶ୍ନ ବ୍ୟାଙ୍କରେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ଜୀବବିଜ୍ଞାନର ୪୧୦ଟି ପ୍ରଶ୍ନ ରହିଥିଲା, ଯେଉଁଥିରୁ ୧୨୦ଟି ପ୍ରଶ୍ନ ମେ ୩ ତାରିଖରେ ଅନୁଷ୍ଠିତ ନିଟ୍ ପରୀକ୍ଷାରେ ଅବିକଳ ପଡିଥିଲା। ଏସ୍‌ଓଜି ଏହା ମଧ୍ୟ ଜାଣିବାକୁ ପାଇଲା ଯେ ପରୀକ୍ଷାର ପ୍ରାୟ ଏକ ମାସ ପୂର୍ବରୁ ଜୟପୁର, ସିକର, ଝୁନଝୁନୁ ଓ ଚୁରୁରେ ଆଶାୟୀଙ୍କ ମଧ୍ୟରେ 'ପ୍ରଶ୍ନ ବ୍ୟାଙ୍କ' ପ୍ରସାରିତ ହୋଇଥିଲା।

ଅନ୍ୟପକ୍ଷରେ ନିଟ୍ ପ୍ରଶ୍ନପତ୍ର ଲିକ୍‌କୁ ବିରୋଧ କରି କଂଗ୍ରେସର ଛାତ୍ର ଶାଖା ନ୍ୟାସନାଲ ଷ୍ଟୁଡେଣ୍ଟସ୍ ୟୁନିୟନ ଅଫ୍ ଇଣ୍ଡିଆ (ଏନ୍‌ଏସ୍‌ୟୁଆଇ) ଦ୍ୱାରା ନୂଆଦିଲ୍ଲୀର ଶାସ୍ତ୍ରୀ ଭବନ ବାହାରେ ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ବିକ୍ଷୋଭକାରୀମାନେ ଧରିଥିବା ପ୍ଲାକାର୍ଡରେ 'ପିଏମ୍ କମ୍ପ୍ରମାଇଜଡ୍, ପେପର କମ୍ପ୍ରମାଇଜଡ୍', 'ପେପର ଲିକ୍, ମୋଦୀ ସରକାର ୱିକ୍', 'ଡକ୍ଟର୍ସ ଡିଗ୍ରି ଇଜ୍ ଫର୍ ସେଲ୍', 'ପେପର ଚୋର୍, ଗଦି ଛୋଡ' ଇତ୍ୟାଦି ଲେଖା ଥିଲା।ମେ ୨୦୨୪ରେ ଅନୁଷ୍ଠିତ ପରୀକ୍ଷା ସମୟରେ ସମାନ ଲିକ୍ ହେବା ପରେ ଏନ୍‌ଟିଏ ସମାଲୋଚନାର ଶିକାର ହୋଇଥିଲା। ଏହି ମାମଲାର ତଦନ୍ତ ମଧ୍ୟ ସିବିଆଇ କରିଥିଲା। ୨୦୨୪ ପରୀକ୍ଷା ବାତିଲ କରିବାକୁ ଦାବି କରୁଥିବା ଆବେଦନର ଶୁଣାଣି କରି ସୁପ୍ରିମ୍‌କୋର୍ଟ କହିଥିଲେ ଯେ ପ୍ରଶ୍ନପତ୍ର ଲିକ୍ ହେବା ଦ୍ୱାରା ଅତି କମ୍‌ରେ ୧୫୫ ଜଣ ଛାତ୍ର ଉପକୃତ ହୋଇଛନ୍ତି। ତେବେ ପରୀକ୍ଷା ପରିଚାଳନାରେ ଏନ୍‌ଟିଏର କୌଣସି ବ୍ୟବସ୍ଥାଗତ ବିଫଳତାକୁ କୋର୍ଟ ଖାରଜ କରିଦେଇଥିଲେ।

# ସହରାଞ୍ଚଳ ବିକାଶ ନିମନ୍ତେ ୫,୦୦୦ କୋଟିର ପ୍ରସ୍ତାବ

ଭୁବନେଶ୍ୱର/ନୂଆଦିଲ୍ଲୀ ୧୨।୫(ମହାଭାରତ): ଓଡ଼ିଶା ସରକାର ମଙ୍ଗଳବାର ନୂଆଦିଲ୍ଲୀଠାରେ ଅନୁଷ୍ଠିତ 'ଅର୍ବାନ ଚାଲେଞ୍ଜ ଫଣ୍ଡ'ର ପ୍ରଥମ ଜାତୀୟ ଆପେକ୍ସ କମିଟି ବୈଠକରେ ଏକ ମହତ୍ତ୍ୱାକାଂକ୍ଷୀ 'ପରବର୍ତ୍ତୀ ପିଢ଼ିର ସହରୀ ବିକାଶ ରୋଡମ୍ୟାପ୍' ଉପସ୍ଥାପନ କରିଛନ୍ତି।

କେନ୍ଦ୍ର ଗୃହ ନିର୍ମାଣ ଓ ସହରୀ ବ୍ୟାପାର ମନ୍ତ୍ରୀ ମନୋହର ଲାଲ ଖଟ୍ଟରଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ



ଉଷା ପାଢ଼ୀ ୟୁସିଏଫ୍ ଢାଞ୍ଚାରେ ୫,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପାଞ୍ଚଟି ପ୍ରମୁଖ ସହରୀ ଭିତ୍ତିଭୂମି ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ଏହି ଉପସ୍ଥାପନାରେ ଓଡ଼ିଶାର ବିକାଶମୁଖୀ ସହରୀ ମଡେଲ୍‌କୁ ଗୁରୁତ୍ୱ ଦିଆଯାଇଥିଲା, ଯାହା ସ୍ଥାୟୀ ଭିତ୍ତିଭୂମି, ଜଳବାୟୁ ସହନଶୀଳତା, ଡିଜିଟାଲ୍ ଶାସନ ଏବଂ ନାଗରିକ-କେନ୍ଦ୍ରିକ ଅଭିବୃଦ୍ଧିକୁ ପ୍ରାଧାନ୍ୟ ଦେଇଥାଏ। ଏହି ରୋଡମ୍ୟାପ୍ ଏପରି ସହରଗୁଡ଼ିକର ପରିକଳ୍ପନା କରେ ଯାହା କେବଳ ଅର୍ଥନୈତିକ ଭାବେ ଗତିଶୀଳ ଏବଂ ବୈଷୟିକ ଜ୍ଞାନକୌଶଳରେ ସମୃଦ୍ଧ ହେବ ନାହିଁ, ବରଂ ପରିବେଶ ଅନୁକୂଳ ଏବଂ ସାମାଜିକ ଭାବେ ଯୋଡି ହେବ। ଓଡ଼ିଶା ପକ୍ଷରୁ ସମନ୍ୱିତ ଭିତ୍ତିଭୂମି ବିକାଶ, ଉନ୍ନତ ନାଗରିକ ସେବା, ଗମନାଗମନ ସୁବିଧାର ବୃଦ୍ଧି ଏବଂ ଗୁଣାତ୍ମକ ସହରୀ ଜୀବନଶୈଳୀ ଉପରେ କେନ୍ଦ୍ରିତ ଉଚ୍ଚ-ପ୍ରଭାବଶାଳୀ ସହରୀ ପ୍ରକଳ୍ପର ଏକ ଶକ୍ତିଶାଳୀ ପୋର୍ଟଫୋଲିଓ ଉପସ୍ଥାପନ କରାଯାଇଥିଲା। ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକରେ ବନ୍ୟା ନିୟନ୍ତ୍ରଣ, ବୈଜ୍ଞାନିକ ପଦ୍ଧତିରେ ଜଳ ନିଷ୍କାସନ ବ୍ୟବସ୍ଥା, ସହରୀ ସବୁଜ ବଳୟର ସମ୍ପ୍ରସାରଣ, ସ୍ଥାୟୀ ଜଳ ପରିଚାଳନା ଏବଂ ଜଳବାୟୁ-ଅନୁକୂଳ ଭିତ୍ତିଭୂମି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏଥିରେ ବିଶେଷ କରି ଅସୁରକ୍ଷିତ ଗୋଷ୍ଠୀ, ମହିଳା, ଠେଲାଦୋକାନୀ ଏବଂ ଆର୍ଥିକ ଅନଗ୍ରସର ଶ୍ରେଣୀର ଲୋକଙ୍କୁ ସମାନ ସୁଯୋଗ ଓ ସେବା ପ୍ରଦାନ ଉପରେ ଧ୍ୟାନ ଦିଆଯାଇଛି।

# ବାଲିଅନ୍ତା କନେଷ୍ଟବଳ ହତ୍ୟା ମାମଲାରେ ଆଉ ଜଣେ ଗିରଫ

ଭୁବନେଶ୍ୱର, ୧୨।୫(ମହାଭାରତ); ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତାରେ କନେଷ୍ଟବଳ ସୌମ୍ୟ ରଞ୍ଜନ ହତ୍ୟା ମାମଲା ଦିନକୁ ଦିନ ଆହୁରି ଚର୍ଚ୍ଚିତ ହେଉଛି। ଘଟଣାର ତଦନ୍ତ ଦାୟିତ୍ୱ ନେବା ପରେ କ୍ରାଇମବ୍ରାଞ୍ଚ ତଦନ୍ତକୁ ଜୋରଦାର କରିଥିବା ବେଳେ ଏବେ ଆଉ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି। ଏହା ସହ ମୋଟ ଗିରଫଦାରୀ ସଂଖ୍ୟା ୧୨ରେ ପହଞ୍ଚିଛି। ଗିରଫ ହୋଇଥିବା ଅଭିଯୁକ୍ତ 'ବଣ୍ଟି'କୁ କ୍ରାଇମବ୍ରାଞ୍ଚ ଗତକାଲି ବିଳମ୍ବିତ ରାତିରେ ଧରିଥିବା ବେଳେ ଆଜି ତାଙ୍କୁ କୋର୍ଟ ଚାଲାଣ କରାଯିବାକୁ ଥିବା ସୂଚନା ମିଳିଛି।ଏହି ସମ୍ବେଦନଶୀଳ ମାମଲାରେ କ୍ରାଇମବ୍ରାଞ୍ଚର ତଦନ୍ତ ଏବେ ତୃତୀୟ ଦିନରେ ପହଞ୍ଚିଛି। ପୂର୍ବରୁ କମିଶନରେଟ୍ ପୋଲିସ ଦୁଇଟି ପର୍ଯ୍ୟାୟରେ ୧୧ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ବର୍ତ୍ତମାନ ସମସ୍ତେ ଜେଲରେ ଅଛନ୍ତି। କିନ୍ତୁ ଏହି ଘଟଣାରେ ଆହୁରି ଅନେକ ଲୋକ ସମ୍ପୃକ୍ତ ଥିବା ସନ୍ଦେହକୁ ନେଇ ତଦନ୍ତକୁ ଆହୁରି ତେଜ କରାଯାଇଛି। ଘଟଣାସ୍ଥଳରୁ ଭାଇରାଲ ହୋଇଥିବା ଭିଡିଓରେ ୫୦ରୁ ଅଧିକ ଲୋକ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ସେହି ଭିଡିଓ ଏବେ କ୍ରାଇମବ୍ରାଞ୍ଚ ପାଇଁ ସବୁଠାରୁ ବଡ଼ ସୂତ୍ର ହୋଇଥିବା ବେଳେ, ଭିଡିଓ ଆଧାରରେ ପ୍ରତ୍ୟେକ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ଏକ ବଡ଼ ଚ୍ୟାଲେଞ୍ଜ ହୋଇଛି। ତଦନ୍ତକାରୀ ଟିମ୍ ଭିଡିଓ ଫୁଟେଜ, ମୋବାଇଲ ଲୋକେସନ୍ ଓ ସ୍ଥାନୀୟ ସୂଚନାକୁ ଆଧାର କରି ଅଭିଯୁକ୍ତମାନଙ୍କ ଖୋଜଖବର ନେଉଛି।

# ତାମିଲନାଡୁରେ ବନ୍ଦ ହେବ ୭୧୭ ମଦ ଦୋକାନ



ବେଙ୍ଗାଲୁରୁ, ୧୨।୫(ମହାଭାରତ): ତାମିଲନାଡୁର ନୂତନ ମୁଖ୍ୟମନ୍ତ୍ରୀ କି ଜୋସେଫ୍ ବିଜୟ କ୍ଷମତାକୁ ଆସୁ ଆସୁ ବଡ଼ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ରାଜ୍ୟରେ ୭୦୦ରୁ ଊର୍ଦ୍ଧ୍ୱ ମଦ ଦୋକାନ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ବିଜୟ ସରକାର । ସରକାରୀ ନିର୍ଦ୍ଦେଶନାମା ଜାରି ହେବାର ୨ ସପ୍ତାହ ମଧ୍ୟରେ ସମସ୍ତ ବନ୍ଦ ଦୋକାନରେ ତାଲା ପକାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଗତ ରବିବାର ଦିନ ବିଜୟ ତାଙ୍କର ସରକାର ଗଢ଼ିଥିଲେ । ତେବେ ମଙ୍ଗଳବାର ସେ ବଡ଼ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ତାମିଲନାଡୁ ମୁଖ୍ୟମନ୍ତ୍ରୀ ୭୧୭ଟି ମଦ ଦୋକାନ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି। ଯେଉଁ ମଦ ଦୋକାନ ଗୁଡ଼ିକ ଧାର୍ମିକ ସ୍ଥଳ, ଶିକ୍ଷାନୁଷ୍ଠାନ ଏବଂ ବସ୍ ଷ୍ଟେସନର ୫୦୦ ମିଟର ମଧ୍ୟରେ ରହିଛି ସେହିଗୁଡ଼ିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ତାମିଲନାଡୁ ଷ୍ଟେଟ୍ ମାର୍କେଟିଂ କର୍ପୋରେସନ୍ ଅଧୀନରେ ରାଜ୍ୟରେ ମୋଟ ୪,୭୬୫ଟି ମଦ ଦୋକାନ ଚାଲୁଛି । ସେଥିମଧ୍ୟରୁ ଧାର୍ମିକ ସ୍ଥଳ ନିକଟରେ ୨୭୬ଟି, ଶିକ୍ଷାନୁଷ୍ଠାନ ନିକଟରେ ୧୮୬ଟି ଏବଂ ବସ୍ ଷ୍ଟାଣ୍ଡ ନିକଟରେ ଥିବା ୨୫୫ଟି ମଦ ଦୋକାନକୁ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ବନ୍ଦ କରାଯିବ ବୋଲି ସରକାର କହିଛନ୍ତି ।

ଜନସାଧାରଣ ହିତ ନିମନ୍ତେ ଦୁଇ ସପ୍ତାହ ମଧ୍ୟରେ ଏହି ନିର୍ଦ୍ଦେଶନାମାକୁ କଡ଼ାକଡ଼ିଭାବେ ପାଳନ କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି । ବିଜୟଙ୍କ ଟିଭିକେ ଦଳ ସଦ୍ୟ ସମାପ୍ତ ନିର୍ବାଚନରେ ମୋଟ ୧୦୮ଟି ଆସନରେ ବିଜୟ ହୋଇଥିଲା । ଦଳ ୨୩୪ ବିଶିଷ୍ଟ ଆସନ ମଧ୍ୟରୁ ମ୍ୟାଜିକ ନମ୍ବର ୧୧୮କୁ ଛୁଇଁ ପାରିନଥିଲା । ଫଳରେ ଦଳକୁ କଂଗ୍ରେସ ସହିତ ମେଣ୍ଟ କରିବାକୁ ପଡ଼ିଥିଲା । ଏହା ପରେ ରବିବାର ଦିନ ବିଜୟ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ । ଟିଭିକି ନିର୍ବାଚନୀ ଇସ୍ତାହାର ନିଶା ଦ୍ରବ୍ୟ ଉପରେ ରୋକ ଲଗାଇବା ନେଇ ଘୋଷଣା କରିଥିଲା ।

# ଚେନ୍ନାଇ ଏୟାରପୋର୍ଟରେ ନିଆଁ

ଚେନ୍ନାଇ, ୧୨।୫(ମହାଭାରତ): ଉଡାଣ ଭରିବାକୁ ଯାଉଥିବା ଏକ ବିମାନରେ ନିଆଁ ଲାଗିଯାଇଛି । ବିମାନରେ ପାଖାପାଖି ୨୮୦ ଯାତ୍ରୀ ଥିବାବେଳେ ଏହି ଅଘଟଣ ଘଟିଥିଲା । ବିମାନ ଉଡାଣ ଭରିବା ପୂର୍ବରୁ ନିଆଁ ଲାଗିଥିବାରୁ ବଡ ଅଘଟଣ ଟଳି ଯାଇଛି । ମଙ୍ଗଳବାର ଚେନ୍ନାଇର ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଏହି ଅଘଟଣ ଘଟିଥିଲା । ବିମାନର ବାମ ୱିଙ୍ଗରେ ନିଆଁ ଲାଗିଯାଇଥିଲା । ବିମାନ ରନୱେରୁ ଉଡାଣ ଭରିବାକୁ ଯାଉଥିବା ସମୟରେ ନିଆଁ ଲାଗିଥିବା ଦେଖିଥିଲେ ବିମାନର ପାଇଲଟ। ଏହା ପରେ ଉଡାଣ ବନ୍ଦ କରାଯାଇଥିଲା ଓ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି । ଆଜି ଅପରାହ୍ନରେ ଚେନ୍ନାଇର ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଏହି ଅଘଟଣ ଘଟିଛି । ଏତିହାଡ଼ ଏୟାରୱେଜର ଫ୍ଲାଇଟ ନମ୍ବର ଇୱାଇ୩୪୩ରେ ନିଆଁ ଲାଗିଥିଲା । ଏହି ବିମାନଟି ଚେନ୍ନାଇରୁ ଆବୁଧାବି ଯାଉଥିଲା ଓ ପାଖାପାଖି ୨୮୦ ଯାତ୍ରୀ ଏଥିରେ ଯାତ୍ରା କରୁଥିଲେ । ବିମାନ ବନ୍ଦର ଅଧିକାରୀଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ ସମସ୍ତ ଯାତ୍ରୀ ଓ କ୍ରୁ ସଦସ୍ୟ ସୁରକ୍ଷିତ ଅଛନ୍ତି ।

# ୪ କୋଟିର ଗଞ୍ଜେଇ ଜବତ, ୨ ଯୁବକ ଅଟକ

**ଭୁବନେଶ୍ୱର ଏୟାରପୋର୍ଟରେ ଡ୍ରଗ୍ସ ରାକେଟ୍‌ର ପର୍ଦ୍ଦାଫାଶ**


ଭୁବନେଶ୍ୱର, ୧୨।୫(ମହାଭାରତ): ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦରରେ ଆଜି ସକାଳେ ବଡ଼ ଧରଣର ଡ୍ରଗ୍ସ ଚାଲାଣ ଧରାପଡ଼ିଛି। ଡାଇରେକ୍ଟରେଟ୍ ଅଫ୍ ରେଭେନ୍ୟୁ ଇଣ୍ଟେଲିଜେନ୍ସ (ଡିଆରଆଇ) ଓ କଷ୍ଟମ୍ସ ବିଭାଗର ମିଳିତ ଚଢ଼ାଉରେ ପ୍ରାୟ ୧୧ କେଜି 'ହାଇଡ୍ରୋପୋନିକ୍ ଗଞ୍ଜେଇ' ବା ମାରିଜୁଆନା ଜବତ କରାଯାଇଛି। ଆନ୍ତର୍ଜାତୀୟ ବଜାରରେ ଏହାର ମୂଲ୍ୟ ପ୍ରାୟ ୪ କୋଟି ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ସୂଚନା ଅନୁସାରେ, ବ୍ୟାଙ୍କକରୁ ଭୁବନେଶ୍ୱର ଆସୁଥିବା ଏକ ଇଣ୍ଡିଗୋ ବିମାନରେ ଦୁଇ ଜଣ ତାମିଲ୍ ଯୁବକ ଏହି ମାଦକ ଦ୍ରବ୍ୟ ଚାଲାଣ କରୁଥିଲେ। ପୂର୍ବରୁ ମିଳିଥିବା ଗୁପ୍ତ ସୂଚନା ଆଧାରରେ ଡିଆରଆଇ ଓ କଷ୍ଟମ୍ସ ଅଧିକାରୀମାନେ ବିମାନବନ୍ଦରରେ ନଜର ରଖିଥିଲେ। ସନ୍ଦେହଜନକ ଭାବେ ଯାଉଥିବା ଦୁଇ ଯୁବକଙ୍କୁ ଅଟକାଇ ସେମାନଙ୍କ ବ୍ୟାଗ ତଲାସି କରାଯାଇଥିଲା। ତଲାସି ସମୟରେ ବ୍ୟାଗ ଭିତରୁ ବିପୁଳ ପରିମାଣର ହାଇଡ୍ରୋପୋନିକ୍ ଗଞ୍ଜେଇ ଜବତ ହୋଇଥିଲା।ଧରାପଡ଼ିଥିବା ଦୁଇ ତାମିଲ୍ ଯୁବକଙ୍କୁ ବର୍ତ୍ତମାନ ଅଧିକାରୀମାନେ ଜେରା କରୁଛନ୍ତି। ଏହି ଚାଲାଣ ପଛରେ କେଉଁ ଆନ୍ତର୍ଜାତୀୟ ରାକେଟ୍ କାର୍ଯ୍ୟ କରୁଛି ଏବଂ ଏହାର ଲିଙ୍କ୍ ଓଡ଼ିଶା ପର୍ଯ୍ୟନ୍ତ କିପରି ପହଞ୍ଚିଲା, ସେନେଇ ତଦନ୍ତ ଜାରି ରହିଛି।ଏଠାରେ କହିରଖୁଛୁ ଯେ, ହାଇଡ୍ରୋପୋନିକ୍ ଗଞ୍ଜେଇ ସାଧାରଣ ଗଞ୍ଜେଇଠାରୁ ଅଧିକ ନିଶାଜନକ ଓ ଦାମୀ। ବିଦେଶୀ ବଜାରରେ ଏହାର ଚାହିଦା ବେଶି ଥିବାରୁ ଡ୍ରଗ୍ସ ମାଫିଆମାନେ ଏହାକୁ ଗୁପ୍ତ ଭାବେ ଚାଲାଣ କରୁଥାନ୍ତି। ଭୁବନେଶ୍ୱର ବିମାନବନ୍ଦରରେ ଏପରି ବଡ଼ ଧରଣର ଡ୍ରଗ୍ସ ଜବତ ଘଟଣା ସୁରକ୍ଷା ଏଜେନ୍ସିମାନଙ୍କ ଚିନ୍ତା ବଢ଼ାଇଦେଇଛି।

# ମାଓ ଡମ୍ପରୁ ଅତ୍ୟାଧୁନିକ ବନ୍ଧୁକ,କୋଟିଏ ଟଙ୍କା ଜବତ

ମାଲକାନଗିରି, ୧୨।୫(ମହାଭାରତ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ନାରାୟଣପୁର ପୁଲିସକୁ ମିଳିଛି ବଡ ସଫଳତା। ଜିଲ୍ଲା ନକ୍ସଲ ମୁକ୍ତ ବୋଲି କୁହାଯାଉଥିଲେ ମଧ୍ୟ ଏବେ ମଧ୍ୟ ଜଂଗଲରେ ନକ୍ସଲ ଦ୍ୱାରା ବଙ୍କର ଏବଂ ଡମ୍ପ (ମହଜୁଦ) କରି ଲୁଚାଇ କରି ରଖାଯାଇଥିବା ଅତ୍ୟାଧୁନିକ ବନ୍ଧୁକ ଓ ବିସ୍ଫୋରକ ସହ ୧କୋଟିରୁ ଊର୍ଦ୍ଧ୍ୱ ନଗଦ ଟଙ୍କା ଜବତ କରାଯାଉଛି।ସୂଚନାନୁସାରେ, ସୁରକ୍ଷାକର୍ମୀ ବିଶେଶ ସୂତ୍ରରୁ ଖବର ପାଇ ନାରାୟଣପୁର ସୀମାନ୍ତ ଆବୁଝମାଡ ଜଂଗଲରେ ଚଢ଼ାଉ କରିଥିଲେ। ଜଂଗଲର ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଉଥିବା ବେଳେ ଏକ ବଡ ଡମ୍ପକୁ ଠାବ କରିଥିଲେ ଯବାନ। ଏହି ଡମ୍ପରୁ ଏକେ-୪୭, ଏସ୍‌ଏଲ୍‌ଆର, ଇନ୍‌ସାସ୍, ୩୦୩ ବନ୍ଧୁକ ସହ ବିସ୍ଫୋରକ, ଏଲ୍‌ଏମ୍‌ଜି, ବିଜିଏଲ, ରକେଟ୍ ଲଞ୍ଚର ଭଳି ଅସ୍ତ୍ରଶସ୍ତ୍ର ଉଦ୍ଧାର କରାଯାଇଛି। ଏଥିସହ ନଗଦ ୧ କୋଟି ୧ ଲକ୍ଷ ୬୪ ହଜାର ଟଙ୍କା ମଧ୍ୟ ଜବତ କରାଯାଇଛି। ପ୍ରକୃତରେ ଆତ୍ମସମର୍ପଣ କରିଥିବା ନକ୍ସଲମାନେ ଏହି ସୂଚନା ପ୍ରଦାନ କରିଥିବା ପୁଲିସ କହିଛି। ନକ୍ସଲ ଏହି ଅସ୍ତ୍ରଶସ୍ତ୍ରକୁ ସୁରକ୍ଷାକର୍ମୀଙ୍କ ବିରୋଧରେ ଏକ ବଡଧରଣର ଆକ୍ରମଣ କରିବାକୁ ଲୁଚାଇ ରଖିଥିଲେ। ସେହିପରି ନଗଦ ଟଂକାକୁ ସେମାନଙ୍କର ବିଭିନ୍ନ କାମ ପାଇଁ ସାଇତି ରଖିଥିବା କୁହାଯାଉଛି।

# ଏଥର ସମୟ ପୂର୍ବରୁ ଆସିବା ନେଇ ଆଇଏମଡିର ପୂର୍ବାନୁମାନ

ଭୁବନେଶ୍ୱର, ୧୨।୫(ମହାଭାରତ): ଏଥର ସଅଳ ଆସିବ ମୌସୁମୀ। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଆଗମନ ପାଇଁ ବାଟ ଏବେ ପ୍ରାୟ ସଫା ହୋଇଯାଇଛି। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ମେ' ୨୦ ସୁଦ୍ଧା ମୌସୁମୀ ବାୟୁ ଆଣ୍ଡାମାନ ସାଗର, ଦକ୍ଷିଣ ବଙ୍ଗୋପସାଗର ଏବଂ ଆଣ୍ଡାମାନ-ନିକୋବର ଦ୍ୱୀପପୁଞ୍ଜର କିଛି ଅଞ୍ଚଳକୁ ପହଞ୍ଚିପାରେ। ଏହା ସହ ଏଥର ମୌସୁମୀ ସ୍ୱାଭାବିକ ସମୟରେ ଭାରତୀୟ ଭୂଖଣ୍ଡକୁ ଛୁଇଁବାର ସମ୍ଭାବନା ବଢ଼ିଛି।



ଭାରତୀୟ ପାଣିପାଗ ବିଭାଗର ଆକଳନ ଅନୁସାରେ, ଚଳିତ ସପ୍ତାହ ଶେଷ ଆଡକୁ ଦକ୍ଷିଣ ବଙ୍ଗୋପସାଗର ଓ ଆଣ୍ଡାମାନ ସାଗର ଅଞ୍ଚଳରେ ପାଗ ମୌସୁମୀ ପାଇଁ ସମ୍ପୂର୍ଣ୍ଣ ଅନୁକୂଳ ହେବ। ମେ' ୧୪ରୁ ୨୦ ମଧ୍ୟରେ ଦକ୍ଷିଣ-ପଶ୍ଚିମ ବାୟୁ ପ୍ରବାହ ଆହୁରି ଶକ୍ତିଶାଳୀ ହେବା ସହ ବର୍ଷାର ପରିମାଣ ବଢ଼ିବ। ଏହା ମୌସୁମୀ ବାୟୁକୁ ଆଗକୁ ବଢ଼ିବାରେ ସହଯୋଗ କରିବ।ଏହା ସହ ଏଋଫ ମଡେଲ ଅନୁଯାୟୀ, ମେ' ୧୪-୧୫ ବେଳକୁ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ଘନୀଭୂତ ହେବାର ସମ୍ଭାବନା ରହିଛି। ଏହି ଲଘୁଚାପ ମୌସୁମୀ ବାୟୁକୁ ଆଗକୁ ଠେଲିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ଏହାର ପ୍ରଭାବରେ ଆଣ୍ଡାମାନ ସହ ତାମିଲନାଡୁ ଓ କେରଳର କିଛି ଅଞ୍ଚଳରେ ଘଡ଼ଘଡ଼ି ସହ ବର୍ଷା ଆରମ୍ଭ ହୋଇସାରିଛି।ସାଧାରଣତଃ ଜୁନ୍ ୧ରେ କେରଳ ଉପକୂଳରେ ମୌସୁମୀ ପହଞ୍ଚୁଥିବା ବେଳେ, ଏଥର ଏହା ଠିକ୍ ସମୟରେ କିମ୍ବା କେତେକ ଅଞ୍ଚଳରେ ତା'ପୂର୍ବରୁ ମଧ୍ୟ ପହଞ୍ଚିପାରେ ବୋଲି ଆକଳନ କରାଯାଉଛି। ଚାଷୀମାନଙ୍କ ପାଇଁ ଏହା ଏକ ଖୁସିର ଖବର ହୋଇଥିବା ବେଳେ, ତୀବ୍ର ଗ୍ରୀଷ୍ମ ଓ ଅସହ୍ୟ ତାତିରେ କଲବଲ ହେଉଥିବା ସାଧାରଣ ଲୋକଙ୍କୁ ମଧ୍ୟ ଆଶ୍ୱସ୍ତି ଦେଇଛି। ଏବେ ସମସ୍ତଙ୍କ ନଜର ମୌସୁମୀର ପ୍ରଥମ ବର୍ଷା ଉପରେ।

# ସ୍ୱଚ୍ଛ ଉର୍ଜା ଇନୋଭେସନ କ୍ଷେତ୍ରରେ ବଡ଼ ପଦକ୍ଷେପ : ଧର୍ମେନ୍ଦ୍ର ପ୍ରଧାନ

ମୁମ୍ବାଇ, ୨।୫(ମହାଭାରତ): ଭାରତର ପ୍ରଥମ 'ଇଣ୍ଟିଗ୍ରେଟେଡ୍ କାର୍ବନ କ୍ୟାପଚର, ୟୁଟିଲାଇଜେସନ୍ ଏଣ୍ଡ୍ ଷ୍ଟୋରେଜ୍ (ସିସିୟୁଏସ)' ଫିଲ୍ଡ ଲାବୋରେଟୋରୀର ଶୁଭାରମ୍ଭ ବର୍ତ୍ତମାନ ସମୟରେ ପୂର୍ଣ୍ଣ ରୂପେ ସ୍ୱାଗତଯୋଗ୍ୟ । ଏହା ଭାରତର ସ୍ୱଚ୍ଛ ଉର୍ଜା ଇନୋଭେସନ କ୍ଷେତ୍ରରେ ଏକ ବଡ଼ ପଦକ୍ଷେପ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଆଜି ଆଇଆଇଟି ବମ୍ବେ ଠାରେ ଏହି ଲ୍ୟାବର ଶୁଭାରମ୍ଭ କରିବା ସହ କହିଛନ୍ତି ଯେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପଞ୍ଚାମୃତ' ପ୍ରତିଶ୍ରୁତି ଏବଂ ୨୦୭୦ ସୁଦ୍ଧା 'ନେଟ୍ ଜିରୋ' ଲକ୍ଷ୍ୟ ହାସଲ କରିବାରେ ଏହି ପ୍ରଯୁକ୍ତିବିଦ୍ୟା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଜାତୀୟ ଶିକ୍ଷା ନୀତି ଅନୁଯାୟୀ ଶିକ୍ଷାନୁଷ୍ଠାନଗୁଡ଼ିକ କେବଳ ଜ୍ଞାନ ଆହରଣ ନୁହେଁ, ବରଂ ନବସୃଜନ ଓ ଗବେଷଣା ମାଧ୍ୟମରେ ଦେଶର ସାମର୍ଥ୍ୟ ବୃଦ୍ଧି କରୁଛନ୍ତି । ୨୦୪୭ ସୁଦ୍ଧା 'ବିକଶିତ ଭାରତ' ଗଠନ ପାଇଁ ଶିକ୍ଷାବିତ୍, ଶିଳ୍ପ ଜଗତ ଏବଂ ନୀତି ନିର୍ଦ୍ଧାରକଙ୍କ ମଧ୍ୟରେ ସମନ୍ୱୟ ଜରୁରୀ। ଆଇଆଇଟି ବମ୍ବେର ଦ୍ୱାରା ପ୍ରୋତ୍ସାହିତ



ଷ୍ଟାର୍ଟଅପ୍ 'ଉର୍ଜାନୋଭାକ'କୁ ଅଭିନନ୍ଦନ ଜଣାଇବା ସହ ଶ୍ରୀ ପ୍ରଧାନ ଏହାକୁ ଭାରତର ବୈଜ୍ଞାନିକ ସାମର୍ଥ୍ୟର ପ୍ରତିଫଳନ ବୋଲି ଅଭିହିତ କରିଛନ୍ତି ।

ଏହାପରେ କେନ୍ଦ୍ରମନ୍ତ୍ରୀ ଟାଟା ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ (ଟିସ) ର ୯୦ତମ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ 'ଗ୍ଲୋବାଲ କଲୋକ୍ୱିଅମ୍-୨୦୨୬' କୁ ସମ୍ବୋଧିତ କରିଥିଲେ । ସେ କହିଥିଲେ, ସାମାଜିକ ବିଜ୍ଞାନ କେବଳ ଏକ ପାଠ୍ୟକ୍ରମ ନୁହେଁ, ବରଂ ସମାଜର ପ୍ରଗତି ଓ ସମାନତା ପାଇଁ ଏକ ଦସ୍ତାବିଜ । ସେ କହିଥିଲେ ଯେ, ଭାରତର ବହୁସଂଖ୍ୟକ ଯୁବଶକ୍ତିଙ୍କ ପାଇଁ ବୁଝିଲା ଭଳି ତଥା ଆନ୍ତର୍ଜାତୀୟ ସ୍ତରର ଶିକ୍ଷା ବ୍ୟବସ୍ଥାର ଆବଶ୍ୟକତା ରହିଛି । ସେହିପରି ଗତ ୧୨ ବର୍ଷ ମଧ୍ୟରେ 'ସବ୍‌କା ସାଥ୍, ସବ୍‌କା ବିକାଶ' ଏବଂ 'ଜାମ' ତଥା ଜନଧନ, ଆଧାର ଓ ମୋବାଇଲ୍ ମାଧ୍ୟମରେ ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା ଓ ସମାବେଶୀ ବିକାଶ ଅଣାଯାଇଛି । ଆର୍ଥିକ ପ୍ରଗତି ସହ ସାମାଜିକ ସଚେତନତା ଓ ମାନବୀୟ ସମ୍ବେଦନଶୀଳତା ହିଁ ପ୍ରକୃତ ବିକାଶର ମାପକାଠି । ଟିସ ଭଳି ଅନୁଷ୍ଠାନ ଏହି କ୍ଷେତ୍ରରେ ଏକ ସେତୁ ଭାବେ କାର୍ଯ୍ୟ କରୁଛି । ଶେଷରେ ଶ୍ରୀ ପ୍ରଧାନ ସମସ୍ତ ଅଂଶଗ୍ରହଣକାରୀ, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କୁ ସଫଳ ବିଚାର ବିମର୍ଶ ପାଇଁ ଶୁଭେଚ୍ଛା ଜଣାଇଛନ୍ତି ।

# ମାଛ ମଞ୍ଜି କୋପ୍ତା

***ଆବଶ୍ୟକ ସାମଗ୍ରୀ:*** *ମାଛ ମଞ୍ଜି, ପିଆଜ, ଟମାଟୋ, ଅଦା, ରସୁଣ ବଟା, ଲଙ୍କାଗୁଣ୍ଡ, ଧନିଆଗୁଣ୍ଡ, ହଳଦୀ ଗୁଣ୍ଡ, ରିଫାଇନ୍ ତେଲ, କଟା ଧନିଆପତ୍ର, ଅଳ୍ପ କିଛି ବେସନ, ଗରମ ମସଲା, ସ୍ୱାଦ ଅନୁସାରେ ଲୁଣ ।*

***ପ୍ରସ୍ତୁତି ପ୍ରଣାଳୀ:*** *ମାଛ ମଞ୍ଜିକୁ ଭଲ ଭାବରେ ଧୋଇ ଦିଅନ୍ତୁ। ସେଥିରେ ଲୁଣ, ହଳଦୀ ଗୁଣ୍ଡ, କଟା ଧନିଆପତ୍ର, କଟା ପିଆଜ, କଟା କଂଚାଲଙ୍କା, କଟା ଅଦା, କଟା ରସୁଣ ଓ ସ୍ୱାଦ ଅନୁସାରେ ଲୁଣ ପକାନ୍ତୁ। ଏହାପରେ ବେସନ ପକାଇ ଭଲ ଭାବରେ ଗୋଳାଇ ତେଲରେ ଛାଣି ରଖନ୍ତୁ । ଅନ୍ୟ ଏକ କଡାଇରେ ତେଲ ଗରମ କରି ତେଜପତ୍ର, କଟା ପିଆ।ଜ, କଟା ଟମାଟୋ ପକାଇ ପିଆ।ଜ ଲାଲ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ବର୍ତମାନ ଏଥିରେ ରସୁଣ ବଟା, ଅଦାବଟା, ଧନିଆ।ଗୁଣ୍ଡ, ଲଙ୍କାଗୁଣ୍ଡ ଓ ହଳଦୀ ଗୁଣ୍ଡ ପକାଇ ଅଧା କପ ପାଣି ଦେଇ ମସଲାକୁ ଭଲ ଭାବରେ କଷନ୍ତୁ। ମସଲା କଷି ହୋଇଗଲା ପରେ ସ୍ୱାଦ ଅନୁସାରେ ଲୁଣ ପକାନ୍ତୁ। ମସଲା ଭଲ ଭାବରେ ଫୁଟିଗଲେ ଧିମି ଆଂଚରେ ରଖି ପୂର୍ବରୁ ଛାଣି ରଖିଥିବା ମାଛ ମଞ୍ଜିକୁ ପକାଇ ଢାଙ୍କୁଣି ଘୋଡାଇ ୫ରୁ ୧୦ ମିନିଟ୍ ରଖନ୍ତୁ। ମାଛ ମଞ୍ଜି କୋପ୍ତା ଭଲ ଭାବରେ ସିଝି ଗଲେ ଢାଙ୍କୁଣି କାଢି ଉପରେ କଟା ଧନିଆ।ପତ୍ର ଓ ଗରମ ମସଲା ଗୁଣ୍ଡ ପକାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ମାଛ ମଞ୍ଜି କୋପ୍ତା।*



ଖବର

# ପରସ୍ପରକୁ ଅନଫଲୋ କଲେ ମୌନି ରୟ ଏବଂ ସୁରଜ

ଗ୍ଲାମର ଦୁନିଆରେ ସଂପର୍କ କେତେ ଜଲଦି ହୁଏ ଆଉ କେତେ ଜଲଦି ଭାଙ୍ଗିଯାଏ, ତାହା ସମସ୍ତଙ୍କୁ ଜଣା । ଏବେ ବଲିଉଡର ଆଉ ଏକ ଜଣାଶୁଣା ଦମ୍ପତିଙ୍କ ବିବାହ ଭାଙ୍ଗିବା ଚର୍ଚ୍ଚାରେ ରହିଛି । ବଲିଉଡ ତଥା ଟିଭି ଅଭିନେତ୍ରୀ ମୌନି ରୟ ଏବଂ ସୂରଜ ନାମ୍ବିଆର ସୋସିଆଲ ମିଡିଆରେ ପରସ୍ପରକୁ ଅନଫଲୋ କରିଦେଇଛନ୍ତି । ଯେଉଁଥି ପାଇଁ ଫ୍ୟାନ୍ସ ସେମାନଙ୍କ ଛାଡପତ୍ର ନେଇ ଆକଳନ କରୁଛନ୍ତି ।ଖବର ମୁତାବକ, ମୌନି ଏବଂ ସୂରଜ ଉଭୟ ସୋସିଆଲ ମିଡିଆରେ ପରସ୍ପରକୁ ଅନଫଲୋ କରିଦେଇଛନ୍ତି । ସେମାନଙ୍କ ବାହାଘରର ଫଟୋ ଡିଲିଟ୍ କରିଦେଇଛନ୍ତି । ଯାହାକୁ ନେଇ ଫ୍ୟାନ୍ସ ଛାଡପତ୍ର କଥା ଚର୍ଚ୍ଚା କରୁଛନ୍ତି । ଦୁହେଁ ଏପର୍ଯ୍ୟନ୍ତ କୌଣସି ଅଫିସିଆଲ ଭାବେ କୌଣସି କଥା କହିନାହାନ୍ତି । ହେଲେ ଦମ୍ପତି ଦୁହେଁ ସୋସିଆଲ ମିଡିଆରେ ଫଟୋ ଡିଲିଟ୍ କରିବା ପରେ ଫ୍ୟାନ୍ସ ଆକଳନ କରୁଛନ୍ତି ।ମୌନି ରୟ ସବୁବେଳେ ତାଙ୍କ ସ୍ୱାମୀ ସୂରଜଙ୍କ ସହ ଛୁଟି କାଟିବାର ଫଟୋ ସେୟାର କରନ୍ତି । କିନ୍ତୁ ଏବେ ଆଉ ସେୟାର କରୁନାହାନ୍ତି । ସେମାନେ ଇନଷ୍ଟାଗ୍ରାମରେ ପରସ୍ପରକୁ ଅନଫଲୋ ମଧ୍ୟ କରି ଦେଇଛନ୍ତି । ମୌନି ରୟ ଏବଂ ସୂରଜ ୨୦୨୨ରେ ବିବାହ କରିଥିଲେ । ବିବାହର ୪ ବର୍ଷ ପରେ ଦୁହେଁ ଅଲଗା ହେବା ନେଇ ଚର୍ଚ୍ଚା ଚାଲିଛି ।ମୌନି ରୟ ଟିଭି ଏବଂ ବଲିଉଡ ଇଣ୍ଡଷ୍ଟ୍ରିର ଜଣାଶୁଣା ଅଭିନେତ୍ରୀ । ସୁରଜ ଜଣେ ବ୍ୟବସାୟୀ । ଦୁହେଁ ଦୀର୍ଘଦିନ ଧରି ଡେଟିଂ କରିବା ପରେ ୨୦୨୨ରେ ଗୋଆରେ ବିବାହ କରିଥିଲେ । ପ୍ରଥମେ ମଲୟାଲୀ ରୀତିନୀତି ଅନୁଯାୟୀ ବିବାହ କରିବା ପରେ ବଙ୍ଗାଳୀ ପରମ୍ପରାରେ ବିବାହ କରିଥିଲେ ।



# କ୍ୟାନସରରୁ ରକ୍ଷା କରିଥାଏ କଞ୍ଚାଲଙ୍କା

କଞ୍ଚାଲଙ୍କା ବିନା ଖାଇବା ଅଧୁରା ରହିଥାଏ । ଘରେ ଯେତେ ପ୍ରକାର ବ୍ୟନ ରୋଷେଇ ହୋଇଥିଲେ ମଧ୍ୟ କଞ୍ଚାଲଙ୍କା ବିନା ଖାଇବାର ସ୍ୱାଦ ନଥାଏ । ଅଧିକାଂଶ ଘରେ ଶୁଖିଲା ଲଙ୍କା ପେଟ ପରିବର୍ତ୍ତେ କଞ୍ଚାଲଙ୍କାକୁ ବାଟି ତରକାରୀ କରିବାକୁ ପସନ୍ଦ କରିଥାନ୍ତି । ଏହାର କାରଣ ଶୁଖିଲା ଲଙ୍କା ପେଟ ପାଇଁ ଖରାପ । କିନ୍ତୁ କଞ୍ଚା ଲଙ୍କାରେ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି । ଏଥିରେ ଭିଟାମିନ୍ ଏ, ବି,୬,ଆଇରନ୍, ପୋଟାସିୟମ୍ ପରି ପୋଷକତତ୍ତ୍ୱ ରହିଛି, ଯାହା ହୃଦଘାତ ଓ ପେଟଜନିତ ସମସ୍ୟାକୁ ଦୂର କରିଥାଏ । ତେବେ ଏଥିପାଇଁ ଏହାକୁ ସେମିତି କଞ୍ଚା ଖାଇଲେ ଭଲ । ତା’ହେଲେ ଆସନ୍ତୁ ଜାଣିବା କଞ୍ଚାଲଙ୍କା ଖାଇଲେ କେଉଁସବୁ ସ୍ୱାସ୍ଥ୍ୟ ଲାଭ ମିଳିଥାଏ ।

କଞ୍ଚାଲଙ୍କାରେ ଆଣ୍ଟି-ଅକ୍ସିଡାଣ୍ଟ ପ୍ରଚୁର ମାତ୍ରାରେ ରହିଛି । ତେଣୁ ପ୍ରତିଦିନ କଞ୍ଚାଲଙ୍କା ଖାଇଲେ ପ୍ରୋଷ୍ଟେଟ ବା ମୂତ୍ରାଶୟ ଜନିତ ସମସ୍ୟା ହୋଇନଥାଏ ।

ଏଥିରେ ଥିବା ଭିଟାମିନ ସି ଓ ବିଟା-କେରାଟିନ୍ ତତ୍ତ୍ୱ ଆଖି, ତ୍ୱଚା ଓ ଇମ୍ୟୁନୋ ସିଷ୍ଟମକୁ ଠିକ୍ ରଖିଥାଏ । କଞ୍ଚାଲଙ୍କା ରକ୍ତରେ ସୁଗାରର ସ୍ତରକୁ ନିୟନ୍ତ୍ରଣ କରିଥାଏ । ସେଥିପାଇଁ ଡାଇବେଟିସ ରୋଗୀ ପ୍ରତ୍ୟେକ ଦିନ କଞ୍ଚାଲଙ୍କା ଖାଇଲେ ଭଲ ।

ଆହୁରି ମଧ୍ୟ କଞ୍ଚାଲଙ୍କାରେ ଫାଇବରର ମାତ୍ରା ଅଧିକ ରହିଥିବାରୁ କୋଷ୍ଠକାଠିନ୍ୟ ସମସ୍ୟା ଦୂର ହୋଇଥାଏ ।

ଯଦି ଆପଣ ସବୁଦିନ କଞ୍ଚାଲଙ୍କା ଖାଉଛନ୍ତି,ତେବେ ଏଥିରେ ଥିବା ପ୍ରାକୃତିକ ତତ୍ତ୍ୱ ଓ ଆଣ୍ଟି-ଅକ୍ସିଡାଣ୍ଟ ମୁହଁ,ଗଳା,ଫୁସଫୁସ ଓ କୋଲୋନ୍ କ୍ୟାନସରରୁ ରକ୍ଷା କରିଥାଏ ।



# ଯାତ୍ରା କରିବା ପୂର୍ବରୁ ଏହି ବାସ୍ତୁ ଟିପ୍ସ ପ୍ରତି ଧ୍ୟାନ ଦିଅନ୍ତୁ

ବାସ୍ତୁଶାସ୍ତ୍ରରେ କୌଣସି କାର୍ଯ୍ୟରେ ଯାତ୍ରା କରିବା ପୂର୍ବରୁ ସେଥିରେ ସଫଳତା ପ୍ରାପ୍ତି କିଛି ଉପାୟ ବିଷୟରେ ବର୍ଣ୍ଣନା କରାଯାଇଛି । ଯାହାର ପାଳନ କଲେ ଯାତ୍ରାକୁ ମଙ୍ଗଳକାରୀ ଓ ସଫଳ କରି ହୋଇଥାଏ। ଏଥିପାଇଁ କିଛି କଥା ପ୍ରତି ଧ୍ୟାନ ଦେବା ନିତ୍ୟାନ୍ତ ଆବଶ୍ୟକୟ ଜାଣନ୍ତୁ.

- ଯାତ୍ରାରେ ଯିବା ସମୟରେ କୌଣସି ନକରାତ୍ମକ ଶବ୍ଦର ବ୍ୟବହାର କରନ୍ତୁ ନାହିଁ।

- ନିଜର ଇଷ୍ଟ ଦେବତାଙ୍କୁ ସ୍ମରଣ କରନ୍ତୁ। ଗାୟତ୍ରୀ ମନ୍ତ୍ରୀ ଜପ କରନ୍ତୁ।

- ଯାତ୍ରାରେ ଯିବା ପୂର୍ବରୁ ନଦୀ, ନିଆଁ, ପବନ, ଦେବୀଦେବତା, ଗୁରୁଜନ, ମାତାପିତାଙ୍କୁ ପରିହାସ କରନ୍ତୁ ନାହିଁ।

- ଘରୁ ବାହାରିବା ସମୟରେ ପ୍ରଥମେ ଡ଼ାହାଣ ପାଦ ପକାନ୍ତୁୟ ଅସହାୟଙ୍କୁ ଦାନ ଦିଅନ୍ତୁ। ଗାଈଙ୍କୁ ରୁଟି କିମ୍ବା ଘାସ ଖାଇବାକୁ ଦିଅନ୍ତୁ। ଏପରି କରିବା ଦ୍ୱାରା କାର୍ଯ୍ୟରେ ସଫଳତା ମିଳିଥାଏ।

- ଶାସ୍ତ୍ର ଅନୁଯାୟୀ, ସୋମବାର, ଶନିବାର ପୂର୍ବ ଦିଗରେ ଯାତ୍ରା କରିବା ଅତି ଶୁଭଫଳ ଦେଇନଥାଏୟ ସୋମବାର, ଗୁରୁବାର ପୂର୍ବ, ଦକ୍ଷିଣ ଦିଗରେ ଯାତ୍ରା କରନ୍ତୁ ନାହିଁ। ବୁଧବାର, ଶନିବାର ପୂର୍ବ, ଉତ୍ତର ଯାତ୍ରା କରିବା ଉଚିତ ନୁହେଁ। ରବିବାର ଓ ଶୁକ୍ରବାର ପଶ୍ଚିମ ଦିଗରେ ଯାତ୍ରା କରନ୍ତୁ ନାହିଁ।

- ମଙ୍ଗଳବାର ଦିନ ଉତ୍ତର ଦିଗକୁ ଯାତ୍ରା କରୁଥିଲେ ଘରୁ ଗୁଡ଼ ଖାଇ ଯାଆନ୍ତୁ। ବୁଧବାର ଉ□ର ଦିଗରେ ଯାତ୍ରା କରୁଥିଲେ ଧନିଆ କିମ୍ବା ରାଶି ଲଡ୍ଡୁ ଖାଇ ଯାଆନ୍ତୁ।

- ଗୁରୁବାର ଦିନ ଦକ୍ଷିଣ ଦିଗରେ ଯାତ୍ରା କରୁଥିଲେ ଦହି ଖାଇ ଯାତ୍ରା କରନ୍ତୁ। ଶୁକ୍ରବାର ଦିନ ପଶ୍ଚିମ ଦିଗରେ ଯାତ୍ରା କରୁଥିଲେ ଗହମରେ ପ୍ରସ୍ତୁତ ଖାଦ୍ୟ ଖାଆନ୍ତୁ।

- ଶନିବାର ଦିନ ପୂର୍ବ ଦିଗକୁ ଯାତ୍ରା କରୁଥିଲେ, ଅଦା ଖଣ୍ଡ ଖାଆନ୍ତୁ।



# ସଫଳତାର ମନ୍ତ୍ର

ହିନ୍ଦୁ ଧର୍ମରେ ଶ୍ରୀମଦ ଭାଗବତ ଗୀତାକୁ ସର୍ବଶ୍ରେଷ୍ଠ ବେଦ ବା ଶାସ୍ତ୍ର ବୋଲି କୁହାଯାଏ। ଗୀତାରେ ସବୁ ସମସ୍ୟାର ସମାଧାନ ରହିଛି। ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି ଯେ, ନିଜ ଆଚରଣକୁ ନେଇ ମଣିଷ ସର୍ବଦା ଗମ୍ଭୀର ଓ ସତର୍କ ରହିବା ଉଚିତ। ଯେଉଁ ବ୍ୟକ୍ତି ନିଜ ଆଚରଣକୁ ନେଇ ସତର୍କ ରୁହନ୍ତି ନାହିଁ ସେମାନଙ୍କୁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ। ଭଗବାନ ଶ୍ରୀକୃଷ୍ଣ କହିଛନ୍ତି,

ତଥାପି, ସବୁଠାରୁ ଜଣାଶୁଣା ବ୍ୟକ୍ତିମାନେ।

ସତ୍ୟପ୍ରମାନ କୁରୁଟେ ଲୋକସ୍ତାଡାନୁଭାର୍ଟେଟ୍ ।।

ଗୀତାର ଏହି ଉପଦେଶର ଅର୍ଥ ହେଲା, ମହାନ ବ୍ୟକ୍ତିଙ୍କ ଆଚରଣକୁ ଅନ୍ୟମାନେ ମଧ୍ୟ ଅନୁସରଣ କରନ୍ତି। ସେଥିପାଇଁ ନିଜ ଆଚରଣକୁ ନେଇ ଅନ୍ୟମାନଙ୍କ ପ୍ରତି ଗମ୍ଭୀର ରହିବା ଉଚିତ ଏବଂ ସମସ୍ତଙ୍କୁ ସମ୍ମାନ କରିବା ଉଚିତ। ଯଦି ଆପଣ ଜଣଙ୍କ ଠାରୁ ଖରାପ ବ୍ୟବହାର ଆଶା କରୁନାହାନ୍ତି,ତାହେଲେ ତାଙ୍କ ସହ ମଧ୍ୟ ଖରାପ ବ୍ୟବହାର କରିବା ଉଚିତ ନୁହେଁ। କାରଣ କଥାରେ ଯାହା ଦେବ ବଦଳରେ ତାହା ପାଇବ। ସମ୍ମାନ ଦେଲେ ହିଁ ସମ୍ମାନ ମିଳିଥାଏ। ଚାଣକ୍ୟଙ୍କ ଚାଣକ୍ୟ ନୀତି ବି ଏହା ହିଁ ଉପଦେଶ ଦିଏ। ଚାଣକ୍ୟଙ୍କ ଅନୁଯାୟୀ, ବ୍ୟକ୍ତି ପଦ-ପ୍ରତିଷ୍ଠା ଓ ଧନ ଯୋଗୁଁ ଶ୍ରେଷ୍ଠ ହୋଇନଥାଏ। ବ୍ୟକ୍ତି ନିଜର ଭଲ ବ୍ୟବହାର ଓ ଆଚରଣ ଦ୍ୱାରା ଶ୍ରେଷ୍ଠ ହୋଇଥାଏ। ସେଥିପାଇଁ ମଣିଷକୁ ସର୍ବଦା ଖରାପ ଅଭ୍ୟାସରୁ ଦୂରେଇ ରହିବା ଆବଶ୍ୟକ। କାରଣ ଖରାପ ଅଭ୍ୟାସ ମଣିଷର ପ୍ରତିଭା ବିନାଶ କରିଥାଏ। ସେଥିପାଇଁ ଜୀବନରେ ସଫଳ ହେବାକୁ ହେଲେ ଖରାପ ଅଭ୍ୟାସ ଛାଡି ଭଲ ଅଭ୍ୟାସ ଆପଣେଇବା ଆବଶ୍ୟକ। ନିନ୍ଦା ଅପବାଦରୁ ମଣିଷକୁ ଦୂରେଇ ରହିବା ଆବଶ୍ୟକ। ଯିଏ ଅନ୍ୟମାନଙ୍କ ଖରାପ ଚିନ୍ତା କରେ ବା ଅନ୍ୟମାନଙ୍କୁ ନିନ୍ଦା କରେ, ସେ ବ୍ୟକ୍ତି ଦିନେ ନିଜେ ହିଁ ଏହିସବୁ ଖରାପ ଗୁଣର ଅଧିକାରୀ ହୋଇଯାଏ। ଆରମ୍ଭରେ ନିନ୍ଦା କରିବାରେ ମଜା ଆସିଥାଏ କିନ୍ତୁ ଧୀରେ ଧୀରେ ସବୁ ଖରାପ ଗୁଣ ନିଜ ଭିତରକୁ ଆସିଥାଏ।

ଚାଣକ୍ୟଙ୍କ ଅନୁସାରେ ମଣିଷକୁ ସର୍ବଦା ଅହଙ୍କାର ଠାରୁ ଦୂରେଇ ରହିବା ଦରକାର। ଅହଙ୍କାରୀ ବ୍ୟକ୍ତି ସବୁବେଳେ ନିଜକୁ ଶ୍ରେଷ୍ଠ ଭାବିଥାଏ ଏବଂ ଏହା ଜୀବନର ସବୁଠାରୁ ବଡ ଭୁଲ। ଏହି ଭୁଲ ଦିନେ ମଣିଷର ପତନର କାରଣ ପାଲଟିଯାଏ। ରାମାୟଣରେ ରାବଣର ଚରିତ୍ର ଏହାର ଜ୍ୱଳନ୍ତ ଉଦାହରଣ। ସମସ୍ତ ବେଦ, ଧର୍ମଗ୍ରନ୍ଥ ଉପଦେଶ ଅନୁଯାୟୀ ସଫଳ ହେବା ପାଇଁ ସର୍ବ ପ୍ରଥମେ ଅହଙ୍କାର ତ୍ୟାଗ କରିବା ଉଚିତ। ଯେ ପର୍ଯ୍ୟନ୍ତ ବ୍ୟକ୍ତି ମଧ୍ୟରେ ଅହଙ୍କାର ରହିବ ସେ ପର୍ଯ୍ୟନ୍ତ ସେ ସ୍ନେହ ଓ ପ୍ରେମରୁ ଦୂରେଇ ରହିବ। ଲୋଭ ମଧ୍ୟ ମଣିଷର ଏକ ପ୍ରକାର ଶତ୍ରୁ। ଲୋଭ ସବୁ ପ୍ରକାର ଖରାପ ଗୁଣର କାରକ। ସେଥିପାଇଁ ଲୋଭରୁ ଦୂରେଇ ରହିବା ଉଚିତ। ଲୋଭ କରୁଥିବା ବ୍ୟକ୍ତି କେବେ ବି ସନ୍ତୁଷ୍ଟ ହୋଇନଥାଏ। ଲୋଭ ଯୋଗୁଁ ବ୍ୟକ୍ତିର ଚିତ୍ତ ଶାନ୍ତ ରହେନି ଏବଂ ସେ ସବୁବେଳେ ଅନ୍ୟମାନଙ୍କୁ ଅହଙ୍କାର କରିଥାଏ।



# ଘରେ ମୟୂର ପୁଚ୍ଛ ରଖିବା ଶୁଭ

ଭଗବାନ ଶ୍ରୀକୃଷ୍ଣଙ୍କର ମୟୂର ପୁଚ୍ଛ ଅତି ପ୍ରିୟ । ସେଥିଲାଗି ତାଙ୍କ ଶୃଙ୍ଗାରରେ ମୟୂର ପୁଚ୍ଛକୁ ବିଶେଷ ସ୍ଥାନ ଦିଆଯାଇଛି । ଏହା ବିନା ତାଙ୍କର ସ୍ୱରୂପ ଅସମ୍ପୂର୍ଣ୍ଣ ବୋଲି ଜଣାଯାଏ । ଜ୍ୟୋତିଷ ଏବଂ ବାସ୍ତୁ ଶାସ୍ତ୍ରରେ ମଧ୍ୟ ମୟୂର ପୁଚ୍ଛକୁ ଶୁଭର ପ୍ରତୀକ ବୋଲି କୁହାଯାଇଛି । ଆସନ୍ତୁ ଜାଣିବା ମୟୂର ପୁଚ୍ଛ ସହିତ ଜଡିତ କିଛି ବାସ୍ତୁ ଟିପ୍ସ : ଠାକୁର ଘରେ ମୟୂର ପୁଚ୍ଛ ଏବଂ ବଂଶୀକୁ ଏକା ସାଥିରେ ରଖିବା ଦ୍ୱାରା ଘର ମଧ୍ୟରେ ଭଲ ପାଇବା ବଢିବା ସହିତ ସକାରାତ୍ମକ ଶକ୍ତି ସଞ୍ଚାର ହୋଇଥାଏ । ଘରର ମୁଖ୍ୟ ଦ୍ୱାରରେ ଗଣେଶଙ୍କ ସହିତ ମୟୂର ପୁଚ୍ଛ ରଖିବା ଦ୍ୱାରା ବାସ୍ତୁଦୋଷ ଦୂର ହୋଇଥାଏ । ସକାରାତ୍ମକ ଭାବନା ଜାଗ୍ରତସ ହେବା ସହିତ କୁ ଶକ୍ତି ପ୍ରବେଶ କରି ପାରିନଥାଏ । ଅନେକ ପିଲାଙ୍କୁ ରାତିରେ ଶୋଇବା ସମୟରେ ଡର ଲାଗିଥାଏ । ତେଣୁ ତାଙ୍କ ତକିଆ ତଳେ ମୟୂର ପୁଚ୍ଛ ରଖିବା ଦ୍ୱାରା ସମସ୍ତ ଖରାପ ନଜରରୁ ରକ୍ଷା ପାଇଥାନ୍ତି । ବାସ୍ତୁ ଅନୁସାରେ, ମୟୂର ପୁଚ୍ଛକୁ ଫ୍ରେମ୍ କରି କାନ୍ଥରେ ଲଗାଇବା ଦ୍ୱାରା ଆର୍ôଥକ ସମସ୍ୟା ଦୂର ହେବା ସହିତ ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇଥାଏ । ମୟୂର ପୁଚ୍ଛ ସହିତ ୨୧ ଥର ଗ୍ରହ ମନ୍ତ୍ର ପଢି, ତାହା ଉପରେ ଜଳ ସିଞ୍ଚନ କରି ଏକ ଏମିତି ସ୍ଥାନରେ ରଖିବେ ଯେମିତିକି ତାହା ଉପରେ ସମସ୍ତଙ୍କ ନଜର ରହୁଥିବ । ଏହା ଦ୍ୱାରା ରାହୁ ଦୋଷ ଦୂର ହେବା ସହିତ ଜୀବନରେ ସବୁ ମଙ୍ଗଳମୟ ହୋଇଥାଏ ।



# ଶରଧାପୁର-ପିତାପଲ୍ଲୀ ରାସ୍ତା କାମ ଆରମ୍ଭ



**ଭୁବନେଶ୍ୱର,୧୨।୫ (ମହାଭାରତ):** ଆରମ୍ଭ ହୋଇଛି ଖୋର୍ଦ୍ଧା ୫୭ ନମ୍ବର ଜାତୀୟ ରାଜପଥ, ଶରଧାପୁର ଠାରୁ ପିତା ପଲ୍ଲୀ ପର୍ଯ୍ୟନ୍ତ ରାସ୍ତା ଉନ୍ନତି କରଣ କାମ। ୨କୋଟି ୭୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ଆସନ୍ତା ୩ ମାସ ମଧ୍ୟରେ ସମ୍ପନ୍ନ ହେବାକୁ ଥିବା ବେଳେ,ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଙ୍କ ଦ୍ୱାରା ଏହାର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି ।ଏହି ଅବସରରେ ମୋଦୀ ଜି ଙ୍କ ସୁଶାସନ ମଡେଲ କୁ ସାଢ଼େ ଚାରି କୋଟି ଭାରତୀୟ ପସନ୍ଦ କରୁଥିବା ବେଳେ,ବର୍ତ୍ତମାନ ଓଡ଼ିଶା ,ବେଙ୍ଗଲ ସମେତ ୨୧ଟି ରାଜ୍ୟରେ ଭାରତୀୟ ଜନତା ପାର୍ଟି ନେତୃତ୍ୱାଧୀନ ଏନ୍ ଡି ଏ ଶାସନ କରୁଥିବା ନେଇ କହିଛନ୍ତି ସାଂସଦ। ଏଥିସହିତ ରାଜ୍ୟରେ ଚାଲୁଥିବା ଡବଲ ଇଞ୍ଜିନ ସରକାର ଯୋଗୁଁ ସମସ୍ତ କାର୍ଯ୍ୟ ସୁରୁଖୁରୁ ରେ ହେଉଥିବା ଦର୍ଶାଇଥିଲେ ଅପରାଜିତା। 'ବିକାଶ ଓ ସେବା ର କୌଣସି ଦଳ ନଥାଏ' କହି ଆଗାମୀ ଦିନରେ ଭୁବନେଶ୍ୱର ଭଳି ଖୋର୍ଦ୍ଧା ମୁନସିପାଲଟି କୁ ସର୍ବାଙ୍ଗ ସୁନ୍ଦର କରିବାକୁ ଆହ୍ୱାନ ଦେଇଥିଲେ ସାଂସଦ।

ଅନ୍ୟପଟେ ଖୁବ୍ କମ ସମୟ ମଧ୍ୟରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ୮୩୦୬ କୋଟି ଟଙ୍କା ବ୍ୟୟ ଅଟକଳରେ ଆରମ୍ଭ ହେବାକୁ ଯାଉଥିବା ,ରାମେଶ୍ୱର ଟାଙ୍ଗୀ ଠାରୁ କଟକ ଟାଙ୍ଗୀ ପର୍ଯ୍ୟନ୍ତ ୧୧୧କିଲୋମିଟରର , ୬ ଲେନ୍ ବିଶିଷ୍ଟ ରିଂ ରୋଡ ପ୍ରକଳ୍ପ ର ଭିତ୍ତି ପ୍ରସ୍ତର ସ୍ଥାପନ କରାଯିବ ଏବଂ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଏହାର କାମ ସରିବା ନେଇ ସୂଚନା ଦେଇଛନ୍ତି ସାଂସଦ। ତେବେ ସମସ୍ତ କାର୍ଯ୍ୟ ଲୋକ ମାନଙ୍କ ମତାମତ ନେଇ କରାଯାଉଥିବା ବେଳେ, ସୁଶାସନ କୁ ଆହୁରି ଲୋକାଭିମୁଖୀ କରିବା ପାଇଁ ପ୍ରତ୍ୟେକ ମାସେ,ଦୁଇମାସ ରେ ଅଭିଯୋଗ ଶୁଣାଣି କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ସାଂସଦ ଅପରାଜିତା ଷଡ଼ଙ୍ଗୀ।

ଏହି ଅବସରରେ ୧୫୦କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ଚାଲୁଥିବା ଖୋର୍ଦ୍ଧା ବାଇପାସ୍ ରୋଡ କାର୍ଯ୍ୟ ସଠିକ୍ ସମୟରେ ସମ୍ପନ୍ନ ହେବ ବୋଲି କହିବା ସହିତ କୌଣସି ସ୍ଥାନରେ ବିସ୍ଥାପନ ସମସ୍ୟା ସୃଷ୍ଟି ହେଲେ ପ୍ରଥମେ ଥଇଥାନ ଓ ପରେ ବିକାଶ କାମ କରାଯିବ ବୋଲି ଆଶ୍ୱାସନା ଦେଇଥିଲେ ସାଂସଦ।

ଏହି ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ରେ ସାଂସଦ ଙ୍କ ସହ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ପୂର୍ବତନ ବିଧାୟକ ଜିତୁ ମିତ୍ର,ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନ୍ ସିଂ,ପୌରାଧକ୍ଷ୍ୟା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ଶୌର୍ଯ୍ୟ ରଞ୍ଜନ ମହାନ୍ତି,ଜାତୀୟ ରାଜପଥ ବିଭାଗ ର ବରିଷ୍ଠ ଅଧିକାରୀ ପି.କେ.ପ୍ରଧାନ,ଖୋର୍ଦ୍ଧା ସାଂସଦ ପ୍ରତିନିଧି ଦୀପୁ ହୋତା,ନିକୁଞ୍ଜ ପଟ୍ଟନାୟକ, ରଶ୍ମି ରଞ୍ଜନ ମହାପାତ୍ର, ପ୍ରକାଶ ସାମନ୍ତରାୟ,ବାସନ୍ତୀ ମହାପାତ୍ର, ପ୍ରଫୁଲ୍ଲ ଦଳାଇ, ବିଭୁ ପ୍ରସାଦ ବଳିୟାରସିଂହ,ଚାଇନା ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।

# ନେଦରଲ୍ୟାଣ୍ଡର ରାଷ୍ଟ୍ରଦୂତଙ୍କୁ ଭେଟିଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ



**ଭୁବନେଶ୍ୱର,୧୨।୫ (ମହାଭାରତ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭାରତରେ ଅବସ୍ଥାପିତ ନେଦରଲ୍ୟାଣ୍ଡର ରାଷ୍ଟ୍ରଦୂତ ମାରିସା ଗେରାର୍ଡସଙ୍କୁ ଭେଟି ଉଭୟ ଦେଶ ମଧ୍ୟରେ ଉଚ୍ଚ ଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ସହଯୋଗର ନୂତନ ଦିଗ ଉପରେ ଆଲୋଚନା କରିଛନ୍ତି । ଏହି ବୈଠକରେ ଉଭୟ ଦେଶ ମଧ୍ୟରେ ଶିକ୍ଷାଗତ ସହଯୋଗକୁ ଅଧିକ ସୁଦୃଢ଼ କରିବା ପାଇଁ ଚର୍ଚ୍ଚା କରାଯାଇଛି। ଭାରତ ଏବଂ ନେଦରଲ୍ୟାଣ୍ଡ ଆସନ୍ତା ଶିକ୍ଷା ବର୍ଷରୁ ହାଇଡ୍ରୋଜେନ, ସେମିକଣ୍ଡକ୍ଟର, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ସହରୀ ବିକାଶ ଏବଂ କୃଷି ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଗୁଡ଼ିକରେ ସଂଗଠିତ ଭାବେ କାର୍ଯ୍ୟ କରିବେ । ଏହି ଭାଗିଦାରୀ ମାଧ୍ୟମରେ ନୂତନତା, ଗବେଷଣା ଏବଂ ଜ୍ଞାନର ଆଦାନପ୍ରଦାନ ପାଇଁ ନୂତନ ମାର୍ଗ ପ୍ରଶସ୍ତ ହେବ, ଯାହା ଶିକ୍ଷା କ୍ଷେତ୍ରରେ ଏକ ଉତ୍ତମ ପରିବେଶ ସୃଷ୍ଟି କରିବ। ଶ୍ରୀ ପ୍ରଧାନ କହିଛନ୍ତି ଯେ, ଏହି ମିଳିତ ପ୍ରୟାସ ଦୁଇ ଦେଶର ଶିକ୍ଷା ବ୍ୟବସ୍ଥାକୁ ଆନ୍ତର୍ଜାତୀୟ ସ୍ତରରେ ଯୋଡ଼ିବା ସହ ଏକ ଭବିଷ୍ୟତ ଗଠନ କରିବା ଦିଗରେ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ଉଚ୍ଚଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ଭାରତ ଓ ନେଦରଲ୍ୟାଣ୍ଡ ମଧ୍ୟରେ ସହଯୋଗର ଏକ ନୂତନ ଅଧ୍ୟାୟ ଆରମ୍ଭ କରିବ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି।

# ରାଜ୍ୟ ଏମ୍‌ସି ଓ ଏପିଓ ସଂଘର ଆନ୍ଦୋଳନ

**ଭୁବନେଶ୍ୱର,୧୨।୫ (ମହାଭାରତ):** ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅନ୍ତର୍ଗତ ସମସ୍ତ ବ୍ଲକ କାର୍ଯ୍ୟାଳୟରେ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ (ଏ.ପି.ଓ.)



ଏବଂ ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ଜିଲ୍ଲା ସଂଯୋଜକ (ଏମ୍.ସି.) ଭାବେ ଦୀର୍ଘ ୧୫ ବର୍ଷ ଧରି ଶୃଙ୍ଖଳିତ ଭାବେ ସମସ୍ତ ସରକାରୀ କାର୍ଯ୍ୟକ୍ରମକୁ କରିଆସୁଥିବା ପରିପ୍ରେକ୍ଷୀରେ ଆଜି ପର୍ଯ୍ୟନ୍ତ ବାରମ୍ବାର ଅନୁରୋଧ ସତ୍ତ୍ୱେ ସରକାର ଏହି ପଦବୀ ଗୁଡ଼ିକରେ ସ୍ଥାୟୀ ନିଯୁକ୍ତି ଦେଉ ନଥିବାରୁ ଆଜକୁ ଦୀର୍ଘ ୧୮ ଦିନ ଧରି ଲୋୟର ପିଏମ୍‌ଜିଠାରେ ବିଧାନସଭା ସମ୍ମୁଖରେ ସଂଘର ସମସ୍ତ କର୍ମକର୍ତ୍ତା ଆନ୍ଦୋଳନ ଜାରି ରଖିଛନ୍ତି । ଏଠାରେ ଉଲ୍ଲେଖନୀୟ ଯେ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଅଧିନରେ ଆମ ସଂଘର ସମସ୍ତ ସଦସ୍ୟ ସରକାରଙ୍କର ପ୍ରତିଟି ସଫଳତା ପଛରେ ମୁଖ୍ୟ କାରିଗର ଭାବେ କାମ କରିଆସୁଅଛୁ । ମହାତ୍ମା ଗାନ୍ଧୀ ନରେଗା କାର୍ଯ୍ୟର ପ୍ରତ୍ୟେକ ତତ୍ତ୍ୱାବଧାନ ସହିତ ଗରିବଙ୍କୁ ଭତ୍ତା ପ୍ରଦାନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କୁ ଘର ବଣ୍ଟନ, ଗ୍ରାମସଭା ପରିଚାଳନା ଏବଂ ଭିନ୍ନକ୍ଷମ ମାନଙ୍କ ପାଇଁ ସେବାକାର୍ଯ୍ୟ ଏମ୍.ସି. ଓ ଏ.ପି.ଓ ମାନେ ନିଷ୍ଠାର କରିଆସୁଥିଲେ ମଧ୍ୟ ସ୍ୱଳ୍ପ ଦରମାରେ ପରିବାର ପ୍ରତିପୋଷଣ କରିବାରେ ଅକ୍ଷମ ହେଉଥିବାରୁ ସ୍ଥାୟୀ ନିଯୁକ୍ତି ପାଇଁ ସରକାରଙ୍କ ପାଖରେ ବିଭିନ୍ନ ସମୟରେ ନିଜର ଦାବି ଉପସ୍ଥାପନ କରିଆସୁଥିଲେ ବି ସରକାର କୌଣସି ପଦକ୍ଷେପ ନ ନେବା ବଡ଼ ଦୁଃଖର ବିଷୟ ବୋଲି ସଂଘର ସାଧାରଣ ସମ୍ପାଦକ ମାନସ ରଂଜନ କର ପ୍ରକାଶ କରିଛନ୍ତି । ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ସମାନ ବିଭାଗରେ କାର୍ଯ୍ୟରତ ଜି.ପି.ଟି.ଏ., ଜି.ଆର.ଏସ୍. ଏବଂ ସି.ପି. ମାନଙ୍କୁ ବିଗତ ଦିନ ଗୁଡ଼ିକରେ ନିୟମିତ କରାଯାଇଥିବା ବେଳେ ଏମ୍.ସି. ଓ ଏ.ପି.ଓ ମାନେ ସ୍ନାତକ ଡିଗ୍ରୀଧାରୀ କର୍ମଚାରୀ ହୋଇଥିଲେ ବି ସରକାର ଆମ୍ଭମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବାରେ ବୈମାତୃକ ମନୋଭାବ ପୋଷଣ କରୁଥିବାରୁ ବାଧ୍ୟହୋଇ ଆମ ସଂଘ ତରଫରୁ ୨୦.୦୪.୨୦୨୬ ଠାରୁ ଆଜି ପର୍ଯ୍ୟନ୍ତ ଦୀର୍ଘ ୧୮ ଦିନ ଧରି ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିଆସୁଅଛୁ ।

# ଆଗୁଆ ପରୀକ୍ଷଣ ଦ୍ୱାରା ଲୁପସ ବ୍ୟାଧିକୁ ପରାସ୍ତ କରି ହେବ

**ଭୁବନେଶ୍ୱର,୧୨।୫ (ମହାଭାରତ):** ଅନେକ ଜାଣନ୍ତି ନାହିଁ ଯେ ଲୁପସ୍ ହେଉଛି ଏକ ଅଟୋଇମ୍ୟୁନ ବ୍ୟାଧି ଯେଉଁଥିରେ ଶରୀରର ପ୍ରତିରକ୍ଷା ପ୍ରଣାଳୀ ନିଜର ସୁସ୍ଥ କୋଷକୁ ଆକ୍ରମଣ କରେ। ଏହି ସମସ୍ୟା ୨୦ ବର୍ଷରୁ ଆରମ୍ଭ କରି ୫୦ ବର୍ଷ ପର୍ଯ୍ୟନ୍ତ ମହିଳାମାନଙ୍କ ଠାରେ ପ୍ରାୟତଃ ଦେଖାଯାଇଥାଏ। ତେବେ ଏହାର ଚିକିତ୍ସା ସମ୍ଭବ ଏବଂ ଉଚିତ୍ ପଦକ୍ଷେପ ନେଲେ ରୋଗୀ ଜଣକ ସାଧାରଣ ଜୀବନ ଧାରଣ କରିପାରିବ ବୋଲି ରବିବାର ସୂଚନା ଦେଇଛନ୍ତି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍‌ର କ୍ଲିନିକାଲ୍ ଇମ୍ୟୁନୋଲୋଜି ଆଣ୍ଡ ର୍ୟୁମାଟୋଲୋଜି ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ପ୍ରଦୀପ୍ତ ଶେଖର ପାତ୍ରୋ।

ଲୁପସ୍ ଏକ ସଂକ୍ରାମକ ବ୍ୟାଧି ନୁହେଁ, ଯଦିଓ ଏହାର ଅନେକ ପ୍ରତିରୂପ ରହିଛି ତେବେ ଏହାର ଚିକିତ୍ସା ସମ୍ଭବ। ଲୁପସ୍ ବା ଏସ୍.ଏଲ୍.ଇ (ସିଷ୍ଟମିକ ଲୁପସ୍ ଏରିଥ୍ମାଟୋସିସ୍) ସାଧାରଣତଃ ମହିଳା ମାନଙ୍କ କ୍ଷେତ୍ରରେ ଅଧିକ ଦେଖାଯାଇଥାଏ। ଏହି ରୋଗ ଶରୀରର ଯେ କୌଣସି ଅଙ୍ଗକୁ ଆକ୍ରାନ୍ତ କରିପାରେ। ସବୁ ଲୁପସ୍ ରୋଗୀଙ୍କ ଲକ୍ଷଣ ଏକ ପ୍ରକାର ହୋଇ ନଥାଏ। କାହାକୁ ଜ୍ୱର ସହିତ ଗଣ୍ଠି ବ୍ୟଥା ଅନୁଭବ ହେଉଥିବାବେଳେ




ଆଉ କାହାର ପରୀସ୍ରାରେ ଅଧିକ ପ୍ରୋଟିନ୍ ଯାଇଥାଏ ବୋଲି ରବିବାର ବିଶ୍ୱ ଲୁପସ ଦିବସ ଅବସରରେ ଆଇଏମଏସ ଆଣ୍ଡ ସମ ହସ୍ପିଟାଲ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଫେସର ପାତ୍ରୋ ସୂଚନା ଦେଇଛନ୍ତି।

ଏହା ଏକ ଅଟୋଇମ୍ୟୁନ ବ୍ୟାଧି। ଏଥିରେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇବା ସହ କୋଷ, ଚର୍ମ, ରକ୍ତ କଣିକା, ବୃକକ୍ (କିଡନୀ) ଏବଂ ମସ୍ତିଷ୍କ ଭଳି ବିଭିନ୍ନ ଅଙ୍ଗକୁ ଆକ୍ରାନ୍ତ କରିଥାଏ। ତେବେ ଏହାର ସଠିକ୍ କାରଣ ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ ବୋଲି ଡାକ୍ତର ପାତ୍ରୋ କହିଛନ୍ତି।

ବିଶ୍ୱ ଲୁପସ୍ ଦିବସ ଅବସରରେ ଆଇଏମ୍ଏସ୍ ଆଣ୍ଡ ସମ ହସ୍ପିଟାଲ୍‌ର କ୍ଲିନିକାଲ୍ ଇମ୍ୟୁନୋଲୋଜି ଏବଂ ର୍ୟୁମାଟୋଲୋଜି ବିଭାଗ ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଂଟିନ୍ ଛକରୁ ରାମ ମନ୍ଦିର ପର୍ଯ୍ୟନ୍ତ ଏକ ସଚେତନତା ର୍ୟାଲିର ମଧ୍ୟ ଆୟୋଜନ କରାଯାଇଥିଲା। ରବିବାର ସକାଳ ସମୟରେ ଆୟୋଜିତ ଏହି ର୍ୟାଲିରେ ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀମତି ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଏକାମ୍ର ଭୁବନେଶ୍ୱର ବିଧାୟକ ଶ୍ରୀ ବାବୁ ସିଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଆଇଏମଏସ୍ ଆଣ୍ଡ ସମ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ଏବଂ ପ୍ରଫେସର ପାତ୍ରୋ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ବାଚସ୍ପତି ଶ୍ରୀମତି ପାଢ଼ୀ କହିଥିଲେ ଯେ ଲୁପସ ଅଧିକ ମାତ୍ରାରେ ଯୁବତୀମାନଙ୍କୁ ପ୍ରଭାବିତ କରୁଥିବା ବେଳେ ଏହି ରୋଗର ନିରାକରଣ ଏବଂ ଏହା ସହ ଲଢ଼ିବା ପାଇଁ ସଚେତନତାର ଆବଶ୍ୟକତା ରହିଛି।

ସେହିପରି ଶ୍ରୀ ବାବୁ ସିଂ କହିଥିଲେ ଯେ ଏହି ରୋଗ ସମ୍ପର୍କରେ ଖୁବ୍ କମ୍ ବ୍ୟକ୍ତି ଅବଗତ ଥିବା ବେଳେ ଏ ନେଇ ଅଧିକ ସଚେତନ ହେବାର ଆବଶ୍ୟକତା ରହିଛି। ଆଇଏମ୍ଏସ୍ ଆଣ୍ଡ ସମ ହସ୍ପିଟାଲ୍ ଏ ଦିଗରେ ଖୁବ୍ ଭଲ କାର୍ଯ୍ୟ ଏବଂ ଚିକିତ୍ସା ପ୍ରଦାନ କରୁଛି ବୋଲି ସେ କହିଥିଲେ।

ଆୟୋଜିତ ଏହି ର୍ୟାଲିରେ ଆଇଏମ୍ଏସ୍ ଆଣ୍ଡ ସମ ହସ୍ପିଟାଲର ୨୦୦ ରୁ ଉର୍ଦ୍ଧ୍ୱ ଡାକ୍ତର, ନର୍ସ, ଛାତ୍ରଛାତ୍ରୀ ଓ ସ୍ୱାସ୍ଥ୍ୟସେବୀ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ଝାଡେଶ୍ୱରି ଓ ଖଣ୍ଡଗିରି ମଣ୍ଡଳରେ ଜନଆକ୍ରୋଶ ମହିଳା ପଦଯାତ୍ରା

**ଭୁବନେଶ୍ୱର,୧୨।୫ (ମହାଭାରତ):** ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ସଂସଦରେ ବାଧାପ୍ରାପ୍ତ କରି କଂଗ୍ରେସ ସମେତ ଅନ୍ୟାନ୍ୟ ବିରୋଧି ଦଳଗୁଡିକ ଦେଶର ଅଧା ଜନସଂଖ୍ୟା ସହ ବିଶ୍ୱାସଘାତକତା କରିଛନ୍ତି । ମହିଳାଙ୍କ ସାମ୍ବିଧାନିକ ଅଧିକାରକୁ ହତ୍ୟା କରିଛନ୍ତି ବିରୋଧୀ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମହିଳାଙ୍କୁ ବିଧାନସଭା ଓ ଲୋକସଭାରେ ୩୩ ପ୍ରତିଶତ ସଂରକ୍ଷଣ ଦେଇ ସେମାନଙ୍କୁ ନୀତି ନିର୍ଦ୍ଧାରଣ ପ୍ରକ୍ରିୟାରେ ସାମିଲ କରିବାକୁ ଚାହୁଁଥିବାବେଳେ ବିରୋଧୀ ଦଳ ଗୁଡିକ ନିଜର ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ପାଇଁ ଏହାକୁ ବିଫଳ କରିଛନ୍ତି ।

ଏହା କେବଳ "ଏକ ବିଲ୍ ର ପରାଜୟ ନୁହେଁ, ବରଂ ମା' ମାନଙ୍କ ସ୍ୱପ୍ନର ଭ୍ରୂଣହତ୍ୟା" । ଏହା ମୋଦିଙ୍କ ପରାଜୟ ନୁହେଁ, ଦେଶର ସମଗ୍ର ମହିଳାଙ୍କ ପାଇଁ ଶକ୍ତ ଧକ୍କା । ବିଶେଷକରି କଂଗ୍ରେସ ଏବଂ ଅନ୍ୟ ବିରୋଧୀଦଳଗୁଡିକ କେବଳ ମହିଳାଙ୍କୁ ଭୋଟ୍




ବ୍ୟାଙ୍କ ଭାବେ ବ୍ୟବହାର କରୁଥିବାବେଳେ,ମୋଦୀ ସରକାର ସେମାନଙ୍କୁ ପ୍ରକୃତ ସଶକ୍ତିକରଣ ପ୍ରଦାନ କରିବାକୁ ସଂକଳ୍ପବଦ୍ଧ ବୋଲି ବିଧାୟକ ବାବୁ ସିଂ କହିଛନ୍ତି । ଏକାମ୍ର ନିର୍ବାଚନ ମଣ୍ଡଳୀର ଝାଡେଶ୍ୱରି ଓ ଖଣ୍ଡଗିରି ମଣ୍ଡଳ ପକ୍ଷରୁ ଜନ ଆକ୍ରୋଶ ମହିଳା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା ।ଝାଡେଶ୍ୱରି ମଣ୍ଡଳ ପକ୍ଷରୁ ଏୟାରପୋର୍ଟ ଛକ ଠାରୁ ଆରମ୍ଭ ହୋଇ ପଳାଶପଲ୍ଲୀ ଛକ ଠାରେ ଜନ ଆକ୍ରୋଶ ମହିଳା ପଦଯାତ୍ରା ଶେଷ ହୋଇଥିଲା। ସେହି ଭଳି ଖଣ୍ଡଗିରି ମଣ୍ଡଳ ପକ୍ଷରୁ ଜୟଦେବ ବାଟିକା ଛକ ଠାରୁ ଆରମ୍ଭ ହୋଇ ଆଇଗିଣିଆ ଛକ ଠାରେ ଶେଷ ହୋଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ବିଜେପି ସଭାପତି ନିରଞ୍ଜନ ମିଶ୍ର,ଝାଡେଶ୍ୱରି ମଣ୍ଡଳ ସଭାପତି ମନୋଜ ପାତ୍ର, ଖଣ୍ଡଗିରି ମଣ୍ଡଳ ସଭାପତି ଆରତୀ ଭୂଈଆ,ବିଜେପି ନେତା ସୁନୀଲ ପ୍ରଧାନ,ତାପସ ଦଳାଇ, ସୁରେନ୍ଦ୍ର ପ୍ରଧାନ,ଧିରେନ ପାତ୍ର, ରଶ୍ମିତା ସେଠୀ,ରାମ ରଣସିଂହ, ଅମ୍ବିକା ମହାରଣା, ଇଦିସ ଭୁଇୟା, ସୁରେନ ଛୁଆଳସିଂ, ଦୀପକ ପଟ୍ଟନାୟକ, ରୋନକ ଷଡ଼ଙ୍ଗୀ , ରଜନୀ ବାଳା ଦାସ ପ୍ରମୁଖ ଯୋଗଦେଇଥିଲେ।

# ଭାରତ-ରୁଷିଆ ଚଳଚ୍ଚିତ୍ରଗତ ସହଯୋଗୀତା ବୈଶ୍ୱିକ ସହ-ପ୍ରଯୋଜନା

**ଭୁବନେଶ୍ୱର,୧୨।୫ (ମହାଭାରତ):** ଦଶନ୍ଧି ଦଶନ୍ଧି ଧରି ଭାରତ ଓ ରୁଷିଆ ମଧ୍ୟରେ ସାଂସ୍କୃତିକ ବନ୍ଧନ ଚଳଚ୍ଚିତ୍ର ଜରିଆରେ ଏହାର ସର୍ବାଧିକ ମଜଭୁତ ଅଭିବ୍ୟକ୍ତିକୁ ଖୋଜି ପାଇଛି। ରାଜ କପୁରଙ୍କ କାଳଜୟୀ ଅଭିବ୍ୟକ୍ତି ଠାରୁ ରୁଷୀୟ ଦର୍ଶକମାନଙ୍କ ମଧ୍ୟରେ ମିଥୁନ ଚକ୍ରବର୍ତ୍ତୀଙ୍କର ବିପୁଳ ଲୋକପ୍ରିୟତାକୁ ନେଇ ଭାରତୀୟ ଚଳଚ୍ଚିତ୍ରଗୁଡିକ ରୁଷୀୟ କଳ୍ପନାରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଯାହା ଏକଦା ପ୍ରଶଂସାରୁ ଆରମ୍ଭ ହୋଇଥିଲା ତାହା ଏବେ ଅଧିକ ଉଲ୍ଲେଖନୀୟ ବିଷୟକୁ ରୂପାନ୍ତରିତ ହୋଇଛି, ତାହା ହେଉଛି କାହାଣୀ କଥନ, କଳାତ୍ମକ ବିନିମୟ ଏବଂ ବୈଶ୍ୱିକ ଆକାଂକ୍ଷାରେ ମୂଳ ରଖୁଥିବା ଅଗ୍ରଗାମୀ ସୃଜନଶୀଳ ସହଭାଗୀତା। ସମ୍ପ୍ରତି ସେହି ସମ୍ପର୍କ ବୃହଦାକାୟ ଭାରତ-ରୁଷୀୟ ସହ-ପ୍ରଯୋଜନାଗୁଡିକ ଜରିଆରେ ଏକ ନୂଆ ପର୍ଯ୍ୟାୟରେ ପ୍ରବେଶ କରୁଛି, ଯେଉଁଥିରେ ସଂସ୍କୃତି, ସ୍ଥଳବିଶେଷ, ପ୍ରତିଭା ଏବଂ ଚଳଚ୍ଚିତ୍ରଗତ ପରମ୍ପରାଗୁଡିକର ଅପ୍ରତ୍ୟାଶିତ ଭାବରେ ସମ୍ମିଶ୍ରଣ ଘଟୁଛି। ରୁଷର ଅନ୍ୟତମ ଅଗ୍ରଣୀ ମିଡିଆ ଗୋଷ୍ଠୀ 'ଗାଜପ୍ରୋମ-ମିଡିଆ ହୋଲ୍‌ଡିଂ' ସମଗ୍ର ଭାରତରେ ବ୍ୟାପକ ଭାବରେ ପ୍ରକଳ୍ପଗୁଡିକର ବିକାଶ ଏବଂ ପ୍ରଯୋଜନା ଦ୍ୱାରା ଏହି ସହଯୋଗୀତାକୁ ଆଗେଇ ନେବାରେ ଏକ ମୁଖ୍ୟ ଶକ୍ତି ପାଲଟିଛି। ସେମାନଙ୍କର ବର୍ଦ୍ଧିତ ଉପସ୍ଥିତି କେବଳ ବାଣିଜ୍ୟିକ ଆକାଂକ୍ଷାରେ ନୁହେଁ, ବରଂ ଦୁଇ ଦେଶ ମଧ୍ୟରେ ଗଭୀର ସାଂସ୍କୃତିକ ଅନୁସନ୍ଧିତ୍ସାରେ ପ୍ରତିଫଳିତ ହେଉଛି।

ଆଗାମୀ ପ୍ରକଳ୍ପଗୁଡିକ ମଧ୍ୟରେ ଆନ୍ନା ପାଭଲୋଭା ଏବଂ ନିକୋଲାସ ରୋରିଚ୍‌ଙ୍କ ଭଳି କିମ୍ବଦନ୍ତୀ ପୁରୁଷଙ୍କର ଉଲ୍ଲେଖନୀୟ ବ୍ୟକ୍ତିତ୍ୱ ଦ୍ୱାରା ଅନୁପ୍ରେରିତ ଚଳଚ୍ଚିତ୍ରଗୁଡିକ ରହିଛି, ଯାହାଙ୍କର କଳାତ୍ମକ ଯାତ୍ରା ଭାରତ ସହିତ ବିପୁଳ ଐତିହାସିକ ଏବଂ ଆଧ୍ୟାତ୍ମିକ ସଂଯୋଗର ସହଭାଗୀତା କରୁଛି। ଏହି ସମ୍ମାନଜନକ ପ୍ରୟାସଗୁଡିକ ସହିତ ସମକାଳୀନ ସାଂଗୀତିକ କମେଡି 'ପର୍ସିମ୍ମୋନ୍ ଅଫ ମାଇଁ ଲଭ୍' ମୁମ୍ବାଇ, ଉଦୟପୁର ଏବଂ ଯୋଧପୁରରେ ସୁଟିଂ କରାଯାଇଛି। ଏହି ଚଳଚ୍ଚିତ୍ର ରୁଷୀୟ କାହାଣୀ କଥନ ସହିତ ଅନେକ ସମୟରେ ସଂଯୁକ୍ତ ଭାବଗତ ବାସ୍ତବତାକୁ ଭାରତୀୟ ଚଳଚ୍ଚିତ୍ର ସହିତ ପରିମାଣାତ୍ମକ, ସଂଗୀତ ଏବଂ ପରିଦୃଶ୍ୟମାନ ଭାବରେ ସମ୍ମିଶ୍ରିତ କରିବାକୁ ଏକ ଅନନ୍ୟ ଉଦ୍ୟମର ପ୍ରତିନିଧିତ୍ୱ କରୁଛି ।ଏହି ପରିବର୍ତ୍ତିତ ସହଯୋଗୀତାର କେନ୍ଦ୍ର ସ୍ଥଳରେ ରହିଛନ୍ତି ବିଶିଷ୍ଟ ଚଳଚ୍ଚିତ୍ର ନିର୍ମାତା 'ନୀଳ ମାଧବ ପଣ୍ଡା', ଯିଏ ଗାଜପ୍ରୋମ୍-ମିଡିଆ ହୋଲ୍‌ଡିଂ ସହିତ ଚାରିଟି ପ୍ରକଳ୍ପ ନିମନ୍ତେ ଅଂଶୀଦାର ବ୍ୟବସ୍ଥାରେ ସ୍ୱାକ୍ଷର କରିଛନ୍ତି।

# ଗ୍ରାମୀଣ ରାସ୍ତାର ଗୁଣବତା ଏବଂ ପ୍ରକଳ୍ପ ସମୟସୀମା ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୧୨।୫ (ମହାଭାରତ):** ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା (ପିଏମଜିଏସୱାଇ) ଉପରେ ଦୁଇ ଦିନିଆ ଆଂଚଳିକ ସମୀକ୍ଷା ବୈଠକ ଗୁରୁବାର ଭୁବନେଶ୍ୱରରେ ଆରମ୍ଭ ହୋଇଯାଇଛି ।ଗ୍ରାମୀଣ ରାସ୍ତା ବିକାଶର ପ୍ରଗତି ସମୀକ୍ଷା, ସମସ୍ୟା ଚିହ୍ନଟ ଏବଂ ଭବିଷ୍ୟତ ଯୋଜନା ପାଇଁ ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଦ୍ୱାରା ଏହି ବୈଠକ ଆୟୋଜନ କରାଯାଉଛି, ଯେଉଁଥିରେ ଓଡ଼ିଶା ଆୟୋଜକ ରାଜ୍ୟ ଭାବେ ଭୂମିକା ନିର୍ବାହ କରୁଛି।

ଓଡ଼ିଶା ସହିତ ଅରୁଣାଚଳ ପ୍ରଦେଶ, ଆସାମ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ସିକ୍କିମ, ତ୍ରିପୁରା ଓ ପଶ୍ଚିମବଙ୍ଗର ପ୍ରତିନିଧିମାନେ ବୈଠକରେ ଅଂଶଗ୍ରହଣ କରୁଛନ୍ତି। ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ, ଜାତୀୟ ଗ୍ରାମୀଣ ଭିତିଭୂମି ବିକାଶ ସଂସ୍ଥା (ଏନଆରଆଇଡିଏ) ଓ ବିଭିନ୍ନ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ତଥା ସଂସ୍ଥାର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଅଛନ୍ତି।

ପିଏମଜିଏସୱାଇର ଗୁରୁତ୍ୱ କେବଳ ସଡକ ନିର୍ମାଣରେ ସୀମିତ ନ ରହି, ନିର୍ମାଣ କାର୍ଯ୍ୟର ଗୁଣବତା ବୃଦ୍ଧି ଓ ସଠିକ ରକ୍ଷଣାବେକ୍ଷଣା ଉପରେ ମଧ୍ୟ କେନ୍ଦ୍ରିତ ହୋଇଛି ବୋଲି ଉଦଘାଟନୀ ଅଧିବେଶନରେ ଉପସ୍ଥିତ ଅଧିକାରୀମାନେ ମତ ପ୍ରକାଶ କରିଥିଲେ। ପାହାଡ଼ିଆ ଅଂଚଳ, ଅଧିକ ବର୍ଷା ଓ ବିକୀର୍ଣ୍ଣ ବସତି ଭଳି ଏହି ଅଂଚଳର ରାଜ୍ୟମାନଙ୍କ ଅନନ୍ୟ ସମସ୍ୟା ଗୁଡିକୁ ଏହି ବୈଠକରେ ଉଲ୍ଲେଖ କରାଯାଇଥିଲା। ବୈଠକରେ ପୂର୍ବ ପର୍ଯ୍ୟାୟଗୁଡିକର ଅପୂର୍ଣ୍ଣ କାର୍ଯ୍ୟଗୁଡ଼ିକ ସମାପ୍ତ କରିବା ସହିତ ପିଏମଜିଏସୱାଇ-୦୦ କାର୍ଯ୍ୟକୁ ଦ୍ରୁତଗତିରେ ଆଗେଇ ନେବା ଉପରେ ଗୁରୁତ୍ୱ ଦିଆଯାଉଛି। ସୂଚନାଯୋଗ୍ୟ ଯେ ପୂର୍ବ ତିନି ପର୍ଯ୍ୟାୟରେ ଓଡ଼ିଶା ୯୯.୬୩ ପ୍ରତିଶତ କାର୍ଯ୍ୟ ସମାପ୍ତ କରିଥିବା ବେଳେ, ପିଏମଜିଏସୱାଇ-୦୦ର ପ୍ରଥମ ବ୍ୟାଚରେ ୮୨୭ଟି ସଡକ (୧,୭୦୧.୮ କି.ମି.) ଅନୁମୋଦିତ ହୋଇଛି।

ଏହି ବୈଠକରେ ପାରଦର୍ଶିତା ଓ ନିରୀକ୍ଷଣ ବୃଦ୍ଧି ପାଇଁ ନେଇଥିବା ପଦକ୍ଷେପ, ବିଶେଷକରି ଡିଜିଟାଲ ପ୍ରଣାଳୀର ବ୍ୟବହାର ଉପରେ ମଧ୍ୟ ଆଲୋଚନା ହେଉଛି। ଦ୍ୱିତୀୟ ଦିନରେ ଗୁଣମାନ ସୁଧାର, ଡିଜିଟାଲ ପ୍ରଯୁକ୍ତିର ବ୍ୟବହାର, ଅର୍ଥ ପରିଚାଳନା ଓ ସଡକ ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ ଦିଆଯିବ।

# ଜିଲ୍ଲା କଂଗ୍ରେସ ସଭାପତିମାନଙ୍କର ଟ୍ରେନିଙ୍ଗ କ୍ୟାମ୍ପ

**ଭୁବନେଶ୍ୱର,୧୨।୫ (ମହାଭାରତ):** ଭୁବନେଶ୍ୱର ଧଉଳିଠାରେ ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ଜିଲ୍ଲା କଂଗ୍ରେସ ସଭାପତି ଓ କଂଗ୍ରେସ ବିଏଲଏ-୧ ମାନଙ୍କର ଏକ ଟ୍ରେନିଙ୍ଗ କ୍ୟାମ୍ପ ପ୍ରଦେଶ କଂଗ୍ରେସ ଏସ.ଆଇ.ଆର ଷ୍ଟିଅରିଙ୍ଗ କମିଟିର ଅଧ୍ୟକ୍ଷ ସନ୍ତୋଷ ସିଂ ସାଲୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଟ୍ରେନିଙ୍ଗ କ୍ୟାମ୍ପରେ ଯୋଗଦେଇ ପିସିସି ସଭାପତି ଭକ୍ତ ଚରଣ ଦାସ କହିଥିଲେ ଯେ, ଏସଆଇଆର ପ୍ରକ୍ରିୟାରେ ସ୍ୱଚ୍ଛତା ରହିବା ପାଇଁ ଜିଲ୍ଲା କଂଗ୍ରେସ ସଭାପତି ଓ କଂଗ୍ରେସ ବିଏଲଏ -୧ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଗତ ବିହାର, ପଶ୍ଚିମବଙ୍ଗ, ତାମିଲନାଡୁ ନିର୍ବାଚନରେ ଏସଆଇଆର ପ୍ରକ୍ରିୟା ଯେଉଁଭଳି ଭାବରେ କଂଗ୍ରେସ ଓ ଅନ୍ୟ ଅଣକଂଗ୍ରେସ ଦଳକୁ ପ୍ରଭାବିତ କରିଛି




ତାହା ଗଣତନ୍ତ୍ରର ନିରପକ୍ଷେତା ପ୍ରତି କୁଠାରଘାତ । କଂଗ୍ରେସ ଦଳ ସବୁବେଳେ ଗଣତନ୍ତ୍ରର ମର୍ଯ୍ୟାଦା ଓ ସମ୍ମାନକୁ ବଜାୟ ରଖିଥାଏ । ବୁଥ୍ ସ୍ତରରେ ଭୋଟର ମାନଙ୍କୁ ନିର୍ବାଚନୀ ବ୍ୟବସ୍ଥାରୁ ହଟାଇବା ପାଇଁ ଯେଉଁ ଷଡଯନ୍ତ୍ର ହେଉଛି ତାହାକୁ ଜିଲ୍ଲା କଂଗ୍ରେସ ସଭାପତି, ତୃଣମୂଳ ସ୍ତରର କଂଗ୍ରେସ କର୍ମୀ ଓ ବିଶେଷ କରି ବିଏଲଏ-୧ ଓ ବିଏଲଏ-୨ମାନେ ତାହାକୁ ପଣ୍ଡ କରିପାରିବେ । ଭୋଟରମାନଙ୍କର ଭୋଟ ଦାନ ଅଧିକାରକୁ କିପରି ଛଡାଇ ନ ନିଆଯାଏ ସେଥିପାଇଁ ଏସଆଇଆର ପ୍ରକ୍ରିୟାର ଅବଦ୍ଧି ଭିତରେ ଅବିଶ୍ରାନ୍ତ କାର୍ଯ୍ୟ କରିବା ଶ୍ରୀ ଦାସ ଆହ୍ୱାନ ଦେଇଛନ୍ତି । ଏଆଇସିସିରୁ ଆସିଥିବା କ୍ଲଷ୍ଟର ରାଜେସ ସେରସିଆ ଏବଂ ଅନ୍ୟ ପ୍ରଶିକ୍ଷକମାନେ ପୁଙ୍ଖାନୁପୁଙ୍ଖନମାନେ ଏବଂ ଜିଲ୍ଲା କଂଗ୍ରେସ ସଭାପତି ବିଏଲଏ-୧ ଓ ବିଏଲଏ-୨ ମାନଙ୍କର ଗୁରୁ ଦାୟିତ୍ୱ ସଂପର୍କରେ ଆଲୋଚନା କରିଥିଲେ ।

ଏହି କାର୍ଯ୍ୟକ୍ରମରେ ପିସିସି ମିଡିଆ ଅଧ୍ୟକ୍ଷ ଅରବିନ୍ଦ ଦାସ ମଞ୍ଚ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ପିସିସି ଉପସଭାପତି ସସ୍ମିତା ବେହେରା, ଲଲାଟେନ୍ଦୁ ମହାପାତ୍ର, ସେବାଦଳ ମୁଖ୍ୟ ଶୁଭେନ୍ଦୁ ମହାନ୍ତିଙ୍କ, ସୋସିଆଲ ମିଡିଆ ଅଧ୍ୟକ୍ଷ ବିଶ୍ୱଜିତ ମହାନ୍ତି, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଜେନାଙ୍କ ସମେତ ସମସ୍ତ ଜିଲ୍ଲା କଂଗ୍ରେସ ସଭାପତି, ବିଏଲଏ-୧, ପିସିସି ଏସଆଇଆର ଷ୍ଟିଅରିଂ କମିଟିର ସଭ୍ୟ, ଆଡଭାଇଜରି କମିଟିର ସଭ୍ୟ, ପିସିସି ଲିଗାଲ ସେଲ ଅଧ୍ୟକ୍ଷ ଏବଂ ସଭ୍ୟ, ୱାର ରୁମ୍ କମିଟିର ସଭ୍ୟ ମାନେ ଉପସ୍ଥିତ ଥିଲେ ।

## ରାଜ୍ୟରେ ଜଳସଙ୍କଟ

ଓଡ଼ିଶା ଭଳି ଏକ ଉପକୂଳବର୍ତ୍ତୀ ରାଜ୍ୟରେ ଜଳସଙ୍କଟ ନିଶ୍ଚିତଭାବେ ଏକ ମନୁଷ୍ୟକୃତ ସଙ୍କଟ କହିଲେ ଭୁଲ ହେବ ନାହିଁ। ଏଠାରେ ପ୍ରଚୁର ବର୍ଷା ହେଉଥିଲେ ମଧ୍ୟ ବର୍ଷା ଜଳର ସଞ୍ଚୟ ଏବଂ ସଦୁପଯୋଗ ଲାଗି କିଛି ଯୋଜନା କରାଯାଉନଥିବାରୁ ଆଜି ରାଜ୍ୟରେ ପାନୀୟ ଜଳ ସଙ୍କଟ ସୃଷ୍ଟି ହୋଇଛି। ଅନେକ ଗ୍ରାମରେ ଲୋକେ ପାଣିବିନା ତହଳ ବିକଳ ହେଉଛନ୍ତି। ବିଶେଷ କରି ଗ୍ରୀଷ୍ମଋତୁରେ ପାଣି ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି। ଏପରିକି ନଦୀ କୂଳରେ ବସବାସ କରୁଥିବା ଲୋକେ ମଧ୍ୟ ପାଣି ସଂଗ୍ରହ କରିବାକୁ ମାଇଲ ମାଇଲ ବାଟ ଚାଲୁଛନ୍ତି। ଖରାଦିନେ ନଦୀ ଶୁଖି ଯାଉଛି। ତେଣୁ ପାଣି ସମସ୍ୟା ଉତ୍କଟ ହେଉଛି। ଚାଷ ପାଇଁ ଜଳ ଯୋଗାଣ ଦୂରର କଥା ପିଇବାକୁ ବା ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ଲୋକେ ପାଣିମୁନ୍ଦେ ପାଉ ନାହାଁନ୍ତି। ଅନେକ ସ୍ଥାନରେ ଲୋକେ ଚୁଆ ଖୋଳି ପାଣି ସଂଗ୍ରହ କରୁଛନ୍ତି। ଖରାଦିନେ କେନାଲରେ ମଧ୍ୟ ଜଳ ଯୋଗାଣ ହେଉନି। ଉପକୂଳ ଅଞ୍ଚଳ କଥା ଯଦି ଏପରି, ପାହାଡ଼ିଆ ଅଞ୍ଚଳର ସ୍ଥିତି କେତେ ଖରାପ ହୋଇଥିବ ଏଥିରୁ ସହଜେ ଅନୁମେୟ। ଏହି ସମସ୍ୟା ଏବେ ନୁହେଁ, ଅନେକ ବର୍ଷ ହେବ ଦେଖିବାକୁ ମିଳୁଛି। ଜନସଂଖ୍ୟା ବୃଦ୍ଧି ସହ ତାଳ ଦେଇ ପାନୀୟ ଜଳ ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। ଓଡ଼ିଶାର ଲାଇଫ ଲାଇନ କୁହାଯାଉଥିବା ମହାନଦୀ ତଳମୁଣ୍ଡରେ ରହୁଥିବା ଲୋକଙ୍କ ଅବସ୍ଥା ମଧ୍ୟ ସଙ୍ଗୀନ। ମହାନଦୀ ଉପରମୁଣ୍ଡରେ ଛତିଶଗଡ଼ ସରକାର ବହୁ ବ୍ୟାରେଜ ନିର୍ମାଣ କରିବା ଫଳରେ ହୀରାକୁଦକୁ ଜଳ ପ୍ରବାହ କମିଛି। ତେଣୁ ଖରାଦିନେ ତଳମୁଣ୍ଡକୁ ପାଣି ଆସୁନି ଏବଂ ଲୋକେ ପାଣିପାଇଁ ହନ୍ତସନ୍ତ ହେଉଛନ୍ତି। ପାନୀୟ ଜଳ ଯୋଗାଣ ଲାଗି ପ୍ରତିବର୍ଷ ବଜେଟରେ ବିପୁଳ ଅର୍ଥ ବରାଦ ହେଉଛି। କିନ୍ତୁ ଏହାର ସଦୁପଯୋଗ ହେଉନଥିବାରୁ ପାନୀୟ ଜଳ ସମସ୍ୟା ଦୂର ହୋଇପାରୁନି। କିଛି ବର୍ଷ ତଳେ ସରକାର ମୋ ପୋଖରୀ ଯୋଜନା ଆରମ୍ଭ କରିଥିଲେ। ଲକ୍ଷ୍ୟ ଥିଲା ଯେ, ଗ୍ରାମାଞ୍ଚଳରେ ଶ୍ରମ ଭିତ୍ତିକ କାର୍ଯ୍ୟକ୍ରମ ମାଧ୍ୟମରେ ପୋଖରୀ ଖୋଳାଯିବ ଏବଂ ବର୍ଷା ଦିନେ ଏହିସବୁ ପୋଖରୀରେ ଜଳ ସଞ୍ଚୟ କରାଯିବ ଯାହା ଖରାଦିନେ କାମରେ ଆସିବ। ଯୋଜନା ଓ ଚିନ୍ତାଧାରା ଉନ୍ନତ ଥିଲା। କିନ୍ତୁ ଏହାର କାର୍ଯ୍ୟକାରୀତା ଠିକ ଭାବେ ହୋଇନପାରିବାରୁ ଯୋଜନା କେବଳ କାଗଜପତ୍ରରେ ରହିଗଲା। ଛତିଶଗଡ଼ ସରକାର ମହାନଦୀ ଉପରମୁଣ୍ଡରେ ୫୦ରୁ ଅଧିକ ବ୍ୟାରେଜ ନିର୍ମାଣ କରି ଜଳ ସଞ୍ଚୟ କରୁଛନ୍ତି ଏବଂ ଏହା ଉଭୟ କୃଷି ଏବଂ ଶିଳ୍ପ କ୍ଷେତ୍ରକୁ ଜଳଯୋଗାଣରେ ବ୍ୟବହୃତ ହେଉଛି। ଓଡ଼ିଶା ସରକାର ଏହାକୁ ବିରୋଧ କରୁଛନ୍ତି। କିନ୍ତୁ ଓଡ଼ିଶାକୁ ବ୍ୟାରେଜ ନିର୍ମାଣ କରିବାକୁ କିଏ ମନା କରୁଛି ? ଛତିଶଗଡ଼ ଭଳି ଓଡ଼ିଶା ସରକାର ମଧ୍ୟ ମହାନଦୀ ଓ ଏହାର ଶାଖା ନଦୀ ସମେତ ଅନ୍ୟାନ୍ୟ ସବୁ ଛୋଟ ବଡ଼ ନଦୀରେ ଯଦି ଏଭଳି ବ୍ୟାରେଜ ନିର୍ମାଣ କରିପାରନ୍ତେ ତେବେ ରାଜ୍ୟରେ ଜଳସଙ୍କଟ ଅନେକାଂଶରେ ଦୂର ହୋଇପାରନ୍ତା। ଏଥିଲାଗି ଅର୍ଥର ଅଭାବ ନାହିଁ। ରାଜ୍ୟରେ ବିଭିନ୍ନ ଶିଳ୍ପ ସଂସ୍ଥାଠାରୁ ଏଥିପାଇଁ ଅର୍ଥ ସଂଗ୍ରହ କରାଯିବା ଉଚିତ। ଛତିଶଗଡ଼ ମଧ୍ୟ ଏହା କରିଛି। ଶିଳ୍ପ ପ୍ରତିଷ୍ଠା ଲାଗି ଯେଉଁମାନେ ବିପୁଳ ପୁଞ୍ଜି ନିବେଶ କରୁଛନ୍ତି ସେମାନେ ଏହାର କିଛି ଅଂଶ ଜଳଭଣ୍ଡାର ନିର୍ମାଣରେ ବିନିଯୋଗ କରିପାରନ୍ତେ। ଏହିସବୁ ଜଳଭଣ୍ଡାରରୁ ସେମାନେ ବି ପାଣି ସଂଗ୍ରହ କରିପାରନ୍ତେ ଏବଂ କୃଷି କ୍ଷେତ୍ରକୁ ଜଳ ଯୋଗାଣ ସହ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ପାନୀୟ ଜଳ ଲାଗି ଆଉ ହନ୍ତସନ୍ତ ହେବାକୁ ପଡ଼ନ୍ତା ନାହିଁ। ସ୍ଥଳ ବିଶେଷରେ ଛୋଟ ଛୋଟ ଜଳବିଦ୍ୟୁତ ଉତ୍ପାଦନ କେନ୍ଦ୍ର ବି ପ୍ରତିଷ୍ଠା ହୋଇପାରନ୍ତା। କିନ୍ତୁ ସରକାରଙ୍କର ଏଥିପ୍ରତି ଆନ୍ତରିକତା ନାହିଁ। ରାଜ୍ୟରେ ବିଭିନ୍ନ ଶିଳ୍ପ ସଂସ୍ଥା ଉପରେ ଶହ ଶହ କୋଟି ଟଙ୍କାର ଜଳକର ବାକି ପଡ଼ିଛି। ସେସବୁ ଆଦାୟ ନିମନ୍ତେ ପ୍ରୟାସ ହେଉନାହିଁ। କିନ୍ତୁ କୃଷକ ଓ ସାଧାରଣ ଜନତାଙ୍କ ଉପରେ ଜୁଲମ ବଢୁଛି।

## ସୁପର ଫୁଡର ପୁଷ୍ଟିଶସ୍ୟ

॥ ବିପିନ ବିହାରୀ ରାଉତ ॥

“ ମିଲେଟକୁ କ୍ରୀଡ଼ା ସହିତ ଯୋଡ଼ିବା ଏବଂ ସମସ୍ତ କ୍ରୀଡ଼ା ଛାତ୍ରାବାସରେ ମିଲେଟକୁ ସାମିଲ କରିବା, ମିଲେଟ ଖାଦ୍ୟ ସଂସ୍କୃତିର ତଥ୍ୟ ରଖିବା ଓ ଏହାର ପ୍ରଚାର ପ୍ରସାରରେ ଅଧିକ ଗୁରୁତ୍ୱ ଦିଆଯିବା ଲାଗି ନିଷ୍ପତ୍ତି ହୋଇଛି। ତେବେ ମିଲେଟ କ୍ଷେତ୍ରରେ ପୁଞ୍ଜିନିବେଶକୁ ପ୍ରୋତ୍ସାହନ ଦେବାରେ ଏହି ସମ୍ମିଳନୀ ସହାୟକ ହେବା।

ଓଡ଼ିଶାରେ ଉତ୍ପାଦିତ ମାଣ୍ଡିଆ ସଂପ୍ରତି ବିଶ୍ୱ ଦରବାରରେ ପହଞ୍ଚି ଏହାର ଆଦୃତି ଓ ଲୋକପ୍ରିୟତାକୁ ବଢ଼ାଇଛି। ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚିବ ଓଡ଼ିଶା ମିଲେଟ। ଏହାକୁ ଦୃଷ୍ଟିରେ ରଖି ଆଜି ଓ ଆସନ୍ତକାଲି ଦୁଇଦିନ ତିନିଶହରୁ ଅଧିକ ବିଦେଶୀ ପ୍ରତିନିଧିଙ୍କୁ ନେଇ ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ବା ମିଲେଟ ସମ୍ମିଳନୀ ଆୟୋଜନ ହେଉଛି। ଯେଉଁଥିରେ ୧୮ଟି ଫୁଡଷ୍ଟଲ, ୭୨ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଷ୍ଟଲ ଓ ୧୩ଟି ଷ୍ଟଲରେ ଚାଷରେ ବ୍ୟବହାର କରୁଥିବା ବିଭିନ୍ନ ମେସିନ ପ୍ରଦର୍ଶିତ କରାଯିବାର କାର୍ଯ୍ୟକ୍ରମ ରହିଛି। କେବଳ ସେତିକି ନୁହେଁ ଆଗାମୀ ଦଶ ବର୍ଷକୁ ଦୃଷ୍ଟିରେ ରଖି ମାଣ୍ଡିଆ ଚାଷକୁ ଏକ ଲୋକପ୍ରିୟ ଓ ବିଧିବଦ୍ଧ ଭାବେ ଏକ ରୋଡ଼ମ୍ୟାପ ପ୍ରସ୍ତୁତ କରାଯାଇ ବୈଜ୍ଞାନିକ ପ୍ରଣାଳୀରେ ଉତ୍ପାଦନ ବୃଦ୍ଧି ସହ ଅନ୍ୟ ରାଜ୍ୟ ଓ ଦେଶଗୁଡ଼ିକରୁ ମାଣ୍ଡିଆ ଚାଷର ଶ୍ରେଷ୍ଠ ଉପାୟ ବିଷୟରେ ଜାଣିବା, ହୋଟେଲ ଓ ରେଷ୍ଟୁରାଣ୍ଟରେ ମିଲେଟ ଖାଦ୍ୟର ବିଭିନ୍ନ ପ୍ରସ୍ତୁତିକୁ ପ୍ରୋତ୍ସାହନ, ସର୍ବୋପରି ମାଣ୍ଡିଆକୁ କିଭଳି ଉତ୍ତମ ବ୍ରାଣ୍ଡିଂ ଓ ପ୍ୟାକେଜିଂ କରି ମୂଲ୍ୟଯୁକ୍ତ କରାଯାଇପାରିବ ସେ ନେଇ ସବିଶେଷ ଆଲୋଚନାର କାର୍ଯ୍ୟକ୍ରମ ରହିଛି।

ସର୍ବମୋଟ ୩୨ କର୍ମଶାଳାରେ ୧୯୮ ଜଣ ଖ୍ୟାତିସମ୍ପନ୍ନ ପ୍ୟାନେଲିଷ୍ଟ ଏଥିରେ ସକ୍ରିୟ ଅଂଶ ଗ୍ରହଣ କରି କାର୍ଯ୍ୟକ୍ରମକୁ ଆଗେଇ ନେବା ସହ ମିଲେଟର ଜୟଯାତ୍ରାରେ ମାଆ ମାନଙ୍କ ଦକ୍ଷତା ଓ ସେମାନଙ୍କର ସଶକ୍ତିକରଣର ବ୍ୟାପକ ସୁବିଧା ସୁଯୋଗ ସମ୍ପର୍କରେ ଆଲୋକପାତ ହେବ। ସେହିପରି ମିଳିତ ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ, ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ, ଇଣ୍ଟରନ୍ୟାସନାଲ ଫଣ୍ଡ ଫର ଏଗ୍ରିକଲଚରାଲ ଡେଭଲପମେଣ୍ଟ, ଦକ୍ଷିଣପୂର୍ବ ଏସିଆ ଓ ମଧ୍ୟପ୍ରାଚ୍ୟ ଦେଶର କୃଷି ପରାମର୍ଶଦାତା, ଆଫ୍ରିକୀୟ ଦେଶ ସହ ୟୁରୋପୀୟ ଦେଶର କୃଷି ପରାମର୍ଶଦାତାଙ୍କ ସମେତ ବିଭିନ୍ନ ଦୂତାବାସର ପ୍ରତିନିଧି ଓ ବିଭିନ୍ନ ରାଜ୍ୟର କୃଷି ସଚିବମାନେ ଯୋଗଦାନ କରି ଏଥିରେ ସାମିଲ ହେବେ।

ଚଳିତ ନଭେମ୍ବରରେ ଅନ୍ତର୍ଜାତୀୟ ମିଲେଟ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ମିଲେଟର ବହୁଳ ବ୍ୟବହାର, ମିଲେଟ ଚାଷର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ବିଭିନ୍ନ ସହଭାଗୀ ସଂସ୍ଥାର ସହଯୋଗରେ ଆଗାମୀ ନଭେମ୍ବର ୯ ଓ ୧୦ ତାରିଖ ଦୁଇ ଦିନ ଧରି ଏହି ସମ୍ମିଳନୀ ଅନୁଷ୍ଠିତ ହେବ। ୨୦୨୨ ମସିହାରୁ ନଭେମ୍ବର ୧୦ ତାରିଖକୁ ୨୦୨୨କୁ ମାଣ୍ଡିଆ ଦିବସ ଭାବେ ଘୋଷଣା କରିଥିଲେ। ଅମଳ ପରବର୍ତ୍ତୀ ଏବଂ ପ୍ରାଥମିକ ପ୍ରକ୍ରିୟାକରଣ ଉଦ୍ୟୋଗକୁ ପ୍ରୋତ୍ସାହନ, ବାଜରାଭିତ୍ତିକ ଫସଲ ପ୍ରଣାଳୀର ଉତ୍ପାଦକତାର ଉନ୍ନତି, ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ମୂଲ୍ୟଯୁକ୍ତ ଉଦ୍ୟୋଗକୁ ପ୍ରୋତ୍ସାହନ ଦେବା ଏହି ସମ୍ମିଳନୀର ଲକ୍ଷ୍ୟ ରହିଛି। ସାଧାରଣ ବଣ୍ଟନ ବ୍ୟବସ୍ଥା, ଆଇସିଡିଏସ, ମଧ୍ୟାହ୍ନ ଭୋଜନ, ଛାତ୍ରାବାସ ଇତ୍ୟାଦିରେ ମିଲେଟ ଖାଦ୍ୟର ବ୍ୟବହାରକୁ ଅନ୍ତର୍ଭୁକ୍ତ କରିବା ପାଇଁ ପଦକ୍ଷେପ ସହ ବାଜରାଭିତ୍ତିକ ଉତ୍ପାଦର ବଜାର ଓ ରପ୍ତାନିକୁ ସୁଗମ କରିବାକୁ ଗୁରୁତ୍ୱ ସମ୍ପର୍କରେ ପ୍ରସ୍ତୁତି ବୈଠକରେ ଗୁରୁତ୍ୱ ଦିଆଯାଇଛି।

ମିଲେଟକୁ କ୍ରୀଡ଼ା ସହିତ ଯୋଡ଼ିବା ଏବଂ ସମସ୍ତ କ୍ରୀଡ଼ା ଛାତ୍ରାବାସରେ ମିଲେଟକୁ ସାମିଲ କରିବା, ମିଲେଟ ଖାଦ୍ୟ ସଂସ୍କୃତିର ତଥ୍ୟ ରଖିବା ଓ ଏହାର ପ୍ରଚାର ପ୍ରସାରରେ ଅଧିକ ଗୁରୁତ୍ୱ ଦିଆଯିବା ଲାଗି ନିଷ୍ପତ୍ତି ହୋଇଛି। ତେବେ ମିଲେଟ କ୍ଷେତ୍ରରେ ପୁଞ୍ଜିନିବେଶକୁ ପ୍ରୋତ୍ସାହନ ଦେବାରେ ଏହି ସମ୍ମିଳନୀ ସହାୟକ ହେବା। ସେହିଭଳି କୃଷି ଏବଂ ମିଶନ ଶକ୍ତି ତଥା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଉତ୍ପାଦନଗୁଡ଼ିକର ଉତ୍ତମ ବଜାର ସୁବିଧା ସମ୍ପର୍କରେ ସମ୍ମିଳନୀରେ ଗୁରୁତ୍ୱ ଦିଆଯିବାର କାର୍ଯ୍ୟକ୍ରମ ରହିଛି। ମିଲେଟଭିତ୍ତିକ ଉତ୍ପାଦର ମୂଲ୍ୟଯୁକ୍ତ ବ୍ୟବହାର ସହ ପ୍ରମୁଖ ସହର ଏବଂ ଜିଲ୍ଲା ସଦର ମହକୁମାରେ ମିଲେଟ ଶକ୍ତି କାଫେ/ଆଉଟଲେଟ ଖୋଲାଯାଇଛି। ବ୍ଲକ ସହର ଭିତରେ ଥିବା ମିଲେଟ ଟିଫିନ ସେଣ୍ଟରରେ ଜଳଖିଆ ଦିଆଯାଉଛି। ଏହାର ବ୍ୟାପକତା ଉପରେ ଗୁରୁତ୍ୱ ଏବଂ ଓଡ଼ିଶା ମିଲେଟ ମିଶନର ସଫଳତା ସମ୍ପର୍କରେ ସମ୍ମିଳନୀରେ ସବିଶେଷ ଆଲୋଚନା ହେବ।

ମିଲେଟ ଫସଲ ଉତ୍ପାଦନରେ ତୀବ୍ର ବୃଦ୍ଧି ଏବଂ କୃଷକମାନଙ୍କ ପାଇଁ ଉତ୍ତମ ଆୟର ସୁଯୋଗରେ ଓଡ଼ିଶା ରେକର୍ଡ଼ କରିଛି। ୨୦୧୭ରେ ଓଡ଼ିଶା ମିଲେଟ ମିଶନ ଆରମ୍ଭ ହେବା ପରେ ରାଜ୍ୟରେ ବହୁ ସଂଖ୍ୟକ କୃଷକ ମିଲେଟ ଉତ୍ପାଦନ ଆଡ଼କୁ ମନ ବଳାଇଛନ୍ତି। ମିଲେଟ ଉତ୍ପାଦନ କମି କମି ଆସୁଥିବା ବେଳେ ଏହାର ଉପକାରିତାକୁ ଦୃଷ୍ଟିରେ ରଖି ଓଡ଼ିଶା ମିଲେଟ ମିଶନ କୃଷକମାନଙ୍କୁ ପୁଣି ମିଲେଟ ଚାଷ ପ୍ରତି ଆକର୍ଷିତ କରିପାରିଛି। ଓଡ଼ିଶାରେ ବର୍ଷସାରା ଉଷ୍ମ ବାତାବରଣ ରହିଥାଏ। ତେଣୁ ଏହି ଜଳବାୟୁରେ ଚାଷକାର୍ଯ୍ୟ କଷ୍ଟସାଧ। ମାତ୍ର ମିଲେଟ ଚାଷ ପାଇଁ ସ୍ୱଳ୍ପ ଜଳର ଆବଶ୍ୟକତା ପଡୁଥିବାରୁ ଓଡ଼ିଶାର ବାତାବରଣ ଉପଯୋଗୀ। ଏହାର ଉତ୍ପାଦନ ବଢ଼ାଇବା ସହ ରାଜ୍ୟର ପ୍ରତି ଘରେ ମିଲେଟକୁ ପହଞ୍ଚାଇବା ପାଇଁ ମିଲେଟ ମିଶନ ଜରିଆରେ ରାଜ୍ୟ ସରକାର ଚେଷ୍ଟା ଜାରି ରଖିଛନ୍ତି। ଓଡ଼ିଶା ମିଲେଟ ମିଶନ ରାଜ୍ୟରେ ମିଲେଟ ଉତ୍ପାଦନକୁ ପ୍ରୋତ୍ସାହନ ଦେଇଛି, ଫଳରେ ଓଡ଼ିଶାରେ ଏଥର ଆଖି ଦୃଶିଆ ରାଶି ଉତ୍ପାଦନ ବୃଦ୍ଧି ପାଇଛି। ୨୦୧୬-୧୭ ମସିହାରେ ମାତ୍ର ୪୦ ହଜାର କ୍ୱିଣ୍ଟାଲ ମିଲେଟସ ଉତ୍ପାଦନ ହୋଇଥିବାବେଳେ ୨୦୨୧-୨୦୨୨ରେ ଏହା ୭ଲକ୍ଷ କ୍ୱିଣ୍ଟାଲକୁ ବୃଦ୍ଧି ପାଇଛି।

୨୦୨୨ ଜୁଲାଇ ସୁଦ୍ଧା ଓଡ଼ିଶା ମିଲେଟ ମିଶନରେ କୃଷକ ମାନଙ୍କ ସଂଖ୍ୟା ୮ ହଜାରରୁ ୧.୫ ଲକ୍ଷରୁ ଅଧିକ ବୃଦ୍ଧି ପାଇଛି। ମିଲେଟ ଚାଷରୁ ସଫଳତା ପାଇଥିବା ଅନୁଗୁଳ ଜିଲ୍ଲାର ଜଣେ କୃଷକ କହିଛନ୍ତି, ଚାଷ ପାଇଁ ଆଗରୁ ଆମକୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। କିନ୍ତୁ ମିଲେଟ ଚାଷ କରିବା ଭାରି ସହଜ। ମିଲେଟ ଚାଷ କରିବା ଫଳରେ ବଜାରର ମହଙ୍ଗା ମାଡ଼ରେ ମଧ୍ୟ ଉନ୍ନତ ଜୀବନଶୈଳୀ ଏବଂ ସ୍ୱାସ୍ଥ୍ୟ ବିକଳ୍ପ ପ୍ରଦାନ କରିବାକୁ ସକ୍ଷମ ହୋଇପାରିଛି। ଓଡ଼ିଶା ମିଲେଟସ ମିଶନ ନାଗରିକଙ୍କ ମଧ୍ୟରେ ଏକ ଅଦମ୍ୟ ବିଶ୍ୱାସ ସୃଷ୍ଟି କରିଛି। ପରବର୍ତ୍ତୀ ପର୍ଯ୍ୟାୟକୁ ଯିବା ଦ୍ୱାରା ଆମ ରାଜ୍ୟରେ ମିଲେଟସ ସମ୍ଭାବନାକୁ ପ୍ରଦର୍ଶନ କରିବା ପାଇଁ ଉନ୍ନତ ରଣନୀତି ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରହିଛି। ଚାଷ ସମୟରେ ଅଧିକ ରସାୟନିକ ସାରା ପ୍ରୟୋଗ କରାଯିବା ଦ୍ୱାରା ପରବର୍ତ୍ତୀ ପର୍ଯ୍ୟାୟରେ ବହୁତ ଅସୁବିଧା ଦେଖାଯାଇଥାଏ। ମିଲେଟ ମିଶନ ଜରିଆରେ ଓଡ଼ିଶା ସରକାର ଏ ବିଷୟରେ ଚାଷୀମାନଙ୍କୁ ଅବଗତ କରାଇଛନ୍ତି। ଏହାସହ ମିଲେଟ ଚାଷକୁ କିଭଳି ଆହୁରି ଉନ୍ନତମାନର କରାଯାଇପାରିବ, ତାହାର ଉପାୟ ମଧ୍ୟ ଚାଷୀଙ୍କୁ ଶିଖାଇଛନ୍ତି। ଓଡ଼ିଶା ମିଲେଟସ ମିଶନ ପକ୍ଷରୁ କୃଷକମାନଙ୍କ ପାଇଁ ସିଧାସଳଖ ବ୍ୟାଙ୍କ ଟ୍ରାନ୍ସଫର ଓ ବିଭିନ୍ନ ପୋର୍ଟାଲ କାର୍ଯ୍ୟକାରୀ କରାଯାଉଛି। ଏହି ପଦକ୍ଷେପ ଦ୍ୱାରା ରାଗି ପରି କିଛି ଫସଲ ଅମଳ ସ୍ୱଳ୍ପ ସମୟ ମଧ୍ୟରେ ଯଥେଷ୍ଟ ବୃଦ୍ଧି ପାଇଥିବା ଦେଖାଯାଇଛି। ରାଜ୍ୟ ସରକାରଙ୍କ ବାରମ୍ବାର ପଦକ୍ଷେପ ଜରିଆରେ କୃଷକମାନେ ସେମାନଙ୍କର ପାରମ୍ପରିକ ଫସଲକୁ ଗ୍ରହଣ କରିବା ସହ ସେମାନଙ୍କ ପରିଶ୍ରମର ଉଚିତ ମୂଲ୍ୟ ପାଇବାରେ ସକ୍ଷମ ହୋଇପାରୁଛନ୍ତି। ଓଡ଼ିଶା ମିଲେଟସ ମିଶନ ଏହାର ପରବର୍ତ୍ତୀ ପର୍ଯ୍ୟାୟକୁ ଯିବା ସହ ମିଲେଟସର ଗ୍ରହଣଶୀଳତାକୁ ଅଧିକ ସୁଗମ ଏବଂ ନମନୀୟ କରିବା ପାଇଁ ଉତ୍ତମ ରଣନୀତି ଏବଂ ବୈଜ୍ଞାନିକ କୌଶଳକୁ ସୁନିଶ୍ଚିତ କରୁଛି। ଦିନ ଥିଲା ଓଡ଼ିଶାରେ ମିଲେଟକୁ କେହି ଜାଣୁନଥିଲେ କିମ୍ବା ଏହାର ଆଦର ନଥିଲା। କିନ୍ତୁ ଓଡ଼ିଶାରେ ଏବେ ମିଲେଟ ସୁନା ଫଳ ପାଲଟିଛି।

ଗତ ଜି-୨୦ ଶିଖର ସମ୍ମିଳନୀରେ ଓଡ଼ିଶାର ମିଲେଟ ଖାଦ୍ୟ ଆନ୍ତର୍ଜାତିକ ମହଲକୁ ସୁପରିଚିତ କରିଛି। ମାଣ୍ଡିଆ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଉପାଦେୟ ଏବଂ ଏହା ବିନା ଜଳସେଚନ ଓ ବିନା କୀଟାଣୁ ନାଶକ ବା ରାସାୟନିକ ସାର ପ୍ରୟୋଗରେ ଧାନ ଓ ଗହମ ଠାରୁ କମ ଖର୍ଚ୍ଚରେ ଚାଷ କରାଯାଇ ପାରିବ। ଭବିଷ୍ୟତରେ ଆମ ସ୍ୱାସ୍ଥ୍ୟ ଓ ପୁଷ୍ଟିଜନିତ ସମସ୍ୟାର ସମାଧାନ ପାଇଁ ଏହା ହେବ ସେଗୁଡ଼ିକର ଉପାଦେୟ ବିକଳ୍ପ। ଏହା ଓଡ଼ିଶାର କୃଷି ଓ ଚାଷୀଭାଇ ତଥା ମହିଳା ସ୍ୱୟଂ ସହାୟକ ସଂଗଠନ ପାଇଁ ସେମାନଙ୍କର ବୃତ୍ତିଗତ କର୍ମକ୍ଷେତ୍ର ପାଇଁ ବଡ଼ ଆର୍ଥିକ ଅବଲମ୍ବନର ଉତ୍ସ। ଦିନକୁ ଦିନ ଏହାର ଗ୍ରହଣୀୟତା ଓ ଚାହିଦା ବଢୁଥିବାବେଳେ ଲୋକମାନଙ୍କ ମଧ୍ୟରେ ମଧ୍ୟ ଆଗ୍ରହ ବଢୁଛି। ଲୋକମାନଙ୍କ ଭିତରେ ଦିନକୁ ଦିନ ଏହାର ଆଗ୍ରହ ଯେଉଁପରି ବଢୁଛି ଓ ମାଣ୍ଡିଆ ବିଭିନ୍ନ ପ୍ରସ୍ତୁତିର ଖାଦ୍ୟ ପସରା ବଜାରରେ ଉପଲବ୍ଧ ହେଉଛି ଏଥିରୁ ମାଣ୍ଡିଆର ଲୋକପ୍ରିୟତା ପ୍ରମାଣିତ ହେଉଛି। ମିଲେଟ ଏବେ ଓଡ଼ିଶାରେ କୃଷକମାନଙ୍କ ପାଇଁ ଏବଂ ସ୍ୱୟଂ ସହାୟକ ସଙ୍ଗଠନ ପାଇଁ ଅତ୍ୟନ୍ତ ଲାଭଦାୟକ କ୍ଷେତ୍ର ପାଲଟିଛି ଏବଂ ଲୋକମାନଙ୍କର ପ୍ରବୃତ୍ତ ଲାଭ ହେଉଛି।


ଉପନିର୍ଦ୍ଦେଶକ, ଓରମାସ, ଭୁବନେଶ୍ୱର, ଦୂରଭାଷ : ୯୪୩୭୬୬୬୪୫୩,


## ଛକାପଞ୍ଝା ଛକରେ ଛଳଯୁଦ୍ଧ

॥ ମାୟାଧର ନାୟକ ॥

ସାରା ଦୁନିଆର ନଜର ଏବେ ଇସ୍ରାଏଲ-ପାଲେଷ୍ଟାଇନ୍-ଗାଜା ମହାଯୁଦ୍ଧ ଉପରେ। ଯୁଦ୍ଧରେ ନିର୍ଦ୍ଦୋଷଙ୍କୁ ହତ୍ୟା କରାଯାଉଛି। ଏ ଯୁଦ୍ଧରେ ଉଭୟପକ୍ଷ ପାଗଳଭଳି ଲଢୁଛନ୍ତି। ସାମ୍ରାଜ୍ୟବାଦୀମାନଙ୍କର କୌଣସି ଜାତି ନଥାଏ କି ନୀତି ନଥାଏ, ବିବେକ ନଥାଏ କି ହୃଦୟ ନଥାଏ। ଏ ଦେଶମାନେ ଯେକୌଣସି ହିଂସ୍ର ପଶୁଠାରୁ ବି ଅଧିକ କ୍ଷତିକାରକ। ଏମାନେ ନିଜ ଦେଶକୁ ଧ୍ୱଂସମୁଖକୁ କେବଳ ଟାଣିନିଅନ୍ତି ନାହିଁ - ବିଶ୍ୱର ବହୁଦେଶକୁ ପ୍ରଭୃତ କ୍ଷତି ପହଞ୍ଚାଇଥାନ୍ତି। କଥାରେ ଅଛି - 'ଗୋଟିଏ ଦେଶ ଧ୍ୱଂସ ହେବାପାଇଁ ଜଣେ 'ମୁର୍ଖରାଜା', ନିଷ୍କ୍ରିୟ ପ୍ରଜା ଓ ବିକ୍ରିଯୋଗ୍ୟ ଗଣମାଧମ ହିଁ ଯଥେଷ୍ଟ।' ଏବେ ଇସ୍ରାଏଲରେ ଲୋକେ ପ୍ରଧାନମନ୍ତ୍ରୀଙ୍କୁ ଅଯୋଗ୍ୟ କହି ଇସ୍ତଫା ଦାବୀ କଲେଣି। ବୁଦ୍ଧିଆମାନେ ଲଢିବା ପୂର୍ବରୁ ଜିତିଥାନ୍ତି ମୁର୍ଖମାନେ ଜିତିବାପାଇଁ ଲଢୁଥାନ୍ତି। ଏବେ ଏହା ରୁଷ-ୟୁକ୍ରେନ୍-ଇସ୍ରାଏଲ-ପାଲେଷ୍ଟାଇନ୍ ଯୁଦ୍ଧରେ ଦେଖାଦେଇଛି। ଏହା କୁରୁକ୍ଷେତ୍ର ସହ ତୁଳନା କରାଯାଇପାରେ - ପାଣ୍ଡବମାନେ ଶ୍ରୀକୃଷ୍ଣଙ୍କ ନେତୃତ୍ୱରେ ଯୁଦ୍ଧ ପୂର୍ବରୁ ଜିତିଯାଇଥିଲେ - କପଟି ଶକୁନୀ ବୁଦ୍ଧିରେ କୌରବକୂଳ ମିଛଟାରେ ଜିତିବାପାଇଁ ଲଢିଲଢି ଧ୍ୱଂସ ହୋଇଗଲେ। ଅହଂକାର, କ୍ରୋଧ, ରାଗ, ଅପରାଧର କୌଣସି ସୀମାନାହିଁ।

ଏ ଛଳଯୁଦ୍ଧ ବନ୍ଦ ହେବାର ନାହିଁ। ସମସ୍ତେ ଭାବିଥିଲେ - ଯୁଷ-ୟୁକ୍ରେନ୍ ଯୁଦ୍ଧ ଦି'ତିନି ଦିନରେ ଶେଷ ହୋଇଯିବ। କିନ୍ତୁ ୨୦୨୨ ଫେବୃୟାରୀ ୨୪ ତାରିଖରୁ ଏ ଯୁଦ୍ଧ ଚାଲିଛି। ଏବେ ୨୦୨୩ ଅକ୍ଟୋବର ୭ରୁ ଇସ୍ରାଏଲ-ପାଲେଷ୍ଟାଇନ୍ ଯୁଦ୍ଧ ଚାଲୁଛି। ଦିନକୁ ଦିନ ଯୁଦ୍ଧ ଭୀଷଣ ଭୟଙ୍କର ହେବାରେ ଲାଗିଛି। ଏ ଯୁଦ୍ଧ ଏବେ ଶେଷ ହେଉନି। ନାଜି ହିଟଲର୍ ଭଳି ଇସ୍ରାଏଲ ନେତାନ୍ୟୁ କାହା ପରାମର୍ଶ ଶୁଣୁନାହାଁନ୍ତି। ଗାଜାପଟିରେ ହମାସ୍‌ମାନେ ସାଧାରଣ ଲୋକଙ୍କ ସହ ଛନ୍ଦାଛନ୍ଦିହୋଇ ଥିବା ସନ୍ଦେହକରି ଇସ୍ରାଏଲ ସାଧାରଣ ନାଗରିକଙ୍କୁ ରାସ୍ତାଘାଟ, ସହରବଜାର, ଡାକ୍ତରଖାନା, ସ୍କୁଲକଲେଜ, ଶରଣାର୍ଥୀ ଶିବିରକୁ ବୋମା ପକାଇ ଅହରହ ଧ୍ୱଂସ କରିବାରେ ଲାଗିଛି।

ଅପରପକ୍ଷେ ଶକ୍ତିଶାଳୀ ହମାସ୍‌ଙ୍କ ସହ ଲେବାନନ୍‌ର ହୁଜବୋଲ୍ଲା, ୟେମେନ୍‌ର 'ହୁଥି ଯୋଦ୍ଧାବାହିନୀ' ଇସ୍ରାଏଲ ଉପରେ ଆକ୍ରମଣ ଆରମ୍ଭ କରିଦେଇଛନ୍ତି। ଇସ୍ରାଏଲ ଛାନିଆହୋଇ ପରମାଣୁ ବୋମା ପକାଇବ ବୋଲି କହିଲାଣି। ଇସ୍ରାଏଲ ବିରୁଦ୍ଧରେ ଲଢୁଥିବା ଅତି ଶକ୍ତିଶାଳୀ ତିନି ସଂଗଠନ ସହ ଏବେ ରୁଷ ୱାଗନର ଗୋଷ୍ଠୀ ଯୁଦ୍ଧକୁ ଓହ୍ଲାଇବା ପାଇଁ ସ୍ଥିର କରିସାରିଲେଣି। ଇରାନ୍ ପ୍ରଥମରୁ ଗାଜା ଯୋଦ୍ଧାକୁ ସହଯୋଗ କରିଆସୁଛି। ବିଶ୍ୱ ଜନମଞ୍ଚ ଏବେ ଇସ୍ରାଏଲ-ଆମେରିକା ବିରୁଦ୍ଧରେ। ଗାଜାକୁ ସମର୍ଥନ କରି ପ୍ରାୟ ସବୁ ଦେଶରେ ବିକ୍ଷୋଭଶୋଭାଯାତ୍ରା ଚାଲିଛି।

ବିଶ୍ୱ ଅନ୍ଧାରୀଯୁଗରେ ପହଞ୍ଚଗଲାଣି। କୌଣସି ଦେଶରେ ଡାକ୍ତରଖାନା, ଆମ୍ବୁଲାନ୍‌ସ, ରେଡ୍‌କ୍ରସ୍, ଔଷଧ ଦୋକାନ ଉପରେ ଆକ୍ରମଣ ମନାବୋଲି ଆର୍ନ୍ତଜାତୀୟ ଆଇନ୍ ପ୍ରଣୟନ କରାଯାଇଛି। ହେଲେ ଇସ୍ରାଏଲ ଏ ଆଇନ୍‌କୁ ଫୁତ୍‌କାରରେ ଉଡାଇଦେଇ ଆକାଶରୁ ବୋମାବର୍ଷଣ କରିଚାଲିଛି। ପାହାଡ ଭଳି ଶବରେ ପରିଣତ ହେଲାଣି ଗାଜା। ବିଭିନ୍ନ ଦେଶର ଇସ୍ରାଏଲରେ ଦୂତାବାସକୁ ବନ୍ଦ ଘୋଷଣା କଲେଣି। ସାରାବିଶ୍ୱରୁ ଚାପ ପଡୁଛି ଯୁଦ୍ଧ ବିରତି ପାଇଁ। ହାଲିଆ ମାରିବା ପାଇଁ ୪ ଘଣ୍ଟା ମହଲତ ଉଭୟପକ୍ଷର ସମ୍ମତିରେ ସ୍ଥିରିକୃତ ହୋଇଛି - ଅର୍ଥାତ୍ ଏଇ ୪ଘଣ୍ଟା ହାଲିଆ ମାରିଲାପରେ ପୁଣି ମଣିଷ ମାରିବେ। ୪ ଘଣ୍ଟିଆ ଯୁଦ୍ଧବିରତି ପାଇଁ ଇସ୍ରାଏଲ ରାଜିହୋଇ ଏବେ ପୁଣି ପଛଘୁଞ୍ଚା ଦେଲାଣି। ଏଇ ହେଉଛି ଛକାପଂଝାର ଛଳଯୁଦ୍ଧ।

ଯୁଦ୍ଧର ୫ ସପ୍ତାହ ପରେ ଆରବ ଇସ୍‌ଲାମିକ୍ ସମିତି ସମ୍ମିଳନୀରେ ୫୭ ଦେଶର ପ୍ରତିନିଧିମାନେ ଇସ୍ରାଏଲ ଯୁଦ୍ଧରେ ମଣିଷମରା ମେସିନ୍ ପ୍ରୟୋଗରେ ଗଣହତ୍ୟା ବିରୁଦ୍ଧରେ ପ୍ରତିବାଦକରି ଗାଜାକୁ ସମର୍ଥନ ଜଣାଇଛନ୍ତି। ଅବିଳମ୍ବେ ଇସ୍ରାଏଲ ଯୁଦ୍ଧବିରତି କରୁ ଏବଂ କ୍ଷତିପୁରଣ ଦେଉ। ଯେଉଁ ସାଧାରଣ ନାଗରିକ, ମହିଳା, ଶିଶୁଙ୍କୁ ହତ୍ୟା କଲା - ସେମାନଙ୍କ ଜୀବନ ତ ଫେରେଇଦେଇ ପାରିବନାହିଁ ! ଯୁଦ୍ଧ ଅପରାଧୀ ଭାବେ ସାରାବିଶ୍ୱରେ ଦଣ୍ଡିତ ହେବ। କିନ୍ତୁ ଧ୍ୱଂସ କରିଥିବା ସଂପତ୍ତିବାଡିର କ୍ଷତିପୁରଣ ଦେବାକୁ ବାଧ୍ୟ। ଆଉ କାଳବିଳମ୍ବ ନକରି ଆମକୁ ତୁରନ୍ତ ଏ ଯୁଦ୍ଧ ବନ୍ଦ କରିବାକୁ ହେବ। ଆମକୁ ଆମ ପିଲାମାନେ ଦିନେ ପଚାରିବେ - ଶିଶୁମାନଙ୍କୁ ଜଘନ୍ୟ ଭାବେ ଇସ୍ରାଏଲ ହତ୍ୟା କରୁଥିବାବେଳେ ଆପଣମାନେ କ'ଣ କରୁଥିଲେ ? କି ଉତ୍ତର ଦେବୁ ?ମୂଳ ସମସ୍ୟା ସମାଧାନ କରାନଗଲେ ସମଗ୍ର ବିଶ୍ୱକୁ ଦିନେ ଏହାର ଜବାବ୍ ଦେବାକୁ ହେବ।

ଗାଜାରେ ରକ୍ତମିଶା ପାଉଁଶର ପଲସ୍ତରା ତଳେ ଚାପା ପଡିଯାଉଛି ସାଧାରଣ ମଣିଷର ମର୍ମନ୍ତୁଦ ଜୀବନ। ରକ୍ତପ୍ରଳୟ ପୟୋଧିରେ କ୍ଷୁଦ୍ର ବଟପତ୍ର ଭଳି ଭାସୁଛି ଗାଜା। ଆନ୍ତର୍ଜାତୀୟ ରାଜନୀତି ଦୋଦୁଲ୍ୟମାନ। ସବୁଦେଶର ରାଷ୍ଟ୍ରମୁଖ୍ୟମାନେ ଯୁଦ୍ଧ ବନ୍ଦ କରିବାପାଇଁ କହିଲେଣି। ବାଇଡେନ୍ ଅନ୍ଧ ଭାବେ ଇସ୍ରାଏଲକୁ ସମର୍ଥନ କରୁଥିବାରୁ ବହୁଳାଂଶ ଆମେରୀକୀୟ ବିରୋଧ କରୁଛନ୍ତି। ଗାଜା ଆମେରିକ-ଇସ୍ରାଏଲ ପାଇଁ ଅଭିଶାପ ପାଲଟିଥିବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। କୌଣସି ଯୁଦ୍ଧ କେବେ ସଫଳ ହୁଏନା। ମାରିବା-ମରିବା ଅସ୍ଥିମଜ୍ଜାଗତ। ହତ୍ୟା ଓ ମୃତ୍ୟୁର ଆକର୍ଷଣ ଚୁମ୍ବକ ଭଳି। ଏ ଛକାପଂଝା ଛଳଯୁଦ୍ଧ ଯୋଜନାବଦ୍ଧ। ଏ ଘୃଣ୍ୟ ଯୋଜନାକୁ କେବଳ ବିଶ୍ୱର ସଚେତନ ଜନଗଣ ଧୂଳିସାତ୍ କରିଦେଇପାରିବେ। ପ୍ରଥମଥର ପାଇଁ ସମଗ୍ରବିଶ୍ୱରେ ପ୍ରାୟ ସବୁଦେଶରେ ସହରବଜାର ଗାଁଗଣ୍ଡାରେ ଯୁଦ୍ଧବିରୋଧୀ ବିକ୍ଷୋଭ ଦୁର୍ବାର ହେବାରେ ଲାଗିଛି। ଆମେରିକା ଦୂତାବାସ ଘେରାଉ କରୁଛନ୍ତି। ଅବିଳମ୍ବେ ଯୁଦ୍ଧ ବନ୍ଦ କରିବାପାଇଁ ଦାବୀ କରୁଛନ୍ତି।

ଯୁଦ୍ଧ ଆରମ୍ଭବେଳେ ଯେଉଁମାନେ କୁହୁଳା ନିଆଁରେ ଘିଅ ଢାଳୁଥିଲେ - ଏବେ ସେ ହୁତୁହୁତୁ ନିଆଁର ଝୁଲ ସେମାନଙ୍କ ଉପରେ ପଡୁଛି। ଯୁଦ୍ଧ ବନ୍ଦ କରିବାକୁ ଯେତେ ରଡି ଛାଡିଲେ ବି କେହି ଶୁଣିବାକୁ ନାହିଁ। ଯେଉଁ ଆମେରିକା ଇସ୍ରାଏଲକୁ ଖତରନାକ୍ ଯୁଦ୍ଧାସ୍ତ୍ର ବିକ୍ରି କରିଥିଲା - ସେଇ ଅସ୍ତ୍ରରେ ଇସ୍ରାଏଲ ରକ୍ତମୁଖା ହୋଇ ଗାଜା ଉପରେ ନିକ୍ଷେପକରି ଶହଶହ ନିରୀହ ମଣିଷକୁ ଜିଅନ୍ତା ଶବରେ ପରିଣତ କରିଦେଲାଣି। ଇସ୍ରାଏଲ ପକ୍ଷରେ ଆମେରିକା, ବ୍ରିଟେନ୍, ଫ୍ରାନସ୍, ଭାରତ ପ୍ରମୁଖ ଦେଶ ପାଲେଷ୍ଟାଇନ୍-ଗାଜା ସପକ୍ଷରେ ୫୭ ମୁସଲିମ୍ ଦେଶ ସମେତ ରୁଷ, ଚୀନ୍, ଉତ୍ତରକୋରିଆ ପ୍ରମୁଖ ଦେଶ ଢାଲ ଭଳି ଠିଆହୋଇଛି। ଏବେ ଇସ୍ରାଏଲକୁ ଚାରିପଟୁ ଆକ୍ରମଣ ଆରମ୍ଭ ହୋଇଗଲାଣି। ପାଲେଷ୍ଟାଇନ୍-ଗାଜା-ହମାସ୍‌କୁ ସହଯୋଗ କରିବାପାଇଁ ଇସ୍ରାଏଲକୁ ଜିହାଦ୍, ଲେବାନନ୍‌ର ହିଜବୁଲ୍ଲା, ଇରାନ୍, ୟେମନ୍‌ର ହାଇଥି ବିଦ୍ରୋହୀ ଡ୍ରୋନ୍ ମିଜାଇଲ୍ ମାଧ୍ୟମରେ ଆକ୍ରମଣ କରୁଛନ୍ତି। ଏଭଳି ଏକ ସମୟରେ ଆମେ ପହଞ୍ଚିଲେଣି - ଖୁବ୍ ଶୀଘ୍ର ଦେଶେଦେଶେ ଭୟଙ୍କର ଯୁଦ୍ଧ ଲାଗି ବିଶ୍ୱର ଅଧାଲୋକ ଶବ ପାଲଟିଯିବେ। ସେତେବେଳକୁ ଯୁଦ୍ଧାସ୍ତ୍ର, ଅର୍ଥ, ଖାଦ୍ୟ ନଥିବ। ଲୋକ ଭୋକ ଓ ରୋଗରେ ପଡି ଛଟପଟ ହେବେ।

ଆନ୍ତର୍ଜାତୀୟ ଆଇନ୍, ଆନ୍ତର୍ଜାତୀୟ ଅପରାଧ କୋର୍ଟମାନେ ଦୁର୍ବଳ ଦେଶ ଉପରେ ଆଇନ୍, ରାୟ ଚାପିଦେଉଛନ୍ତି। ସବଳଦେଶ ଏମାନଙ୍କୁ ମାନୁନାହାଁନ୍ତି। ଜାତିସଂଘ ତ କେବେଠୁ ଦନ୍ତହୀନ ହୋଇଗଲାଣି। ବିଶ୍ୱସ୍ୱାସ୍ଥ୍ୟସଂଗଠନ କିଂକର୍ତ୍ତବ୍ୟମୂଢ ପାଲଟିଯାଇଛି। ସମସ୍ୟା, ଦ୍ୱନ୍ଦ, ଯୁଦ୍ଧ ସାରାପୃଥିବୀରେ ଛାଇଯାଇଛି। ଆନ୍ତର୍ଜାତିକ ମୁଦ୍ରାପାଣ୍ଠି, ବିଶ୍ୱବ୍ୟାଙ୍କ, ଜାତିସଂଘ ଅବସ୍ଥା ଖରାପଆଡକୁ ଯାଉଛି। ଆମେରିକା ସମଗ୍ରବିଶ୍ୱକୁ ନିଜ ଅକ୍ତିଆରରେ ରଖିବାକୁ କାର୍ଯ୍ୟକରୁଥିଲା। ତା'ର ମନ୍ଦବୁଦ୍ଧି ଯୋଗୁ ଚୀନ୍, ରୁଷ୍ ଲାଭବାନ୍ ହେବାରେ ଲାଗିଛନ୍ତି। ଏଣେ ବିଶ୍ୱର ଦୁଇନମ୍ବର ବଳଶାଳୀ ଚୀନ୍ ଟାକି ରହିଛି - କେତେବେଳେ ଏକନମ୍ବର ଆମେରିକା ଧରାଶାୟୀ ହେବ।


ଯାଜପୁର ରୋଡ, ଯାଜପୁର

ମୋ : ୯୮୬୧୦୩୪୧୬୩


## ଜାଗ୍ରତ ରାଷ୍ଟ୍ର ଗଠନରେ ଆଇନ୍

॥ ସୌର ଚନ୍ଦ୍ର ମହାପାତ୍ର ॥

ଗଣତନ୍ତ୍ରର ଅନ୍ୟତମ ପ୍ରମୁଖ ସ୍ତମ୍ଭ ନ୍ୟାୟପାଳିକା ଉପରେ ଦିନକୁ ଦିନ ଜନସାଧାରଣଙ୍କ ବିଶ୍ୱାସ ଓ ଭରସା ବୃଦ୍ଧି ପାଉଥିବାବେଳେ ଆଇନ ସଚେତନତା ଦିବସ ଦ୍ୱାରା ସାଧାରଣରେ ଆଇନ ସମ୍ବନ୍ଧୀୟ ବିଭିନ୍ନ ଜ୍ଞାତବ୍ୟ ତଥ୍ୟ ଜାଣିବା ସହ ନିଜ ପାଇଁ ଆଇନ ପ୍ରାସଙ୍ଗିକ ବିଷୟକୁ ନେଇ ସଚେତନତା ହେବାର ଦିନଟିଏ ହେଉଛି ଜାତୀୟ ଆଇନ ସଚେତନତା ଦିବସ। ବର୍ଷ ବର୍ଷ ଧରି ଭାରତୀୟ ପିଙ୍ଗଳ ସଂହିତାରେ ସୂଚୀତ ହୋଇଥିବା ବିଭିନ୍ନ ଆଇନର ବ୍ୟବସ୍ଥା ସାମ୍ପ୍ରତିକ ସମାଜ ପାଇଁ ଗୁରୁତ୍ୱପୂର୍ଣ୍ଣ ମନେହୁଏ। ସମସ୍ତଙ୍କ ପାଇଁ ଆଇନ କାନୁନ୍ ଜାଣିବା ହେଉଛି ଜଣେ ଯଥାର୍ଥ ନାଗରିକର ଦାୟିତ୍ୱ। ସଂପ୍ରତି ଦେଖାଦେଉଛି ସରକାରୀ କଳ ଠାରୁ ଜାତୀୟ ଓ ରାଜ୍ୟ ତଥା ସାମ୍ପ୍ରତିକ ସମସ୍ୟାଭିତ୍ତିକ ପ୍ରସଙ୍ଗରେ ନ୍ୟାୟ ପାଳିକା ହସ୍ତକ୍ଷେପ କରି ସଂପୃକ୍ତ ପକ୍ଷକୁ ତୁରନ୍ତ ନ୍ୟାୟ ପ୍ରଦାନ କରିବାରେ ସମର୍ଥ ହେଉଛନ୍ତି। କହିବାକୁଗଲେ ଭାରତୀୟ ନ୍ୟାୟପାଳିକା ସମସ୍ତଙ୍କ ଦ୍ୱାରା ଗ୍ରହଣୀୟ ଓ ପ୍ରଶଂସନୀୟ ହେଉଛି। ଭାତ ହାଣ୍ଡିରୁ ଗୋଟିଏ ପରି କଟକ ସହରର ପିଇବା ପାଣି ବ୍ୟବସ୍ଥା ଠାରୁ ରାସ୍ତାଘାଟ ମରାମତି, ସମସ୍ୟା ବହୁଳ ପ୍ରସଙ୍ଗ ନେଇ ଶିକ୍ଷାୟତନରେ ତାଲା ବନ୍ଦ ଠାରୁ ଖୋଦ୍ ଡାକ୍ତରଖାନା ସମ୍ମୁଖରେ ପଡ଼ି ଛଟ ପଟ ହେଉଥିବା ରୋଗୀଟି ପାଇଁ ମାନ୍ୟବର ନ୍ୟାୟାଳୟ ନିଜ ଆଡୁ ଏ ନେଇ ମାମଲା ରୁଜୁ କରି ବ୍ୟବସ୍ଥାର ସୁଧାର ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଉଛନ୍ତି। ଯାହାର ସୁଫଳ ସଂପୃକ୍ତ ରୋଗୀ ବା ଅନୁଷ୍ଠାନ ତତ୍‌କାଳ ପାଇବାରେ ସମର୍ଥ ହେଉଛନ୍ତି।

ମୁଖ୍ୟ କଥା ହେଉଛି ଦିନକୁ ଦିନ ନ୍ୟାୟାଳୟରେ ମାମଲାର ବୋଝ ବୃଦ୍ଧି ପାଉଥିବାବେଳେ ସେହି ତୁଳନାରେ ମାନ୍ୟବର ବିଚାରପତି ଓ ଆନୁସଙ୍ଗିକ କର୍ମଚାରୀଙ୍କୁ ନୂତନ ନିଯୁକ୍ତି ଦିଆଯାଉନାହିଁ। ବର୍ଷ ବର୍ଷ ଧରି ମାମଲା ଖତ ଖାଇ ପରିଶେଷରେ ରାୟ ପ୍ରକାଶ ପାଇଲା ବେଳକୁ ଉଭୟ ମୁଦଲା ଓ ମୁଦେଇ ଜୀବନରେ ରହିନଥାନ୍ତି। ତେଣୁ ଯଥାର୍ଥରେ କୁହାଯାଏ ବିଳମ୍ବିତ ନ୍ୟାୟ ବିଡ଼ମ୍ବିତ। ନିତିଦିନିଆ ଜୀବନରେ ଦେଖାଯାଇଥାଏ ଆମ୍ଭେମାନେ ଜାଣି ମଧ୍ୟ ଧର୍ମକୁ ଆଖିଠାର ପରି ନ୍ୟାୟାଳୟକୁ ସମ୍ମାନ ପ୍ରଦର୍ଶନ କରିନଥାଉ। ବ୍ୟକ୍ତିଗତ ଜୀବନରେ ଦେଶର ସମ୍ବିଧାନ ଓ ନ୍ୟାୟର ବିଭିନ୍ନ ଦିଗ ଉପରେ ଜାଣିବା ସମସ୍ତଙ୍କ ପାଇଁ ଜରୁରୀ। ସଂପ୍ରତି ଭାରାକ୍ରାନ୍ତ ମାମଲାକୁ ଲାଘବ ପାଇଁ ମାନ୍ୟବର କୋର୍ଟ ବିଭିନ୍ନ ସମୟରେ ଭ୍ରାମ୍ୟମାଣ କୋର୍ଟ, ଲୋକ ଅଦାଲତ ଓ ଫାଷ୍ଟଟ୍ରାକ୍ କୋର୍ଟ ଗଠନ କରି ଲୋକମାନଙ୍କ ପାଖରେ ତ୍ୱରିତ ନ୍ୟାୟ ପ୍ରଦାନ କରିବାରେ ସମର୍ଥ ହେଉଛନ୍ତି। ଆଇନକୁ ନେଇ ଜଣେ ଯଦି ସଚେତନ ନହୁଏ ତାହେଲେ ସେ ଲୋକକୁ ନ୍ୟାୟାଳୟ ନ୍ୟାୟ ପ୍ରଦାନ ପାଇଁ ବିଳମ୍ବ ହେବା ସ୍ୱଭାବିକ। ବର୍ତ୍ତମାନ ଦେଖାଯାଉଛି କଥା କଥାକେ ଲୋକେ ଥାନା, କୋର୍ଟ କଚେରୀ ଧାଉଁଛନ୍ତି ଯାହାଦ୍ୱାରା ସେମାନଙ୍କ ମାନସିକ, ଶାରୀରିକ ଓ ଆର୍ଥିକ ସହିତ ବହୁମୂଲ୍ୟ ସମୟ ନଷ୍ଟ ହେଉଛି। ଭାରତ ବାହାରେ ପ୍ରାୟତଃ ସମସ୍ତ ରାଷ୍ଟ୍ରରେ ଲୋକମାନେ ସେହି ଦେଶର ସଂଘୀୟ ବ୍ୟବସ୍ଥା ପ୍ରଚଳିତ ଆଇନକୁ ଯଥେଷ୍ଟ ସମ୍ମାନ ପ୍ରଦାନ କରିଥାନ୍ତି। ଯାହାକି ଭାରତ ବର୍ଷରେ ବିରଳ। ସେହିପରି ଅନେକ କ୍ଷେତ୍ରରେ ଦେଖାଯାଇଛି ହୃଦୟବାନ ଓ ଜ୍ଞାନଦୀପ୍ତ ଧର୍ମାବତାରମାନେ ସବୁଦିଗରୁ ବିଚାର କରି ସଠିକ୍ ନ୍ୟାୟ ପ୍ରଦାନ କରିଥାନ୍ତି। ନ୍ୟାୟର ଦଣ୍ଡ ଧରିଥିବା ବିଚାରପତିମାନଙ୍କୁ ଭାରତୀୟ ଚିନ୍ତା ଓ ଚେତନାରେ ଧର୍ମାବତାର ବୋଲି ସମ୍ବୋଦ୍ଧିତ କରାଯାଏ। ସରକାରୀ ଓ ବିଭିନ୍ନ ବେସରକାରୀ ସଂଗଠନର ମିଳିତ ଆୟୋଜନରେ ଗ୍ରାମାଞ୍ଚଳ ଠାରୁ ସହରାଞ୍ଚଳ ଓ ଆଦିବାସୀ ବହୁଳ ଅଞ୍ଚଳରେ ଲୋକମାନଙ୍କୁ ସୂଚିତ ପାଇଁ ବିଭିନ୍ନ ପ୍ରକାର ସଚେତନଧର୍ମୀ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଜଣେ ନାଗରିକ ନିଜର ହକ୍ ଓ ତଥ୍ୟ ଜାଣିବାର ସଚେତନର ଭାବ ରହିଲେ ଆଇନର ସଚେତନତା ବୃଦ୍ଧି ପାଇବ। କଟକରେ ଭାରତର ଗୌରବ ପରି ଜାତୀୟ ଆଇନ ମହାବିଦ୍ୟାଳୟ ଖୋଲାଯାଇଛି। ଭାରତ ଓ ଭାରତ ବାହାରୁ ବିଭିନ୍ନ ଦେଶର ଆଇନ ଛାତ୍ରଛାତ୍ରୀମାନେ ଏଠାରେ ଶିକ୍ଷାଦାନ ଗ୍ରହଣ କରୁଛନ୍ତି। ସରକାରଙ୍କ ଜାଗୋ ଗ୍ରାହକ ଜାଗେ ବ୍ୟବସ୍ଥାରେ ଆଇନର ସଚେତନତା ଦ୍ୱାରା ହିଁ ନାଗରିକ ବା ଗ୍ରାହକମାନେ ଜାଗରିତ ହୋଇପାରୁଛନ୍ତି। ଆଇନ ସଚେତନତା ପାଇଁ ସଂପ୍ରତି ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଗଣଶିକ୍ଷା ବିଭାଗରୁ ସ୍ୱତନ୍ତ୍ର ଭାବରେ ସଚେତନଧର୍ମୀ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସମସ୍ତଙ୍କ ପାଖରେ ନ୍ୟାୟ ପହଞ୍ଚାଇବା ପାଇଁ ଏବଂ ବିଶେଷକରି ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାର ଓ ଗରିବ ଶ୍ରେଣୀର ଲୋକମାନଙ୍କ ପାଇଁ ସରକାର ଜନାଭିମୁଖୀ ପଦକ୍ଷେପ ନେଇ ସେମାନଙ୍କୁ ମାଗଣା ଆଇନ ସେବା ଯୋଗାଇବାର ବ୍ୟବସ୍ଥା ରଖିଛନ୍ତି। ଆଇନକୁ ସଚେତନଧର୍ମୀ କରି ସମସ୍ତଙ୍କ ପାଖରେ ନ୍ୟାୟ ପହଞ୍ଚାଇବା ପାଇଁ ଗଣମାଧ୍ୟମ ଠାରୁ, ବେସରକାରୀ ସଂଗଠନ ଓ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆଜି ଜାତୀୟ ଆଇନ ସଚେତନତା ଦିବସ ଅବସରରେ ସମସ୍ତେ ଭାରତୀୟ ସଂଘୀୟ ବ୍ୟବସ୍ଥାର ଆଇନକୁ ସମ୍ମାନ ଜଣାଇ ସଚେତନ ହେବାଦ୍ୱାରା ଏକ ପ୍ରଗତିଶୀଳ ଓ ଜାଗ୍ରତ ରାଷ୍ଟ୍ର ଗଠନ କରିବାରେ ନିଜକୁ ଉତ୍ସର୍ଗ କରିବା।


ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ

'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ,



# ରାଇଜ କଥା

ଆଖି ଦେଖୁଥିବା କାନ ଶୁଣୁଥିବା
ପ୍ରତିଟି ଖବରରେ ଟଳୁଛି ମଥା






## ଓଡଗାଁ ସହରର କଦଳୀବନ୍ଧରେ ଯୁବକଙ୍କୁ ହତ୍ୟା ଘଟଣାରେ ଚାରି ଅଭିଯୁକ୍ତ ଗିରଫ : ହତ୍ୟାକାଣ୍ଡରେ ବ୍ୟବହୃତ ଖଣ୍ଡା ଏବଂ କାର୍, ମିନି ଟ୍ରକ ଜବତ

ନୟାଗଡ, (ମହାଭାରତ) : ଓଡଗାଁ ସହରର କଦଳୀବନ୍ଧରେ ଯୁବକଙ୍କୁ ହତ୍ୟା ଘଟଣାରେ ପୋଲିସ ୪ଜଣଙ୍କୁ ଗିରଫ କରିଛି। ଏହା ସହିତ ହତ୍ୟାକାଣ୍ଡରେ ବ୍ୟବହୃତ ଖଣ୍ଡା ଏବଂ ଗୋଟିଏ କାର୍, ମିନି ଟ୍ରକ ଜବତ ହୋଇଛି। ଆଜି ପ୍ରେସମିଟ୍ କରି ଏହି ସୁଚନା ଦେଇଛନ୍ତି ସେଣ୍ଟ୍ରାଲ ରେଞ୍ଜ ଆଇଜି ସତ୍ୟଜିତ୍ ନାୟକ। ହତ୍ୟାକାଣ୍ଡର ୨୪ ଘଣ୍ଟା ମଧ୍ୟରେ ପୋଲିସ ୪ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ଙ୍କୁ ଅତିଶୀଘ୍ର ଧରାଯିବ ବୋଲି ସେ କହିଛନ୍ତି। ଗିରଫ ଅଭିଯୁକ୍ତ ମାନେ ହେଲେ ଓଡ଼ଗାଁ ର ପୂର୍ଣ୍ଣଚନ୍ଦ୍ର ନାୟକ, ରୋହିବାଙ୍କ ଡାବା ସାହିର ମହନ୍ତ ନାୟକ, ମହାପୁର ସାହିର ମାନସ ସାହୁ ଏବଂ କୋମଣ୍ଡ ର? ଶ୍ରୀଧର ସାହୁ। ଘଟଣାର ମୂଖ୍ୟ ଅଭିଯୁକ୍ତ ମହନ୍ତ ଏବଂ ପୂର୍ଣ୍ଣଚନ୍ଦ୍ର ବୋଲି ପୋଲିସ କହିଛି। ଘଟଣା ଦିନ ରାତିରେ କଦଳୀବନ୍ଧ ସାହିକୁ ଦୁଇଟି ଟ୍ରକରେ



ମାଙ୍କଡା ପଥର ଆସିଥିବା ବେଳେ ମୃତକ ଅଜିତ୍ ସାହୁ ଏବଂ ତାଙ୍କ ବନ୍ଧୁ ସନ୍ତୋଷ ପ୍ରଧାନ ଗାଡିକୁ ଅଟକାଇଥିଲେ। ଗାଡିର ଡ୍ରାଇଭର ସହ ସେମାନଙ୍କ ପାଟିତୁଣ୍ଡ ହେବାପରେ ଡ୍ରାଇଭର ଫୋନ ମାଧ୍ୟମରେ ଅଭିଯୁକ୍ତ ମାନଙ୍କୁ ଡାକିଥିଲେ। ପୂର୍ଣ୍ଣଚନ୍ଦ୍ର ଏବଂ ତାଙ୍କର ୫ ଜଣ ସହଯୋଗୀ ହୋଣ୍ଡା ଆମେଜ୍ କାରରେ ଘଟଣାସ୍ଥଳକୁ ଆସିବା ପରେ ସେମାନଙ୍କ ସହ ମଧ୍ୟ ଅଜିତ ଙ୍କ ପାଟିତୁଣ୍ଡ ଏବଂ ଠେଲାପେଲା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ପୂର୍ଣ୍ଣଚନ୍ଦ୍ର ଏବଂ ମହନ୍ତ ଏକ ଖଣ୍ଡାରେ ଅଜିତ ଙ୍କୁ ଅତି ନିର୍ମମଭାବେ ହାଣି ଦେଇଥିଲେ। ଘଟଣାସ୍ଥଳରେ ଅଜିତ ଙ୍କ ମୃତ୍ୟୁ ହୋଇଥିବା ବେଳେ ସନ୍ତୋଷ ଘଟଣାସ୍ଥଳରୁ ଖସି ପଳାଇଯାଇଥିଲେ। ମୃତକ ଅଜିତ ଏବଂ ସନ୍ତୋଷ ବିଭିନ୍ନ ସମୟରେ ମାଙ୍କଡା ପଥର ବୋଝେଇ ଗାଡି ଅଟକାଇ ଟଙ୍କା ଆଦାୟ କରୁଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ୪ ଜଣଙ୍କୁ ଗିରଫ କରିଥିବା ବେଳେ ବ୍ୟବହୃତ ଖଣ୍ଡାକୁ ଢେଙ୍କାନାଳ ଜିଲ୍ଲାର ଭାପୁର ଜଙ୍ଗଲରୁ ଜବତ କରିଛି। ଆଜି ଅଭିଯୁକ୍ତ ମାନଙ୍କୁ ନେଇ ଓଡ଼ଗାଁ ପୋଲିସ ସିନ୍-ରିକ୍ରେସନ୍ କରିବା ସହ କୋର୍ଟ ଚାଲାଣ କରିବ। ଏହି ପ୍ରେସମିଟ୍ ସମୟରେ ଗିରଫ ହୋଇଥିବା ଶ୍ରୀଧର ମୁଁ ନିର୍ଦ୍ଦୋଷ ମତେ ଫସାଇ ଦିଆଯାଇଥିବା ପାଟି କରି କହିଥିଲା।

## ଗଞ୍ଜେଇ ବେପାରୀ ଗିରଫ

ଚିଲିକା, (ମହାଭାରତ): ସୋମବାର ଅପରାହ୍ନ ବାଲୁଗାଁ ପୋଲିସର ଚଢ଼ାଉ ବେଳେ ଜଣେ ଗଞ୍ଜେଇ ବେପାରୀକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଥାଉକି ବାଲୁଗାଁ ଥାନା ଅଧୀନ ସୀଙ୍ଗେଶ୍ୱର ପଞ୍ଚାୟତ ଲୁଣୁପୁଟ ଗ୍ରାମର ରାଜକିଶୋର ପରିଡା (୬୫) ପ୍ରତିଦିନ ସକାଳେ ସନ୍ଧ୍ୟାରେ ବାଲୁଗାଁ କଲେଜ ରୋଡ୍ରେ ୨୦ଟଙ୍କିଆ ୩୦ଟଙ୍କିଆ ପୁଡା କରି ଗଞ୍ଜେଇ ବିକୁଥିଲେ। ଦୀର୍ଘ ଦିନ ଧରି ଅଭିଯୋଗ ହୋଇ ଆସୁଥିଲେ ସୁଦ୍ଧା ପୋଲିସ ଧରିବାରେ ସକ୍ଷମ ହୋଇପାରୁନଥିଲା। ଆଜି ଅପରାହ୍ଣରେ ଖୋର୍ଦ୍ଧା ଏସପିଙ୍କ ନିର୍ଦ୍ଦେଶକ୍ରମେ ବାଲୁଗାଁ ଥାନା ଅଧିକାରିଣୀ ଶ୍ରଦ୍ଧା ନାୟକ ସଦଳବଳେ ପହଞ୍ଚି ଗଞ୍ଜେଇ ବେପାରୀ ରାଜୁ ପରିଡ଼ାକୁ ଧରିବାରେ ସକ୍ଷମ ହୋଇଥିଲେ। ରାଜୁ ଏକ ଗୁପ୍ତ ଜାଗାରେ ଲୁଚେଇ ରଖିଥିବା ୩ କିଲୋ ୬୦୦ ଗ୍ରାମର ଗଞ୍ଜେଇ, ନଗଦ ୨୩୪୮ଟଙ୍କା ଏବଂ ଛୋଟ ମୋବାଇଲ ଜବତ ସହ ୧୮୫/୨୬ରେ ମାମଲା ରୁଜୁ କରି ରାଜୁକୁ କୋର୍ଟ ଚାଲାଣ କରାଯାଇଛି।

## ଶିଶୁ ଶ୍ରମିକ ଖଟାଉଥିବାରୁ ଦୋକାନୀଙ୍କୁ ୨୦ ହଜାର ଜରିମାନା

କପ୍ତିପଦା, (ମହାଭାରତ) : ମାତ୍ର ୩ ମାସ ୫ ଦିନରେ ସରିଲା ମାମଲା। ନିୟମ ଉଲ୍ଲଙ୍ଘନ କରି ଶିଶୁ ଶ୍ରମିକଙ୍କୁ କାମରେ ଲଗାଇଥିବା ଦୋକାନୀଙ୍କୁ ୨୦ ହଜାର ଟଙ୍କାର ଜୋରିମାନା ର ରାୟ ଶୁଣାଣି କରିଛନ୍ତି ଏସଡ଼ିଜେଏମ। କପ୍ତିପଦା ଥାନା ନୁଆସାହି ବଜାରରେ ଥିବା ମା ଦୁର୍ଗା ହୋଟେଲ ଏବଂ ଫାଷ୍ଟଫୁଡ ଦୋକାନ ର ମାଲିକ ରବି ନାରାୟଣ ପରିଡା ଶିଶୁ ଶ୍ରମିକଙ୍କୁ ଦୋକାନ କାମରେ ଲଗାଇଥିଲେ। ଯାହାକୁ ନେଇ ଗତ ୨୦୨୫ ଜୁନ ମାସ ୨୩ ତାରିଖରେ ଚଢ଼ାଉ କରାଯାଇ ଶିଶୁ ଶ୍ରମିକ କୁ ଉଦ୍ଧାର କରାଯାଇଥିଲା। ଉଦ୍ଧାର ପରେ ସମ୍ପୃକ୍ତ ଦୋକାନ ମାଲିକଙ୍କ ନାମରେ ଏକ ମାମଲା ରୁଜୁ ହୋଇଥିଲା । ଉକ୍ତ ମାମଲା ଉଦଳା ଏସଡ଼ିଜେଏମ କୋର୍ଟରେ ୨୦୨୬ ଫେବୃଆରୀ ୬ ତାରିଖରେ ଏହି ମାମଲାର ଟ୍ରାଏଲ ଆରମ୍ଭ ହୋଇଥିଲା। ଯାହାକୁ ନେଇ ସୋମବାର ଉଦଳା ଏସଡ଼ିଜେଏମ ଅନୁରାଗ ଦେହୁରୀ ଉକ୍ତ ମାମଲା ର ଶେଷ ଶୁଣାଣି କରି ସମ୍ପୃକ୍ତ ହୋଟେଲ ମାଲିକଙ୍କୁ ୨୦ ହଜାର ଟଙ୍କା ର ଜୋରିମାନା ରାୟ ଦେଇଛନ୍ତି। ଜୋରିମାନା ଅନାଦେୟ ବାବଦକୁ ୩୦ ଦିନ ଜେଲ ଦଣ୍ଡାଦେଶ ର ରାୟ ପ୍ରକାଶ ପାଇଛି। ଏହି ମାମଲାରେ ରବିନ କୁମାର ପଟ୍ଟନାୟକ ସରକାରୀ ଓକିଲ ଭାବେ କେଶ ଲଢ଼ିଥିବା ବେଳେ ବିପକ୍ଷର ଓକିଲ ଥିଲେ ଦିଲ୍ଲୀପ ପରିଡା।

## ହୋଟେଲରୁ ମହିଳାଙ୍କ ଝୁଲନ୍ତା ମୃତ ଦେହ ଉଦ୍ଧାର

ଦେବଗଡ, (ମହାଭାରତ) : ମଙ୍ଗଳ ବାର ଦିନ ଓପରାଂହ୍ ରେ ବାରକୋଟ ଥାନା,ବଣାଇ ଛକ ରେ ଥିବା ହୋଟେଲ ଯୋସ୍ନି ନରୁ ବନ୍ଦ କଠାରିରୁ ଜଣେ ବିବାହିତ ମହିଳାର ମୃତଦେହ ବାରକୋଟ ପୋଲିସ ଠାବ କରିଛି । ସୂଚନା ଅନୁଯାୟୀ ଆଜି ଦିନ ପ୍ରାୟ ଏକ ଘଟିକା ସମୟର ଝରକା ପଟୁ, ରୁମରୁ ହୋଟେଲ କର୍ମ ଚାରି ଏକ ଝୁଲନ୍ତା ମୃତ ଦେହ ଦେଖି ବାକୁ ପାଇଥିଲେ। ସେ ସାଙ୍ଗେ ସାଙ୍ଗେ ହୋଟେଲ ମ୍ୟାନେଜରଙ୍କୁ ଖବର ଦେଇଥିଲେ ,ମ୍ୟାନେଜର ସଙ୍ଗେ ସାଙ୍ଗେ ବାରକୋଟ ପୋଲିସକୁ ଖବର ଦେଇଥିଲେ। ବାରକୋଟ ପୋଲିସ ଆସି ସମସ୍ତ କେମେରାରେ କୋଏଦ ଥିବା ଫଟ ଏବଂ କାଗଜ ପତ୍ରରୁ ସବୁ ତଥ୍ୟ ଆଦାୟ କରିଥିଲେ। କିଛି ଦିନ ପୂର୍ବରୁ ମୃତ ମହିଳା ଜଣକ ଆଉ ଜଣେ ପୁରୁଷଙ୍କ ସହିତ ଘରୁ ବାହାରି ଆସି ଏହି ହୋଟେଲର ରୁମରେ ରହୁଥିଲେ । ହେଲେ ଆଜି ତାଙ୍କ ଦୁଇ ଜଣକ ଭିତରେ କିଛି ବଚସା ହୋଇଥିବାରୁ ମହିଳା ଜଣକ ରୁମର କବାଟ ବନ୍ଦ କରି ଭିତରେ ଆତ୍ମ ହତ୍ୟା କରିଥିଲେ। ଜଣେ ମାଜିଷ୍ଟ୍ରେଟଙ୍କ ଜରିଆରେ କବାଟ ଭାଙ୍ଗି ପରିବାରଙ୍କ ସମ୍ମୁଖରେ ଶବକୁ ବନ୍ଦ କଠାରୀରୁ ବାହାରକୁ ଅଣାଯାଇଥିଲା । ବାରକୋଟ ପୋଲିସ ଶବକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ସବ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିବ ବୋଲି ବାରକୋଟ ପୋଲିସ ସୂତ୍ରରୁ ଜଣା ପଡ଼ିଛି। ମୃତ ମହିଳା ଜଣେ ବିବାହିତ ହୋଇଥିବା ବେଳେ ତାଙ୍କ ସହିତ ଥିବା ପୁରୁଷ ବି ଜଣେ ବିବାହିତ। ମହିଳା ଜଣକ ବାରକୋଟ ଥାନା କାଳିଆ ପାଲ ପଞ୍ଚାୟତର ନାଲାପସି ଗ୍ରାମର ଜନକ ନାଏକଙ୍କ ସ୍ତ୍ରୀ ଭାରତୀ ନାଏକ ବୋଲି ଜାଣିବାକୁ ମିଳିଛି।

## ଅଗ୍ନିକାଣ୍ଡ ଘଟି ଜଳିଗଲା ୫୦ହଜାର ଟଙ୍କା ସହ ଘରୋଇ ଉପକରଣ

ଦଶପଲ୍ଲା, (ମହାଭାରତ): ଆଜି ଅପରାହ୍ନ ସମୟରେ ଅଗ୍ନିକାଣ୍ଡ ଘଟି ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଟାକରା ଗ୍ରାମ ପଂଚାୟତ ଅଧୀନ ବୁରୁସାହି ଗ୍ରାମର ଦଣ୍ଡଧର ନାୟକ ଓ ଅକ୍ଷୟ ନାୟକଙ୍କ ଘର ସମ୍ପୂର୍ଣ୍ଣ ପୋଡ଼ିଜଳି ପାଉଁଶ ହୋଇଯାଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ ଘର ସମ୍ପୂର୍ଣ୍ଣ ଭାବେ ପୋଡ଼ିଯିବା ଯୋଗୁଁ ନଗଦ ୫୦ ହଜାର ଟଙ୍କା ସହ ଘରେ ଥିବା ସମସ୍ତ କାଗଜପତ୍ର ଓ ଧାନ, ଚାଉଳ ସମେତ ଅନେକ ଜିନିଷ ପୋଡ଼ିଜଳି ପାଉଁଶହୋଇଯାଇଛି। ଘରେ ନିଆଁ ଲାଗିଯିବା କ୍ଷଣି ସଂଗେସଂଗେ ସ୍ଥାନୀୟ ଲୋକ ନିଆଁକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରିବା ସହ ଦମକଳ ବାହିନୀକୁ ଖବର ଦେଇଥିଲେ ଖବର ପାଇ ଦମକଳ ବାହିନୀ ଘଟଣା ସ୍ଥଳରେ ପହଂଚି ନିଆଁକୁ ଆୟତ୍ତ କରିଥିବାବେଳେ ସେତେବେଳକୁ ନଗଦ ୫୦ ହଜାର ଟଙ୍କା ସହ ଧାନ, ଚାଉଳ ଓ ବିରି ଭଳି ଅନେକ ଘରୋଇ ଉପକରଣ ଜଳିପୋଡ଼ି ପାଉଁଶ ହୋଇଯାଇଛି।

## ବାଇକକୁ ଧକ୍କା ଦେଲା ବାଇକ, ଦୁଇ ଗୁରୁତର

କରଞ୍ଜିଆ, (ମହାଭାରତ) : ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ଠାକୁରମୁଣ୍ଡା – କପ୍ତିପଦା ରାସ୍ତା ଦିଗଧର ନୂଆସାହି ବାଙ୍କ ନିକଟରେ ଭାରସାମ୍ୟ ହରାଇ ବାଇକ୍ ଦୁର୍ଘଟଣାରେ ଦୁଇ ଗୁରୁତର ହୋଇଥିବା ଜଣାପଡିଛି। ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇ ରହିଥିବା ଏକ ବାଇକକୁ ଧକ୍କା ଦେବାରୁ ଏହି ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଥାନା ଅନ୍ତର୍ଗତ ପଣସଡିହା ପଞ୍ଚାୟତ ବଣୀଆଯୋଡ଼ି ଗ୍ରାମର ଶ୍ରୀରାମ ସମାଡ ନିଜ ବାଇକରେ ଶରତ ଅଞ୍ଚଳରୁ ଘରକୁ ଫେରୁଥିଲେ। ଏହି ସମୟରେ ଭେଜିଦିହା ଅଞ୍ଚଳରୁ ସହାରପଡା ଥାନା ଅନ୍ତର୍ଗତ ମାଛଗଡ ନିକଟ କମାରମାରା ଗ୍ରାମର ଜଗା ବିରୁଆଙ୍କୁ ସେ ଲିଫ୍ଟ ଦେଇଥିଲେ। ଦୁଇଜଣ ଏକେ ବାଇକରେ ଯାତ୍ରା କରୁଥିବା ବେଳେ ଠାକୁରମୁଣ୍ଡା ଥାନା ନୂଆସାହି ବାଙ୍କ ନିକଟରେ ରାସ୍ତାରେ ଛିଡ଼ା ହୋଇ ଥିବା ଏକ ବାଇକକୁ ଧକ୍କା ଦେଇଥିଲେ। ଧକ୍କା ଏତେ ଜୋରଦାର ଥିଲା ଯେ ଦୁଇଜଣ ରାସ୍ତାରେ ଛିଟକି ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ପହଞ୍ଚି ୧୦୮ ଆମ୍ବୁଲାନ୍ସ କୁ ଖବର ଦେଇଥିଲେ । ପରେ ଆମ୍ବୁଲାନ୍ସ ଯୋଗେ ଉଭୟଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତରମାନେ ସେମାନଙ୍କୁ କରଞ୍ଜିଆ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଧିକ ଚିକିତ୍ସା ପାଇଁ ସ୍ଥାନାନ୍ତରିତ କରିଥିବା ଜଣାପଡ଼ିଛି।

## କଥା ଦେଇ କଥା ରଖିଲେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ

ଉମରକୋଟ, (ମହାଭାରତ) : ନବରଙ୍ଗପୁର ଜିଲ୍ଲା ଉମରକୋଟ ଠାରେ ଆଜି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଦେଇଥିବା ପ୍ରତିଶ୍ରୁତିକୁ ରଖି ଆଜି ଉମରକୋଟ ୮ ନମ୍ବର ୱାର୍ଡ ଖଲାସୀ ସଂଘ ଟ୍ୟାକ୍ସି ଷ୍ଟାଣ୍ଡ ଠାରେ ଏକୋ ନଳକୂପ ଭେଟି ଦିଆଯାଇଛି । ଆଜି ଏହାର ଶୁଭ ଉଦଘାଟନ କରାଯାଇଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଖୁସିର



ମହୋଲ ଦେଖିବାକୁ ମିଳିଛି । ଉମରକୋଟ ସହରର ୮ ନମ୍ବର ୱାର୍ଡରେ ଥିବା ଖଲାସୀ ସଂଘ ପକ୍ଷରୁ ଦୀର୍ଘଦିନ ଧରି ପାଣି ସମସ୍ୟା ନେଇ ଦାବି ହୋଇଆସୁଥିଲା । ରମେଶ ଦାସ ମନ୍ତ୍ରୀ କୁ ଏହି ଅସୁବିଧା ବିଷୟରେ ଅବଗତ କରାଇଥିଲେ । ଏହି ସମସ୍ୟାକୁ ଗୁରୁତ୍ୱ ସହ ନେଇ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏକ ଏକୋ ନଳକୂପ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ଆଜି ସେହି ପ୍ରତିଶ୍ରୁତି ପୂରଣ ହୋଇଥିବାରୁ ଖଲାସୀ ସଂଘ ସଦସ୍ୟଙ୍କ ମଧ୍ୟରେ ଖୁସିର ଲହରୀ ଦେଖିବାକୁ ମିଳିଛି । ଆଜି ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ପୂର୍ବତନ ଏସ୍.ସି ମୋର୍ଚ୍ଚା ଉପସଭାପତି ରମେଶ ଦାସ ନଡ଼ିଆ ଭାଙ୍ଗି ନଳକୂପର ଶୁଭାରମ୍ଭ କରିଥିଲେ । ଉମରକୋଟର ଜଣେ ଜଣାଶୁଣା ବିଜେପି କର୍ମୀ ଭାବେ ରମେଶ ଦାସ ଲୋକଙ୍କ ବିଭିନ୍ନ ସମସ୍ୟା ସମାଧାନ ପାଇଁ ସବୁବେଳେ ଆଗକୁ ଆସୁଥିବା କୁହାଯାଉଛି । ତାଙ୍କର ଦୀର୍ଘଦିନର ରାଜନୈତିକ ଅନୁଭବ ଓ ଲୋକସେବା ମନୋଭାବ ଦ୍ୱାରା ଅନେକ ଉନ୍ନୟନମୂଳକ କାର୍ଯ୍ୟ ହୋଇଥିବା ସେ କହିଛନ୍ତି । ରମେଶ ଦାସ କହିଛନ୍ତି ଯେ, "ମୋର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ମୁଁ ଲୋକଙ୍କ ସେବା କରିବି । ଲୋକଙ୍କ ସମସ୍ୟାର ସମାଧାନ ପାଇଁ ସଦା ସର୍ବଦା ଚେଷ୍ଟା କରିବି ।"

## ରାଜ୍ୟ ସ୍ତରୀୟ ୱାକୋ କିକ ବକ୍ସିଂ ପ୍ରତିଯୋଗିତାରେ ଜଗତସିଂହପୁର ଜିଲ୍ଲା ରନର୍ସ ଅପ

ପାରାଦୀପ/ଜଗତସିଂହପୁର, (ମହାଭାରତ) : ଗତ ମେ ୬ ରୁ ୯ ତାରିଖ ପର୍ଯ୍ୟନ୍ତ ଗଞ୍ଜାମ ର ବିଜୁ ପଟନାୟକ ଷ୍ଟାଡିଅମ ଠାରେ ଚାଲିଥିବା ରାଜ୍ୟ ସ୍ତରୀୟ ୱାକୋ କିକ ବକ୍ସିଂ ପ୍ରତିଯୋଗିତାରେ ଓଡିଶା ର ୩୦ଟି ଜିଲ୍ଲା ରୁ ମୋଟ ୫୬୦ ଜଣ ପ୍ରତିଯୋଗୀ ଏବଂ ଅଫିସିଆଲ ଭାଗ ନେଇଥିଲେ । ସେଥି ମଧ୍ୟରୁ ଜଗତସିଂହପୁର ଜିଲ୍ଲା ର ୪୫ ଜଣ ପ୍ରତିଯୋଗୀ ଭାଗ ନେଇ ମୋଟ ୩୩ ଟି ସ୍ୱର୍ଣ୍ଣ, ୧୬ ରୋପ୍ୟ ଏବଂ ୧୫ କଂସ୍ୟ ପଦକ ହାସଲ କରି ସମସ୍ତ ଜିଲ୍ଲା କୁ ପଛରେ ପକାଇ ରନର୍ସ ଅପ ହେଇଛନ୍ତି । ଏହି ସଫଳତା ପାଇଁ ମାନ୍ୟବର ଶିକ୍ଷ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସମସ୍ତ କ୍ରୀଡ଼ାବିତ ମାନଙ୍କୁ ଅଭିନନ୍ଦନ




ଜଣାଇଛନ୍ତି । ଓଡିଶା ୱାକୋ କିକ ବକ୍ସିଂ ସଭାପତି କାର୍ତିକ ଡାକୁଆ, ସଭାପତି ବିଚିତ୍ର ନାରାୟଣ ଜେନା ଏବଂ ରଂଜନ ସୁତାର ଙ୍କ ପାଇଁ ଏହା ସମ୍ଭବ ହେଇ ପାରିଛି। ଜଗତସିଂହପୁର ଜିଲ୍ଲାର ଖେଳାଳି ମାନେ ଜାତୀୟ ସ୍ତର ର କୋଚ ଅମର ଜୋତି ରାଉତ ଏବଂ ମାନସ ଦୋରା ଙ୍କ ନେତୃତ୍ୱ ରେ ଏହି ସଫଳତା ହାସଲ କରିଛନ୍ତି । ଜଗତସିଂହପୁର ଜିଲ୍ଲା କିକ ବକ୍ସିଂ ସଂଘ ଉପସଭାପତି ଗଗନ ବିହାରୀ ରାଉତ ଏବଂ ଅନ୍ୟ ସମସ୍ତ ପଦାଧିକାରୀ ଓ କ୍ରୀଡ଼ାପ୍ରେମୀ ମାନେ ଜିଲ୍ଲାର ଏହି ସଫଳତା ପାଇଁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ହୋଟେଲ ଏମ୍ବାୟାର୍ସ ପାରାଦୀପ ପକ୍ଷରୁ 'ବିଟ ଦ ହିଟ' ଲସି ଉତ୍ସବ ଉଦଘାଟିତ

ପାରାଦୀପ, (ମହାଭାରତ) : ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିବା ବେଳେ ପାରାଦୀପର ହୋଟେଲ ଏମ୍ବାୟାର୍ସ ତରଫରୁ ଆରମ୍ଭ ହୋଇଛି ଗ୍ରୀଷ୍ମକାଳୀନ ଲସି ଉତ୍ସବ 'ବିଟ ଦ ହିଟ' । ସୋମବାର ଦିନ ହୋଟେଲ ଏମ୍ବାୟାର୍ସର ଡ଼େଲିକେଫ ପରିସରରେ ଉଦଘାଟିତ ହୋଇଛି ଏହି ଲସି ଫେଷ୍ଟିଭାଲ । ପାରାଦୀପର ବିଭିନ୍ନ ଶିକ୍ଷସଂସ୍ଥାର ଅଧିକାରୀ, କର୍ମଚାରୀ, କଲେଜ ଓ ସ୍କୁଲ ଛାତ୍ରଛାତ୍ରୀ ଏବଂ ପାରାଦୀପବାସୀଙ୍କ ପାଇଁ ସୁଲଭ ମୂଲ୍ୟରେ ଖରାତାତିରୁ ରକ୍ଷା ପାଇବା ଏବଂ ଖରା ସମୟରେ ଲସିର ମଜା ନେବାକୁ ବିଭିନ୍ନ ପ୍ରକାରର ଲସି ସୁଲଭ ମୂଲ୍ୟରେ ଯୋଗାଇ ଦେଉଛି ହୋଟେଲ ଏମ୍ବାୟାର୍ସ । ଲସିର ମୂଲ୍ୟ ୧୦୦ ଟଙ୍କାରୁ ୧୩୦ ଟଙ୍କା ରଖାଯାଇଛି । ଏ ନେଇ ହୋଟେଲ ଏମ୍ବାୟାର୍ସ ତରଫରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ହୋଟେଲ ଏମ୍ବାୟାର୍ସର ବ୍ୟବସାୟିକ ମୁଖ୍ୟ ଏମ.ଏମ.ଖାନ । ଖରା ସମୟରେ ପାରାଦୀପ ବାସି ହୋଟେଲ ଏମ୍ବାୟାର୍ସକୁ ଆସି ଲସି ଫେଷ୍ଟିଭାଲର ମଜା ନେବାକୁ ଅନୁରୋଧ କରିବା ସହିତ ସୁଲଭ ମୂଲ୍ୟରେ ବିଭିନ୍ନ ପ୍ରକାର ହାଇଜେନିକ ଲସି ଯୋଗାଇ




ଦେଉଛି ଏମ୍ବାୟାର୍ସ ଗ୍ରୁପର ଡ଼େଲିକେଫ । ଯାହା ସମସ୍ତ ଗ୍ରାହକ ମାନଙ୍କର ଆକର୍ଷଣ ପାଲଟିବ ବୋଲି ଆଶା ରଖିଛନ୍ତି ଏମ୍ବାୟାର୍ସ ଗ୍ରୁପ । ଯେଉଁଭଳି ବିଭିନ୍ନ ପୂଜା ପାର୍ବଣ ରଜ, ଦୀପାବଳି, ନୂଆବର୍ଷ, ପଖାଳ ଦିବସ ଆଦିରେ ଉନ୍ନତମାନର ଖାଦ୍ୟ ପରଷି ଗ୍ରାହକ ଙ୍କର ମନ ଜିଣିଛି ଠିକ ସେହିଭଳି ଲସି ଫେଷ୍ଟିଭାଲ ପାରାଦୀପ ଗ୍ରାହକ ମାନଙ୍କର ମନ ଜିଣିବ ବୋଲି ଏମ୍ବାୟାର୍ସ ପରିଚାଳନା ଗ୍ରୁପ ଆଶା ରଖିଛନ୍ତି ।

## ଆଞ୍ଚଳିକ କ୍ରସର ସଂଘରେ ଫାଟ

**♦ ସଂଘର ମନମାନୀକୁ ମାଲିକ ମାନଙ୍କ ବିରୋଧ**
**♦ କ୍ରସର ବନ୍ଦ କଲେ ବ୍ୟାଙ୍କ କିସ୍ତି ଦେବକି ସଂଘ**

ଖୋର୍ଦ୍ଧା, (ମହାଭାରତ) : ଖୋର୍ଦ୍ଧାରେ ବ୍ୟବସାୟ ଏବଂ ବାଣିଜ୍ୟର ଅଭିବୃଦ୍ଧି ପଛରେ ଜିଲ୍ଲାରେ ଗଢ଼ି ଉଠିଥିବା କ୍ରସର୍ ୟୁନିଟ୍ ମାନଙ୍କର ଏକ ବଡ ଭୂମିକା ରହିଥିବା ବେଳେ ପ୍ରାୟ ୩୦ହଜାରରୁ ଉର୍ଦ୍ଧ ଶ୍ରମିକ ଖୋର୍ଦ୍ଧା ନିକଟବର୍ତ୍ତୀ ତାପଙ୍ଗ, ମଳିପଡା, ଛତ୍ରମା ଏବଂ ଦଧିମାଛଗାଡ଼ିଆ ଆଦି ଅଂଚଳରେ କ୍ରସର ଶିଳ୍ପ ଉପରେ ନିର୍ଭର କରି ଚଳୁଛନ୍ତି । କେବଳ ଖୋର୍ଦ୍ଧା ଜିଲ୍ଲା ନୁହେଁ ବରଂ ପାର୍ଶ୍ୱବର୍ତ୍ତୀ ଗଞ୍ଜାମ ଏବଂ ନୟାଗଡ଼ ଜିଲ୍ଲାର ଅନେକ ଶ୍ରମିକଙ୍କ ପରିବାର ପ୍ରତିପୋଷଣ ହୋଇଥାଏ ଏହି କ୍ରସର ଶିଳ୍ପ ଯୋଗୁ । ତେବେ ବିଗତ ଦିନରେ ପୂର୍ବ ସରକାରରେ କିଛି ଛାମୁଆ ରାଜନୈତିକ ବ୍ୟକ୍ତି ବିଶେଷଙ୍କ ଷଡ଼ଯନ୍ତ୍ରର ଶିକାର ହୋଇ ଖୋର୍ଦ୍ଧା ଜିଲ୍ଲାରେ ପ୍ରାୟ ଦୁଇବର୍ଷ ଧରି ସମସ୍ତ କ୍ରସର୍ ୟୁନିଟ ଗୁଡିକ ବନ୍ଦ ରହିବା ଦ୍ୱାରା ଏହାର ସିଧାସଳଖ ପ୍ରଭାବ ପଡ଼ିଥିଲା କ୍ରସର ଶିଳ୍ପ ଉପରେ ନିର୍ଭର କରୁଥିବା ଲୋକଙ୍କ ଉପରେ । ମାତ୍ର କିଛି ଦିନ ପରେ କେତେକ କ୍ରସର ଚାଲିବା ଆରମ୍ଭ ହେବା ପରେ ଗାଡ଼ିମାଲିକଙ୍କ ଠାରୁ ଆରମ୍ଭ କରି ଶ୍ରମିକ, ପାହାଡ ମାଲିକ ଅଣ୍ଟା ସଳଖି ଠିଆ ହେବାକୁ ଚେଷ୍ଟା କରୁଥିବା ବେଳେ ବର୍ତ୍ତମାନ ପୁଣି ସଙ୍ଘକୁ ପରିଚାଳିତ କରୁଥିବା କିଛି କୁଚକ୍ରୀଙ୍କ ମନମୁଖୀ କାରବାର ଯୋଗୁଁ ସମସ୍ତଙ୍କ ମନରେ କ୍ରସର୍ ଶିଳ୍ପ ବନ୍ଦ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି । ଦୀର୍ଘଦିନ ଧରି କ୍ରସର୍ ଗୁଡ଼ିକ ବନ୍ଦ ହେବା ପରେ ବର୍ତ୍ତମାନ କିଛି କ୍ରସର୍ ମାଲିକ ରଣପୁର ଓ କୁହୁଡି ପାହାଡରୁ ମାଲ ଆଣି ନିଜ କ୍ରସର ୟୁନିଟକୁ ଚଳାଇବାକୁ ସକ୍ଷମ ହୋଇଛନ୍ତି ।

ତେବେ କ୍ରସର ମାଲିକଙ୍କୁ ଗଠିତ ହୋଇଥିବା ଏହି ତାପଙ୍ଗ ଆଞ୍ଚଳିକ କ୍ରସର ମାଲିକ ସଙ୍ଘକୁ ଏବେ କିଛି କୁଚକ୍ରୀ ଗୋଷ୍ଠୀ ନିଜ ହାତମୁଠାରେ ରଖିବାକୁ ଉଦ୍ୟମ ଚଳାଇଥିବା ବେଳେ ସଂଘର



ସଦସ୍ୟଙ୍କୁ ଜନୈକ ରାଜନେତାଙ୍କ ନାଁ ନେଇ ଧାରଣା ଓ ବୈଠକ ନାମରେ ଚାନ୍ଦା ମାଗି ଲୁଟୁଥିବା ଅଭିଯୋଗ ହୋଇଛି । ଏଠାରେ ପ୍ରଶ୍ନ ଉଠୁଛି ଯେ, ସଙ୍ଘ କ୍ରସର ଚଳାଇବାକୁ ମାଲ ଯୋଗାଉଥିବା ପାହାଡ ଗୁଡିକୁ ବନ୍ଦ କରିବା ସହିତ କ୍ରସର ଚଳାଇବାକୁ ବନ୍ଦ କରିବା ପଛରେ କାରଣ କଣ ? କ୍ରସର ଚାଲିଲେ ଶ୍ରମିକ ଠାରୁ ମାଲିକ ସମସ୍ତେ ଉପକୃତ ହେବେ। ତେବେ କାହା ସ୍ୱାର୍ଥରେ ସଂଘ ଦୀର୍ଘଦିନ ପରେ କାର୍ଯ୍ୟକ୍ଷମ ହୋଇଥିବା କ୍ରସର ଗୁଡ଼ିକୁ ବନ୍ଦ କରିବାକୁ ଫତୱା ଜାରି କରୁଛି ତାହା ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତେବେ ଅନ୍ୟପଟେ ସଂଘର କିଛି କୁଚକ୍ରୀ ବ୍ୟକ୍ତିଙ୍କ ମନ୍ଦ ଉଦ୍ଦେଶ୍ୟ ସାଧନ ନହେବାରୁ କେବଳ କ୍ରସର ନୁହେଁ ପଥର ଚାଲାଣରେ ବ୍ୟବହୃତ ହେଉଥିବା ଟ୍ରକ ଗୁଡ଼ିକୁ ବନ୍ଦ କରିବାକୁ ବିଭିନ୍ନ ଟ୍ରକ ସଂଘ ଗୁଡ଼ିକୁ ମଧ୍ୟ ବାଧ କରାଯାଉଥିବା ନେଇ କେତେକ ମାଲିକ ନିଜ ନାମକୁ ଗୋପନ ରଖି ପ୍ରକାଶ କରିଛନ୍ତି ।

ଅଭିଯୋଗକାରୀଙ୍କ କହିବା ଅନୁସାରେ ସଂଘ କୌଣସି ବ୍ୟକ୍ତି କୈନ୍ଦ୍ରିକ ନହୋଇ ସାମୁହିକ ଚିନ୍ତାଧାରରେ ଚାଲିବା କଥା । କିନ୍ତୁ କିଛି କୁଚକ୍ରୀ କିଛି ଅର୍ଥ ଲାଳସା ରେ ବିଭିନ୍ନ ଆଳରେ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେବା, ଧାରଣା ଦେବା, ବୈଠକ କରିବା ଭଳି ଅନେକ କାର୍ଯ୍ୟ କରିବା ଲାଗି କୋଡ଼ିଏ ହଜାର ଟଙ୍କାରୁ ନେଇ ଏକଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆଦାୟ କରୁଛନ୍ତି । ଯାହା ସଂଘର ସ୍ୱଚ୍ଛତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏପରିକି ନିଜର କ୍ରସର ନଥିବା ସତ୍ତ୍ୱେ ମଧ୍ୟ ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତି କିପରି ଦୀର୍ଘଦିନ ହେବ ସଂଘର ପଦ ପଦବୀରେ ରହି ମନମାନି ଚଳାଇଛନ୍ତି, ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ସେହିପରି ସଂଘର ବାର୍ଷିକ ଆୟବ୍ୟୟର କୌଣସି ଅଡିଟ ମଧ୍ୟ କରାଯାଉନାହିଁ, ଯାହା ଆଦାୟ ଅର୍ଥକୁ ହଡପ କରାଯାଉଥିବା ଘଟଣାକୁ ସ୍ପଷ୍ଟ କରୁଛି ବୋଲି ଚର୍ଚ୍ଚା ହେଉଛି । ଯଦି ସଂଘର ନିଷ୍ପତି ଅନୁସାରେ କ୍ରସର ଓ ଗାଡି ଗୁଡିକ ବନ୍ଦ କରାଯାଏ, ତେବେ ବ୍ୟାଙ୍କରୁ ଋଣ ଆଣି କ୍ରସର ବା ଗାଡି କରିଥିବା ମାଲିକମାନେ କିପରି କିସ୍ତି ଶୁଝିବେ ବୋଲି ସେମାନେ ପ୍ରଶ୍ନ କରିଛନ୍ତି ।

ତେବେ ବିଗତ ଦିନରେ ବେଆଇନ ଭାବେ କ୍ରସର ବନ୍ଦ କରିବା ଘଟଣାକୁ ନେଇ ତତ୍କାଳୀନ ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ସଂଘର କାର୍ଯ୍ୟକାରୀ ସଭାପତିଙ୍କୁ ତାଗିଦ୍ କରିଥିବା ନଜିର ରହିଛି ।

## ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା : ଏସ୍‌ପି ଅଫିସ ଘେରାଉ ପାଇଁ ଅରୁଣଙ୍କ ଚେତାବନୀ, ୧୪ରେ ଦିଆଯିବ ଦାବିପତ୍ର

ନୟାଗଡ଼, (ମହାଭାରତ) : ସାରା ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ। ପୋଲିସ ପ୍ରତି ଲୋକଙ୍କ ମନରେ ଭୟ ନାହିଁ। ଥାନାରେ ବିଜେପି କର୍ମୀଙ୍କ ଦବଦବା। ସାଧାରଣ ଲୋକେ ନ୍ୟାୟ ପାଇବାରୁ ବଞ୍ଚିତ। ଏଭଳି ପ୍ରସଙ୍ଗ ନେଇ ଆଜି ନୟାଗଡ଼ ବିଜୁ ଜନତା ଦଳ କାର୍ଯ୍ୟାଳୟ ଠାରେ ବିକ୍ଷୋଦଗାର କରିଛନ୍ତି ବିଜେଡି ନେତା। ନୟାଗଡ଼ ବିଜେଡି କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ତଥା ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ରାଜ୍ୟର ବିଭିନ୍ନ ପ୍ରସଙ୍ଗ ଉଠାଇବା ସହ ଦୁର୍ବଳ ସରକାର ପାଇଁ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ସାଧାରଣ ଜନତାକୁ ଭୟଭୀତ କରିଥିବା କହିଛନ୍ତି। ଡବଲ ଇଞ୍ଜିନ ସରକାର କ୍ଷମତାକୁ ଆସିବା ପରେ ଅରାଜକତା ବଢ଼ିଛି। ଅପରାଧି ମାନେ ଆଇନକୁ ଭୃକ୍ଷେପ କରୁ ନାହାନ୍ତି। ବର୍ବରତା ସୀମା ଅତିକ୍ରାନ୍ତ କରିଛି । ଢେଙ୍କାନାଳ ଜିଲ୍ଲା ଭାପୁର ଅଞ୍ଚଳରେ ଦଳୀତ ମହିଳାଙ୍କୁ ଦୁଷ୍କର୍ମ ପରେ ପଥରରେ ଛେଚି ହତ୍ୟା



ଘଟଣାରୁ ଆରମ୍ଭ କରି ପୁରୀ ଜିଲ୍ଲା ବଳଙ୍ଗା ଯୁବତୀଙ୍କୁ ହତ୍ୟା ଘଟଣା, ଗଞ୍ଜାମରେ ଗର୍ଭବତୀ ମହିଳାଙ୍କୁ ହତ୍ୟା ଘଟଣା, ବ୍ରହ୍ମଗିରିରେ ୬ ବର୍ଷ ଶିଶୁକନ୍ୟାକୁ ଦୁଷ୍କର୍ମ, କଣାସ ଥାନା ଅଞ୍ଚଳରେ ବାଲି ମାଫିଆଙ୍କ ଦୌରାତ୍ମ୍ୟ ପ୍ରସଙ୍ଗ ଉଠାଇ ସରକାରକୁ ଘେରିଛନ୍ତି। ନୟାଗଡ଼ ଓଡ଼ଗାଁରେ ଖଣି ମାଫିଆଙ୍କ ଦ୍ୱାରା ହତ୍ୟା ଘଟଣା ସବୁ ସୀମା ଟପିଛି ବୋଲି କହିଛନ୍ତି। ୨ ବର୍ଷରେ ବିଜେପି ସରକାର ଓଡ଼ିଶାର ଛବିକୁ ମଳିନ କରିଥିବା କହିଛନ୍ତି। ସେହିଭଳି ଭାବେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଜିଲ୍ଲାର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ସୁଧାରିବା ପାଇଁ ଆସନ୍ତା ୧୪ ତାରିଖ ନୟାଗଡ଼ ଏସ୍‌ପିଙ୍କୁ ଦାବିପତ୍ର ଦିଆଯିବ ବୋଲି। ସମୟ ଅବଧି ମଧ୍ୟରେ ପରିସ୍ଥିତିରେ ସୁଧାର ନଆସିଲେ ଏସ୍ ?ପିଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ନୟାଗଡ଼ ବିଧାୟକ ବିଭିନ୍ନ ଜିଲ୍ଲାରେ ଘଟୁଥିବା ନୃସଂଶ ହତ୍ୟାକାଣ୍ଡକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ଓଡ଼ିଶା ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। କଥା କଥାରେ ଗୁଳି, ବୋମା, ଖଣ୍ଡା ଠେଙ୍ଗା ଚାଲୁଛି। ଯେଉଁ ମାନେ ଆଇନକୁ ହାତକୁ ନେଉଛନ୍ତି, ସେମାନଙ୍କର ପୁଲିସ ପ୍ରତି ତିଳେମାତ୍ର ଭୟ ନାହିଁ ବୋଲି କହିଛନ୍ତି। ନିଜେ ମୁଖ୍ୟମନ୍ତ୍ରୀ ପୁଲିସ ବିଭାଗକୁ ତାଗିଦ୍ କରୁଛନ୍ତି। ଅର୍ଥାତ ନିଜେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ସ୍ୱୀକାର କରୁଛନ୍ତି। ଏଣୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ସରକାରଙ୍କ ଚେତାଇବା ପାଇଁ ବିଜୁ ଜନତା ଦଳ ନେତାଙ୍କୁ ଦାୟିତ୍ୱ ଦେଇଛନ୍ତି। ନୟାଗଡ଼ ଜିଲ୍ଲାରେ ଓଡ଼ଗାଁ ଘଟଣା, ଗଣିଆ ଜିଅନ୍ତ ପୋଡ଼ି ଦେବା ଜ୍ୱଳନ୍ତ ଉଦାହରଣ ବୋଲି କହିଛନ୍ତି। ଗାଁ ଗାଁରେ କଙ୍ଗାରୁକୋର୍ଟ। ନୟାଗଡ଼ ଜିଲ୍ଲାର ସ୍ଥିତି ଅସମ୍ଭାଳ ବୋଲି କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ରଣପୁର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟ ସୁବାଷ ଚନ୍ଦ୍ର କହଁର, ସରୋଜ ରଣସିଂ, କ୍ଷୀରୋଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଜୁନ ୧ ରୁ ୯ ଯାଏଁ ପବିତ୍ର ମହେନ୍ଦ୍ରଗିରିରେ ମହେନ୍ଦ୍ରମେଳା

ଗଜପତି, (ମାଭାରତ) : ଆସନ୍ତା ଜୁନ ୧ ରୁ ୯ ତାରିଖ ପର୍ଯ୍ୟନ୍ତ ପବିତ୍ର ମହେନ୍ଦ୍ରଗିରିରେ ମହେନ୍ଦ୍ରମେଳା ୯ ଦିନ ବ୍ୟାପି ଗଜପତି ଜିଲ୍ଲା ରାୟଗଡ ବ୍ଲକର ପୁରାଣ ପ୍ରସିଦ୍ଧ ତଥା ଭଗବାନଙ୍କ ତପଭୂମୀ ମହେନ୍ଦ୍ରଗିରି ଶିଖର ରେ ମହେନ୍ଦ୍ର ମେଳା ପୂଜ୍ୟ ସାଧୁସନ୍ଥ , ଆଚାର୍ଯ୍ୟ , ଯାଜ୍ଞିକ , ବିଦ୍ୱାନ୍ , ଭକ୍ତ ତଥା ସେବକ ମାନଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ହେବାକୁ ଯାଉଛି।

ଏହି ମେଳା ଲାଗି ସ୍ନାନ ଓ ବିଶ୍ୱଶାନ୍ତି ନବକୁଣ୍ଡୀୟ ହରିହରାତ୍ମକ ମହାଯଜ୍ଞ ମହାସମାରୋହରେ ଅନୁଷ୍ଠିତ ହେବ। ତତ୍ ସହିତ ଭାରତର ବିଭିନ୍ନ କ୍ଷେତ୍ରରୁ ବହୁ ସାଧୁ ସନ୍ଥ ଓ ଆଚାର୍ଯ୍ୟ ବୃନ୍ଦ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ସମସ୍ତ ଭକ୍ତବୃନ୍ଦ ଏହି ମହାର୍ଘ ଯଜ୍ଞାନୁଷ୍ଠାନରେ ଯୋଗଦାନ ପୂର୍ବକ ଭଗବତ୍ କୃପାଶ୍ରୀର୍ବାଦ ଲାଭ କରିବା ପାଇଁ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଆହ୍ୱାନ ଦିଆଯାଇଛି।

## ବିଜେଡି ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଲେ ନୟାଗଡ଼ ବ୍ଲକ୍ ଅଧ୍ୟକ୍ଷ

ନୟାଗଡ, ( ମହାଭାରତ ) : ବିଜେଡି ର ଟାଣୁଆ ନେତା ତଥା ନୟାଗଡ଼ ର ବିଧାୟକ ଅରୁଣ କୁମାର ସାହୁ ଙ୍କ ଗଡରେ ବଡ଼ ହଲଚଲ। ଅରୁଣ ଙ୍କ ଗଡରେ ଭୁଷୁଡିଲା ବିଜେଡି। ନୟାଗଡ ବ୍ଲକ୍ ଅଧ୍ୟକ୍ଷ ଙ୍କ ଇସ୍ତଫା। ନୟାଗଡ ବ୍ଲକ୍ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ଆଜି ବିଜେଡି ରୁ ଇସ୍ତଫା ଦେଇଛନ୍ତି। ବ୍ୟକ୍ତିଗତ କାରଣ ଦର୍ଶାଅ ଆଜି ବିଜେଡି ରୁ ପ୍ରଥମକ ସଦସ୍ୟ ରୁ ସେ ଇସ୍ତଫା ଦେଇଛନ୍ତି। ବ୍ଲକ୍ ଅଧ୍ୟକ୍ଷ ତାଙ୍କର ନିଜର ଇସ୍ତଫା ପତ୍ର ଜିଲ୍ଲା ବିଜେଡ଼ି ସଭାପତି ଙ୍କୁ ପଠାଇଛନ୍ତି। ବ୍ଲକ୍ ଅଧ୍ୟକ୍ଷ ନିଜ ଇସ୍ତଫା ପତ୍ର ରେ ଲେଖିଛନ୍ତି କି ନିଜର ବ୍ୟକ୍ତିଗତ କାରଣ ରୁ ସେ ବିଜେଡି ର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। କିନ୍ତୁ କାହିଁକି ଏବଂ କେଉଁ କାରଣରୁ ସେ ଇସ୍ତଫା ଦେଇଛନ୍ତି ତାହା ଜଣା ପଡିନଥିବା ବେଳେ ଅରୁଣ ଙ୍କ ଗଡ ରେ ବିଜେଡି ର ନେତା ଙ୍କ ପାଇଁ ଇସ୍ତଫା ଦେଇଛନ୍ତି ତାକୁ ନେଇ ଏବେ ବଡ ପ୍ରଶ୍ନବାଚୀ ସୃଷ୍ଟି କରିବା ସହ ଅରୁଣ ଙ୍କ ପାଇଁ ମଧ ମୁଣ୍ଡବ୍ୟଥା ର କାରଣ ସାଜିଛି।

## ହୁମା ବିମଳେଶ୍ୱର ମନ୍ଦିରଠାରେ 'ସୋମନାଥ ସ୍ୱାଭିମାନ ପର୍ବ' ଅନୁଷ୍ଠିତ, ୧୦୦୦ ବର୍ଷର ଅତୁଟ ବିଶ୍ୱାସର ପାଳନ

ସମ୍ବଲପୁର, (ମହାଭାରତ) : ସମ୍ବଲପୁର ଜିଲ୍ଲା ପ୍ରଶାସନର ତତ୍ତ୍ୱାବଧାନରେ ବିଶ୍ୱପ୍ରସିଦ୍ଧ ବକ୍ର ମନ୍ଦିର 'ହୁମା ବିମଳେଶ୍ୱର' ପୀଠ ଠାରେ 'ସୋମନାଥ ସ୍ୱାଭିମାନ ପର୍ବ' ଅତ୍ୟନ୍ତ ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ଗୁଜରାଟର ସୋମନାଥ ମନ୍ଦିରରୁ ସିଧାପ୍ରସାରଣ ମାଧ୍ୟମରେ ଏହି ଭବ୍ୟ ଉତ୍ସବରେ ସ୍ଥାନୀୟ ଜନସାଧାରଣ ସାମିଲ ହୋଇଥିଲେ। ଭାରତୀୟ ସଂସ୍କୃତିର ୧୦୦୦ ବର୍ଷର ଅତୁଟ ବିଶ୍ୱାସକୁ ସ୍ମରଣ କରିବା। ସୋମନାଥ ମନ୍ଦିରର ୭୫ ବର୍ଷର ପୁନରୁଦ୍ଧାର ଉତ୍ସବକୁ ପାଳନ କରିବା, ଦେଶର ରାଷ୍ଟ୍ରୀୟ ଗୌରବ ଓ ଏକତାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟ ଉପରେ ଏହି କାର୍ଯ୍ୟକ୍ରମ ଆଧାରିତ ଥିଲା। ଏହି ଗୌରବମୟ ସମାରୋହରେ ବିଧାୟକ ସମ୍ବଲପୁର ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ରେଙ୍ଗାଲି ନାଉରୀ ନାୟକ ଏବଂ ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇ ପ୍ରମୁଖ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସମ୍ବଲପୁରର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୨୦୦ରୁ ଅଧିକ ଶ୍ରଦ୍ଧାଳୁ ଓ ସଚେତନ ନାଗରିକ ଏହି ସିଧାପ୍ରସାରଣରେ ଅଂଶଗ୍ରହଣ କରି ଆଧ୍ୟାତ୍ମିକ ଭାବଧାରାରେ ଉଦବୁଦ୍ଧ ହୋଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ହୁମା ମନ୍ଦିର ପରିସରରେ ଏକ ସ୍ୱତନ୍ତ୍ର ପରିବେଶ ସୃଷ୍ଟି କରାଯାଇଥିଲା। ଗୁଜରାଟର ସୋମନାଥ ମନ୍ଦିରରୁ ପ୍ରସାରିତ 'ସୋମନାଥ ସ୍ୱାଭିମାନ ପର୍ବ'ର ମୁଖ୍ୟ ଉତ୍ସବରେ ଶ୍ରଦ୍ଧାଳୁମାନେ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ।

## ଗ୍ୟାସର ଦରଦାମ ବୃଦ୍ଧି ଯୋଗୁଁ ଲୋକେ ହନ୍ତସନ୍ତ

ଗଜପତି, (ମହାଭାରତ) : ଗଜପତି ଜିଲ୍ଲାରେ ବର୍ତ୍ତମାନ୍ ଦରଦାମ ବୃଦ୍ଧି ଯୋଗୁଁ ଲୋକେ ଅସୁବିଧା ସମ୍ମୁଖୀନ ହଉଛନ୍ତି।ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁଁ ଗ୍ୟାସ ଦରଦାମ ବୃଦ୍ଧି ହଉଛି। ତା ସାଙ୍ଗକୁ ରାସନ୍ ସାମଗ୍ରୀ ମଧ ବୃଦ୍ଧି ପାଇଛି ଯାହା ଫଳ ରେ ସିଧା ଖାଉଟି ଅସୁବିଧା ସମ୍ମୁଖୀନ ହେଉଛନ୍ତି।ଟିଫିନ୍ ଦୋକାନରେ ଏପରି ଦରଦାମ ବୃଦ୍ଧି ହୋଇଛି ଯେ ସାଧାରଣ ଲୋକଟି ଟିଫିନ୍ ଖାଇବାକୁ ଭୋକ ଲାଗିଲେ ମଧ ଖାଇବାକୁ ଇଚ୍ଛା ପ୍ରକାଶ କରୁନି ସେହି ଭଳିହୋଟେଲ ରେ ମଧ ଦର ଦାମ ବୃଦ୍ଧି ପାଉଛି,ସେହି ଭଳି ଫାଷ୍ଟ ଫୁଡକୁହ ଚାଟ କୁହା ସବୁ ଦରଦାମ ବୃଦ୍ଧି ହୋଇଛି। ସବୁରି କରଣ ହଉଛି ଗ୍ୟାସ , ଗ୍ୟାସ ର କଳା ବଜରି ଯୋଗୁଁ ଏପରି ଅବସ୍ଥା ଘୋରାଇ ଉପ ଭୋକ୍ତା ଗ୍ୟାସ ଶିଲଣ୍ଡର ବିକ୍ରି କରୁଛନ୍ତି । ଯେଁଉ ସିଲଣ୍ଡାର ହଜାର ଟଙ୍କା ତାହା ଦୁଇ ହଜାର ଟଙ୍କାରେ କ୍ରୟ କରିବାକୁ ପଡୁଛିହୋଟେଲ ଟିଫିନ୍ ଦୋକାନ ଫାଷ୍ଟ ଫୁଡ୍ ବୋଲି କହୁଛନ୍ତି କିପରି ଦରଦାମ ବୃଦ୍ଧି ହେବନାହିଁ ବୋଲି ପ୍ରକାଶ କରୁଛନ୍ତି।ସେହି କକ। ବଜ।ରୀ ଚାଲିଛି । କଳା ବଜାରୀ କରୁଥିବା ଲୋକଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକତା ରହିଛି। ଯୋଗାଣ ବିଭାଗ ଏଥି ପ୍ରତି ଦୃଷ୍ଟି ଦେବା ଆବଶ୍ୟକତା ରହିଛି ନହେଲେ ସାଧାରଣ ଲୋକଟି ବଞ୍ଚିବା କଷ୍ଟକର ହୋଇ ପଡ଼ିବ।

## ଆଗକୁ ସାବିତ୍ରୀ ଅମବାସ୍ୟ। ଲିଚୁ କୋଳି ବଜାରରେ ବିକ୍ରି

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିରେ ଲିଚୁ ର ପସର୍। ଦେଖିବାକୁ ମିଳିଛି ଆଗକୁ ସାବିତ୍ରୀ ଅମାବାସ୍ୟା ରହି ଥିବାରୁ ଲୋକେ ସର୍ ଦ।ରେ ଲିଚୁ କର୍ୟାୟ କରୁ ଥିବାର ଦେଖି ବାର୍ ମିଳିଛି ଓ ସର୍ଦ୍ଦାରେ କିଣି ତା ର ମଜା ନଉଛନ୍ତି ଖରକୁ ମିଠା ଖଟା ଲାଗୁଛି ଲୋକେ କ୍ରୟ କରୁଛନ୍ତି। ବର୍ତ୍ତମାନ୍ ଏହି ଲିଚୁ କୋଳି ଗଜପତି ଜିଲ୍ଲା ର ରାମଗିରି ଅଞ୍ଚଳ ରୁ ଆସୁ ଥିବା କହିଛନ୍ତି ।କେଜି ପିଛା ଦୁଇ ଶହ ରହିଛି।

## ଶିକ୍ଷୟିତ୍ରୀଙ୍କୁ ଭାବବିହ୍ୱଳ ଅବସରକାଳୀନ ସମ୍ବର୍ଦ୍ଧନା

ବାରଙ୍ଗ, (ମହାଭାରତ): ବାରଙ୍ଗ ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଧୀନରେ ଥିବା ଖନ୍ଦୋଳ ଗ୍ରାମରେ ଥିବା ବିଳାଶୁଣୀ ବିଦ୍ୟାପୀଠର ହିନ୍ଦୀ ଶିକ୍ଷୟିତ୍ରୀ ସବିତା ମହାପାତ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ଭାବବିହ୍ୱଳ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘଦିନ ଧରି ଶିକ୍ଷା କ୍ଷେତ୍ରରେ ତାଙ୍କର ନିଷ୍ଠାପୂର୍ଣ୍ଣ ସେବା, ଛାତ୍ରଛାତ୍ରୀଙ୍କ ପ୍ରତି ସ୍ନେହ, ଓ ଶିକ୍ଷାଦାନରେ ପାରଦର୍ଶିତା ପାଇଁ ସେ ସମସ୍ତଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶରତ କୁମାର ଆଚାର୍ଯ୍ୟ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ



ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ପୂର୍ବତନ ସରପଞ୍ଚ ଜୟଦେବ ପ୍ରଧାନ, ପୁରାତନ ଛାତ୍ରସଂସଦ ସଭାପତି ଗୌରାଙ୍ଗ ଚରଣ ନାଥ, ପ୍ରବୋଧ କୁମାର ମହାପାତ୍ର, ମନୋରଞ୍ଜନ ଦାଶ, ପ୍ରଫୁଲ୍ଲ ଦାଶ, ପଣ୍ଡିତ ବିମ୍ବାଧର ଦାସ, ସୁଧାକର ମହାନ୍ତି, ସିଆରସିସି ପ୍ରଦ୍ୟୁମ୍ନ କୁମାର ଦାଶ, ଶୁଭଶ୍ରୀ ମହାରଣା, ଶିକ୍ଷକ ରବିନାରାୟଣ ନାଥ, ଚନ୍ଦ୍ର ଶେଖର ମାଝୀ, ଓ ଶିକ୍ଷକ ସ୍ମୃତି ରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ ଶିକ୍ଷୟିତ୍ରୀଙ୍କ ଶିକ୍ଷାଦାନ ଜୀବନର ବିଭିନ୍ନ ଅନୁଭୂତି ସ୍ମରଣ କରିଥିଲେ।ଏହି ଅବସରରେ ସମ୍ବର୍ଦ୍ଧିତ ଶିକ୍ଷୟିତ୍ରୀଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ସହକର୍ମୀ ଓ ପୁରାତନ ଛାତ୍ରଛାତ୍ରୀମାନେ ତାଙ୍କ ସରଳତା, ଶୃଙ୍ଖଳାପରାୟଣତା ଓ ଛାତ୍ରଛାତ୍ରୀଙ୍କ ପ୍ରତି ଗଭୀର ଆତ୍ମୀୟତାକୁ ଉଚ୍ଚ ପ୍ରଶଂସା କରିଥିଲେ। ନିଜ ଅଭିଭାଷଣରେ ସବିତା ମହାପାତ୍ର ସମସ୍ତ ସହକର୍ମୀ, ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ସ୍ନେହ ଓ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ। ଶେଷରେ ଉପସ୍ଥିତ ସମସ୍ତେ ତାଙ୍କର ସୁସ୍ଥ ଓ ସୁଖମୟ ଅବସର ଜୀବନ କାମନା କରିଥିଲେ।

# ପାଟଣା ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ରେ ମହିଳା ମହିଳା ସଂରକ୍ଷଣ ବିଲ୍‌କୁ ନେଇ ବିକ୍ଷୋଭ ପ୍ରଦର୍ଶନ ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକୀ ପତ୍ର ପ୍ରଦାନ

ପାଟଣା, (ମହାଭାରତ): ବିଜୁ ଜନତା ଦଳ ପକ୍ଷରୁ ୨୦୨୩ ମସିହା ରେ ମହିଳା ଙ୍କ ପାଇଁ ୩୩ ପ୍ରତିଶତ ମହିଳା ସଂରକ୍ଷଣ ବିଲ୍‌କୁ କେନ୍ଦ୍ର ସରକାର ଶୀଘ୍ର ଲାଗୁ କରିବାକୁ ଦାବି କରିଥିଲେ । ଏହି ପରିପେକ୍ଷୀରେ ବିଜେପି ସରକାର ମହିଳା ସଂରକ୍ଷଣ ବିଲ୍ କାର୍ଯ୍ୟକାରି ନ କରି ୫୦ ପ୍ରତିଶତ ମହିଳା ବିଲ୍ କୁ ରାଜ୍ୟସଭା ଓ ଲୋକସଭା ରେ ଗୃହୀତ କରିବାକୁ ଚେଷ୍ଟା କରିଥିଲେ । ଏଥିରେ ମହିଳା ସଂରକ୍ଷଣ ବିଲ୍ ସ୍ଥଗିତ ରହି ଥିବା ବେଳେ ମହିଳା ନେତ୍ରୀମାନେ କେନ୍ଦ୍ର ଓ ରାଜ୍ୟର ଭାଜପା ସରକାର ବିରୋଧରେ ବର୍ଷିବା ସହିତ ପାଟଣା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ସମାରୋହ ବିଜେଡ଼ି ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ପାଟଣା ବ୍ଲକ୍



କାର୍ଯ୍ୟାଳୟ ସମ୍ମୁଖରେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ କୁଶପୁତଳିକା ଦାହ କରିଛନ୍ତି। ମହିଳା ନେତ୍ରୀମାନେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପାଟଣା ବିଡିଓ ମାନସ ରଞ୍ଜନ ଦଣ୍ଡପାଟ ଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ, ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାଏକ, ଜିଲା ବିଜେଡ଼ି ସଭାପତି ଆଶିଷ ଚକ୍ରବର୍ତ୍ତୀ, ପୂର୍ବତନ କେନ୍ଦୁଝର ପୌରାଧ୍ୟକ୍ଷା ମୀନା ମାଝୀ, ବରିଷ୍ଠ ବିଜେଡ଼ି ନେତା ସତ୍ୟବ୍ରତ ନାଏକ, ଜିଲା ବିଜେଡ଼ି ଉପସଭାପତି ତଥା ଆଇନଜୀବୀ ରାହାସବିହାରୀ ପୃଷ୍ଟି, ପାଟଣା ବ୍ଲକ୍ ବିଜେଡ଼ି ସଭାପତି ମାଧବାନନ୍ଦ ପୃଷ୍ଟି, ସାହାରପଡ଼ା ବ୍ଲକ୍ ବିଜେଡ଼ି ସଭାପତି ଦିଲ୍ଲୀପ କୁମାର ସାହୁ, ୨୩ ନମ୍ବର ଜିଲ୍ଲା ପରିଷଦ ସଦସ୍ୟା ରୁନୁ ମହାନ୍ତ, ୨୨ ନମ୍ବର ଜୋନ୍‌ର ସୌଭାଗ୍ୟମଞ୍ଜରୀ ନାୟକ, ୩୦ ନମ୍ବର ଜୋନ୍‌ର ଚମ୍ପାବତୀ ଟୁଡୁ, ପୂର୍ବତନ ପାଟଣା ବ୍ଲକ୍ ଅଧ୍ୟକ୍ଷା ଶୁକାନ୍ତି ନାଏକ, ପୂର୍ବତନ ସାହାରପଡ଼ା ବ୍ଲକ୍ ଅଧ୍ୟକ୍ଷା ପାର୍ବତୀ ଦେହୁରୀ, ମହିଳା ନେତ୍ରୀ ଧରିତ୍ରୀ ମହାନ୍ତ, ଜିଲା ବିଜେଡ଼ି ସାଧାରଣ ସମ୍ପାଦକ ପ୍ରଶାନ୍ତ ଭଞ୍ଜ, ନିରଞ୍ଜନ ତ୍ରିପାଠୀ, ଶତ୍ରୁଘ୍ନ ସିଂହ, ମହେନ୍ଦ୍ର ସାହୁ, ୨୯ ନମ୍ବର ଜିଲ୍ଲା ପରିଷଦ ସଦସ୍ୟ ବୁଦ୍ଧଦେବ ମହାକୁଡ଼, ୧୮ ନମ୍ବର ଜୋନ୍‌ର ରାଧାକାନ୍ତ ନାଏକ, ବରିଷ୍ଠ ନେତା ଅଜୟ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ମହାପାତ୍ର, ସୁମିତ କୁମାର ପତି, ଶ୍ରୀତମ ପଣ୍ଡା, ସନ୍ତୋଷ ତ୍ରିପାଠୀଙ୍କ ସହ ବରିଷ୍ଠ ନେତା କର୍ମୀ ସାମିଲ ହୋଇଛନ୍ତି। ତେବେ ଆଗକୁ ମହିଳା ସଂରକ୍ଷଣ ବିଲ୍ ୍ ପାରିତ ହେବ କି ନାହିଁ ଦେଖିବାକୁ ରହିଲା।

## ଯୁବକଙ୍କୁ ହତ୍ୟା ପରେ ପୋଡିଦେବା ଘଟଣା ନ୍ୟାୟ ଦାବିରେ ୪ଘଣ୍ଟା ରାସ୍ତାରୋକ



ଗଣିଆ, (ମହାଭାରତ): ଗଣିଆ ଥାନା ଅନ୍ତର୍ଗତ ବାଲିସାହି ଗ୍ରାମ ନିକଟରେ ଯୁବକଙ୍କୁ ହତ୍ୟା କରିବା ପରେ ପେଟ୍ରୋଲ ପକାଇ ଜାଳି ଦେବା ଅଭିଯୋଗ ଆଣି ମୃତକଙ୍କ ପରିବାର,ଗ୍ରାମବାସୀ ଓ ସ୍ଥାନୀୟ ଲୋକ ଗଣିଆ କଣ୍ଟିଲୋ ରାସ୍ତାର ଗଣିଆ ସରକାରୀ ବସଷ୍ଟାଣ୍ଡ ନିକଟ ରାସ୍ତା ଉପରେ ବସି ଟାୟାର ଜାଳି ରାସ୍ତା ରୋକ୍ କରିଥିଲେ । ଗତ ସୋମବାର ଅପରାହ୍ନରେ ପରିତ୍ୟକ୍ତ ଅବସ୍ଥାରେ ରାସ୍ତା କଡରେ ଚାକୁଣ୍ଡା ବୁଦା ଭିତରୁ ଅର୍ଦ୍ଧଦଗ୍ଧ ମୃତଦେହ ଗଣିଆ ପୋଲିସ ଜବତ କରିଥିଲା। ମୃତକ ଜଣକ ହେଉଛନ୍ତି ଖଣ୍ଡପଡା ଥାନା ଅନ୍ତର୍ଗତ ରୟତି ଢୋଲମରା ପଞ୍ଚାୟତ ର କନ୍ଧମିରିଗି ଗ୍ରାମର ଡଲି ପ୍ରଧାନଙ୍କ ୧୮ ବର୍ଷୀୟ ପୁଅ ସଞ୍ଜୟ ପ୍ରଧାନ। ଅର୍ଦ୍ଧଦଗ୍ଧ ମୃତ ଦେହ ଜବତ କରି ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ସହାୟତାରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା କ୍ଷମୃତ ଯୁବକ ଜଣକ ଭୁବନେଶ୍ୱରରେ ରହି କାଠକାମ କରୁଥିଲେ। ସେଠାରୁ ରବିବାର ପୂର୍ବାହ୍ନରେ ଘରକୁ ଆସିବା ପାଇଁ ବାହାରିଥିଲେ ହେଁ ନିଜ ଘର କନ୍ଧମିରିଗି ଗ୍ରାମରେ ପହଞ୍ଚି ନଥିଲେ। ସଞ୍ଜୟ ଗଣିଆ ବାଲିସାହି ଗ୍ରାମର ଜଣେ ମହିଳାଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା ବୋଲି ମୃତକଙ୍କ ପରିବାର ଲୋକ ସୂଚନା ଦେଇଥିଲେ ଏବଂ ଉକ୍ତ ମହିଳାଙ୍କ ସହ ପ୍ରେମ ସମ୍ପର୍କକୁ ନେଇ ହତ୍ୟାକାଣ୍ଡ କରାଯାଇଛି ବୋଲି ପରିବାର ପକ୍ଷରୁ ଅଭିଯୋଗ ଆଣିଥିଲେ କ୍ଷ ଘଟଣାରେ ସମ୍ପୃକ୍ତ ହତ୍ୟାକାରୀଙ୍କୁ ଗିରଫ ଦାବିରେ ମଙ୍ଗଳ ବାର ଦିନ ମୃତ ସଞ୍ଜୟଙ୍କ ପରିବାର ଓ ସମ୍ପର୍କୀୟ ରାସ୍ତା ରୋକ କରିଥିଲେ କ୍ଷ ନୟାଗଡ଼ ଏସପିଙ୍କ ନିର୍ଦ୍ଦେଶକ୍ରମେ ଘଟଣା ସ୍ଥଳରେ ନୟାଗଡ଼ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜ୍ୟୋତି ରଞ୍ଜନ ସାମନ୍ତରାୟ,ଗଣିଆ ତହସିଲଦାର ଐଶ୍ୱର୍ଯ୍ୟକ୍ଷ ପ୍ରସେଠ,ଖଣ୍ଡପଡା ଏସଡିପିଓ କୁମାର ସାହୁ ,ଗଣିଆ ଥାନା ଅଧିକାରୀ ଟଙ୍କଧର ଛାତ୍ରୀୟକ୍ଷ ,ଦଶପଲ୍ଲା ଥାନା ଅଧିକାରୀ ବିନୟ ରଞ୍ଜନ ପରିଡା ଙ୍କ ସହଯୋଗରେ ମୃତକଙ୍କ ପରିବାରକୁ ନ୍ୟାୟ ଦେବା ପାଇଁ ବୁଝାସୁଝା କରିଥିଲେ। ଖବର ପାଇ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଓ ଦଶପଲ୍ଲା ବିଧାୟକ ରମେଶ ବେହେରା ଓ ଭାପୁର ବ୍ଲକ ଉପାଧାକ୍ଷ ବେଣୁଧର ପ୍ରଧାନ ଘଟଣା ସ୍ଥଳରେ ପହଂଚି ମୃତକଙ୍କ ପରିବାରକୁ ଭେଟି ମୃତକଙ୍କ ପରିବର କୁ ନ୍ୟାୟ ଦେବା ପାଇଁ ପ୍ରତିଶୃତି ଦେଇଥିଲେ କ୍ଷ ପ୍ରକୃତ ଦୋଷୀଙ୍କୁ କଠୋରରୁ କଠୋର ଦଣ୍ଡ ମିଳିବକ୍ଷ ସହ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଚାରି ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦିଆଯିବ ବୋଲି ବିଧାୟକ ଦୁଷ୍ମନ୍ତ ସ୍ୱାଇଁଙ୍କ ପ୍ରତିଶ୍ରୁତି ମିଳିବା ପରେ ମୃତକଙ୍କ ପରିବାର ଲୋକ ରାସ୍ତାରୋକରୁ ହଟିଥିଲେ। ମୃତ ଦେହକୁ ଶବ ବ୍ୟବଚ୍ଛେଦ ପାଇଁ କଟକ ପଠାଯାଇଥିବା ସୂଚନା ମିଳିଛି।

## ଦାବାଯୋରି ଗାଁରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଭବ୍ୟ ଅଖଣ୍ଡ ଷୋହଳ ପ୍ରହାର ନାମ ସଙ୍କୀର୍ତ୍ତନ ଓ ପାଞ୍ଚ କୁଣ୍ଡିୟ ହୋମଯଜ୍ଞ

ଟିଟିଲାଗଡ଼, (ମହାଭାରତ) ବଲାଙ୍ଗିର ଜିଲ୍ଲା ସଇଁତଳା ବ୍ଲକ ଅନ୍ତର୍ଗତ ଦାବାଯୋରି ଗାଁ।ସ୍ଥିତ ଜଗତର ନାଥ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଅଖଣ୍ଡ ଷୋହଳ ପ୍ରହାର ନାମ ସଙ୍କୀର୍ତ୍ତନ ସହ ପାଞ୍ଚ କୁଣ୍ଡିୟ ହୋମ ଯଜ୍ଞ ମହାଆଡମ୍ବର ସହିତ ଗ୍ରାମବାସୀଙ୍କ ଦ୍ୱାରା ପାଳନ କରାଯାଉଛି। ସମଗ୍ର ଦାବାଯୋରି ଅଞ୍ଚଳ ଭକ୍ତିମୟ ପରିବେଶରେ ଉତ୍ସବମୁଖର ହୋଇଉଠିଛି। ହୋମ ଯଜ୍ଞର କର୍ତ୍ତା ଭାବେ ଗାଁର ଗୌନ୍ତିଆ ତରଣୀ ସେନ୍ ପାତ୍ର ଓ ତାଙ୍କ ଧର୍ମପତ୍ନୀ ଯଶୋବନ୍ତି ପାତ୍ର ଦାୟିତ୍ୱ ନିର୍ବାହ କରୁଥିବା ବେଳେ ପ୍ରହାର ମଣ୍ଡପରେ ଦୁର୍ଯ୍ୟୋଧନ ପାତ୍ର ଓ ତାଙ୍କ ସହଧର୍ମିଣୀ ସୀମା ମହାକୁର କର୍ତ୍ତା ଭାବେ ଭଗବାନଙ୍କ ସେବା କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଏହି ମହାଯଜ୍ଞରେ ପଣ୍ଡିତ ନବୀନ ପଣ୍ଡା, ପଣ୍ଡିତ ଉମାଶଙ୍କର ନନ୍ଦ, ପଣ୍ଡିତ ଗଜେନ୍ଦ୍ର ମିଶ୍ର, ପଣ୍ଡିତ ଅଭୟ ପ୍ରସାଦ ପାଣିଗ୍ରାହୀ, ପଣ୍ଡିତ ବିଷ୍ଣୁ ପ୍ରସାଦ ଓ ପଣ୍ଡିତ ପ୍ରଦୀପ ଯୋଶୀ ପୁରୋହିତ ଭାବେ ଯଜ୍ଞ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ପ୍ରହାର ମଣ୍ଡପର ମୁଖ୍ୟ ପୂଜକ ଭାବେ ପଣ୍ଡିତ ଭବାନୀ ଶଙ୍କର ପାଣିଗ୍ରାହୀ, ରାଜେନ୍ଦ୍ର ତ୍ରିପାଠୀ ଓ ସହଯୋଗୀମାନେ ନିଷ୍ଠାର ସହିତ ସେବା କରୁଛନ୍ତି। ପ୍ରସାଦ ତିଆରି କରିବା ପାଇଁ ରୋଷେଇ କାର୍ଯ୍ୟରେ ପ୍ରମୋଦ ପଣ୍ଡା ଓ ସୁରେନ୍ଦ୍ର ପାଣିଗ୍ରାହୀ ନିୟୋଜିତ ଅଛନ୍ତି। ଷୋହଳ ପ୍ରହାର ନାମ ସଙ୍କୀର୍ତ୍ତନ ପାଇଁ ୨୪ ଟି ମହିଳା ଓ ପୁରୁଷ ଦଳ ନାମ ଗାୟନ କରିଥିଲେ। ଏହି ଆଧ୍ୟାତ୍ମିକ ମହୋତ୍ସବରେ ଦୂରଦୂରାନ୍ତରୁ ଭକ୍ତମାନଙ୍କର ଭିଡ଼ ଲାଗିରହିଥିବା ବେଳେ ଗ୍ରାମବାସୀମାନେ ସମସ୍ତଙ୍କୁ ସହଯୋଗ ଓ ଶୃଙ୍ଖଳା ରକ୍ଷା ପାଇଁ ଅନୁରୋଧ କରି ଭଗବାନ ନାମ ଯଜ୍ଞ ହୋମ ଯଜ୍ଞ କୁ ଦର୍ଶନ କରିବା ପାଇଁ ନିବେଦନ କରିଛନ୍ତି।

## ମା' ବାଗଦେବୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

ନୂଆଗାଁ, (ମହାଭାରତ) : ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ କାକେଡ଼ା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମଙ୍ଗଳବାର କନ୍ଧଖାଲମଡା ଖେଳ ପଡ଼ିଆ ଆନୁକୂଲ୍ୟରେ ତୃତୀୟ ବାର୍ଷିକ ୨୦୨୬ ମା' ବାଗଦେବୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ସ୍ଥାନୀୟ ସମିତି ସଭ୍ୟା ପ୍ରଭାତୀ ମଳିକ ଯୋଗଦେଇ ଆନୁଷ୍ଠାନିକ ଭାବେ କ୍ରୀଡ଼ାକୁ ଉଦଘାଟନ କରିଥିବା ବେଳେ ଯୁବ ସାମ୍ବାଦିକ ଦିଲ୍ଲୀପ କୁମାର ଜାନି ଉପସ୍ଥିତ ରହିଥିଲେ । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଧୂମଧାମରେ ଖେଳ ଅନୁଷ୍ଠିତ ହୋଇଯାଇଛି ।ଏହା ତା ୧୨.୦୫.୨୦୨୬ ରିଖ ଠାରୁ ତା ୧୪.୦୫.୨୦୨୬ ରିଖ ପର୍ଯ୍ୟନ୍ତ ୩ଦିନ ଧରି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ପ୍ରଥମ ଦିନରେ ପ୍ରଥମ ଇନିସଂ ଡ଼ିମିରିପଲ୍ଲୀ ସହିତ କୁସୁମଗାଡ଼ିଆ ମଧ୍ୟରେ ଖେଳ ହୋଇଥିଲା। ପ୍ରଥମେ କୁସୁମଗାଡ଼ିଆ




ବ୍ୟାଟିଂ କରି ୧୦ ଓଭରରେ ୩ ୱିକେଟ ହରାଇ ୨୨୦ ରନ ସଂଗ୍ରହ କରିଥିଲା ଜବାବରେ ଡ଼ିମିରିପଲ୍ଲୀ ୧୦ ଓଭରରେ ୫ ୱିକେଟ ହରାଇ ୧୦୮ ରନ ସଂଗ୍ରହ କରି ହାରିଯାଇଥିଲା ଫଳରେ କୁସୁମଗାଡ଼ିଆ ସେମିଫାଇନକୁ ପ୍ରବେଶ କରିଥିଲା। ଦ୍ୱିତୀୟ ଇନସିଂ ରେ କାପ୍ତାପଲ୍ଲୀ ୧୦ ଓଭରରେ ୮ ୱିକେଟ ହରାଇ ୧୦୫ ରନ ସଂଗ୍ରହ କରିଥିଲା ଜବାବରେ ଜାମୁସାହି ୯. ୩ ଓଭରରେ ୫ ୱିକେଟ ହରାଇ ୧୦୮ ରନ ସଂଗ୍ରହ କରି ବିଜୟୀ ହେବା ସହ ସେମିଫାଇନାକୁ ପ୍ରବେଶ କରିଥିଲା ।ପ୍ରଥମ ସେମିଫାଇନାଲରେ କୁସୁମଗାଡ଼ିଆ ୧୦ ଓଭରରେ ୭ ୱିକେଟ ହରାଇ ୧୦୬ ରନ କରିଥିଲା ବେଳେ ଜାମୁସାହି ୯.୫ ଓଭରରେ ୬ ୱିକେଟ ହରାଇ ୧୦୭ ରନ କରି ଫାଇନାଲକୁ ପ୍ରବେଶ କରିଛି ।ଆଜିର ଖେଳକୁ ପ୍ରଭାତ ମଳିକ ଏବଂ ଅନନ୍ତ ସାନବଡ଼ ପରିଚାଳନା କରିଥିବା ବେଳେ କନ୍ଧଖାଲମଡ଼ା ମା ବାଗଦେବୀ କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ଏହାକୁ ସହଯୋଗ କରିଥିଲେ ।ଆସନ୍ତା କାଲି ତଥା ବୁଧବାର ଦିନ ଖେଳଜାରି ରହିବ ବୋଲି ମା ବାଗଦେବୀ କ୍ରିକେଟ କ୍ଲବ ପକ୍ଷରୁ ସୂଚନା ଦେଇଛନ୍ତି।

# ଠିକାଦାର ଏକତାର ବଡ଼ ପରୀକ୍ଷା: ପଟେରୁ ଜଳ ସମ୍ପଦ ବିଭାଗ ଏମଭି-୭୯ ଡିଭିଜନ୍-୩ର ୩୭ କାମର ଟେଣ୍ଡରରେ ସ୍କେଜୁଲ୍ ରେଟ୍ ମାନିବେ କି ସମସ୍ତେ ?

ମାଲକାନଗିରି, (ମହାଭାରତ) : ମାଲକାନଗିରି ଜିଲ୍ଲାରେ "ତାରକେଶ୍ୱର ଠିକାଦାର ସଂଘ" ପକ୍ଷରୁ ଗ୍ରହୀତ ସ୍କେଜୁଲ୍ ରେଟ୍‌ରେ ଟେଣ୍ଡର ସଂକଳ୍ପର ଏବେ ଆରମ୍ଭ ହୋଇଛି ପ୍ରଥମ ଓ ସବୁଠାରୁ ବଡ଼ ପରୀକ୍ଷା। ଆଜିଠାରୁ ପଟେରୁ ଜଳ ସମ୍ପଦ ବିଭାଗ ଏମଭି-୭୯ ଡିଭିଜନ୍-୩ ପକ୍ଷରୁ ଅନଲାଇନ୍ ମାଧ୍ୟମରେ ୩୭ଟି ଉନ୍ନୟନମୂଳକ କାମ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିବା ବେଳେ ଏବେ ସମସ୍ତଙ୍କ ନଜର ରହିଛି ଠିକାଦାରମାନଙ୍କ ଏକତା ଉପରେ।

ନିକଟରେ ଏମଭି-୭୯ ସ୍ଥିତ ତାରକେଶ୍ୱର ମନ୍ଦିର ପରିସରରେ ଦୁଇ ଦୁଇଥର ବୈଠକ ଆୟୋଜନ କରାଯାଇଥିଲା। ଏହି ବୈଠକରେ ଜିଲ୍ଲାର ବିଭିନ୍ନ ବ୍ଲକର ଶତାଧିକ ଠିକାଦାର ଏକତ୍ରିତ ହୋଇ "ତାରକେଶ୍ୱର ଠିକାଦାର ସଂଘ" ଗଠନ କରିଥିଲେ। ସେହି



ବୈଠକରେ ସମସ୍ତେ ଏକମତ ହୋଇ ନିଷ୍ପତ୍ତି ନେଇଥିଲେ ଯେ, ଆଗାମୀ ଦିନରେ କୌଣସି ଠିକାଦାର କମ୍ ରାଶି ବା "ଲେସ୍ ଆମାଉଣ୍ଟ" ରେ ଟେଣ୍ଡର ଦାଖଲ କରିବେ ନାହିଁ। ସମସ୍ତେ କେବଳ "ସ୍କେଜୁଲ୍ ରେଟ୍" ଅନୁଯାୟୀ ଟେଣ୍ଡର ଦାଖଲ କରିବେ ବୋଲି ସଂକଳ୍ପ ନେଇଥିଲେ। ଏବେ ପଟେରୁ ଜଳ ସମ୍ପଦ ବିଭାଗ ଏମଭି-୭୯ ଡିଭିଜନ୍-୩ର ଏହି ୩୭ଟି କାମର ଟେଣ୍ଡର ପ୍ରକ୍ରିୟା ହିଁ ହୋଇଛି ସେହି ସଂକଳ୍ପର ପ୍ରକୃତ ପରୀକ୍ଷା। ଠିକାଦାରମାନେ ସତରେ ଏକତା ରଖି କମିଟିର ନିଷ୍ପତ୍ତିକୁ ମାନୁଛନ୍ତି କି, ନା ପୁରୁଣା ଭଳି ନିଜ ନିଜ ମଧ୍ୟରେ ପ୍ରତିଯୋଗିତା କରି କମ୍ ରାଶିରେ ଟେଣ୍ଡର ଦାଖଲ କରୁଛନ୍ତି — ତାହାକୁ ନେଇ ଏବେ ସମଗ୍ର ଜିଲ୍ଲାରେ ଚର୍ଚ୍ଚା ଜୋର ଧରିଛି। ଯଦି ଏଥର ସମସ୍ତ ଠିକାଦାର ସ୍କେଜୁଲ୍ ରେଟ୍‌ରେ ଟେଣ୍ଡର ଦାଖଲ କରନ୍ତି, ତେବେ ୨୦୨୧ ପରେ ପ୍ରଥମଥର ପାଇଁ ଜିଲ୍ଲାରେ ଏପରି ଏକତାମୂଳକ ଟେଣ୍ଡର ପ୍ରକ୍ରିୟା ଦେଖିବାକୁ ମିଳିବ। ଏହାକୁ ମାଲକାନଗିରି ଜିଲ୍ଲାର ଠିକାଦାର ଏକତାର ଐତିହାସିକ ସଫଳତା ବୋଲି ମନେ କରାଯାଉଛି। ସୂଚନା ଅନୁଯାୟୀ, ଏହି ଟେଣ୍ଡରଗୁଡ଼ିକ ଆସନ୍ତା ୨୧ କିମ୍ବା ୨୨ ତାରିଖରେ ଖୋଲାଯିବ। ଟେଣ୍ଡର ଓପେନ୍ ହେବା ପରେ ହିଁ ସ୍ପଷ୍ଟ ହେବ ଯେ, ଠିକାଦାରମାନେ ବୈଠକରେ ନେଇଥିବା ସଂକଳ୍ପକୁ କେତେ ଦୂର ପାଳନ କରିଛନ୍ତି ଏବଂ ପ୍ରକୃତରେ ସମସ୍ତେ ଏକ ହୋଇ ଅଛନ୍ତି କି ନାହିଁ। ସୂଚନାଯୋଗ୍ୟ ଯେ, ପୂର୍ବ ସରକାର ସମୟରେ ଟେଣ୍ଡରରେ ସର୍ବାଧିକ ୧୪.୯୯ ପ୍ରତିଶତ ପର୍ଯ୍ୟନ୍ତ "ଲେସ୍ ଆମାଉଣ୍ଟ" ରେ ଟେଣ୍ଡର ଦାଖଲ କରିବାର ସୀମା ରହିଥିଲା। କିନ୍ତୁ ବର୍ତ୍ତମାନ ସରକାର ଏହି ସୀମାକୁ ହଟାଇ ଅସୀମିତ ଭାବେ କମ୍ ରାଶିରେ ଟେଣ୍ଡର ଦାଖଲ କରିବାକୁ ଅନୁମତି ଦେଇଥିବାରୁ ଠିକାଦାରମାନଙ୍କ ମଧ୍ୟରେ କାମ ପାଇବା ନେଇ ପ୍ରତିଯୋଗିତା ବଢ଼ିଛି। ଏହାର ପ୍ରଭାବ ସିଧାସଳଖ ଭାବେ ଗ୍ରାମାଞ୍ଚଳର ଉନ୍ନୟନ କାମର ଗୁଣମାନ ଉପରେ ପଡୁଥିବା ଅଭିଯୋଗ ଆସୁଛି। ବୁଦ୍ଧିଜୀବୀ ଓ ସାଧାରଣ ଲୋକଙ୍କ ମତରେ, ଅତ୍ୟଧିକ କମ୍ ରାଶିରେ କାମ ନେବା ଫଳରେ ଅନେକ ସମୟରେ ନିମ୍ନମାନର ସାମଗ୍ରୀ ବ୍ୟବହାର ହେଉଛି ଓ ଗ୍ରାମାଞ୍ଚଳରେ ଉନ୍ନୟନ କାମର ଗୁଣମାନ ପ୍ରଭାବିତ ହେଉଛି। ତେଣୁ ଯଦି ସମସ୍ତ ଠିକାଦାର ଏଥର ସତରେ ସ୍କେଜୁଲ୍ ରେଟ୍‌ରେ ଟେଣ୍ଡର ଦାଖଲ କରନ୍ତି, ତେବେ କାମର ଗୁଣମାନ ବୃଦ୍ଧି ପାଇବା ସହ ଜିଲ୍ଲାର ଉନ୍ନୟନ କାର୍ଯ୍ୟ ଅଧିକ ସୁଚାରୁ ଭାବେ ହୋଇପାରିବ ବୋଲି ଆଶା ପ୍ରକାଶ ପାଉଛି। ଏବେ ଦେଖିବାକୁ ବାକି ରହିଲା — ଠିକାଦାରମାନଙ୍କ ଏହି ଏକତା କେବଳ ବୈଠକ ଓ ଶପଥ ମଧ୍ୟରେ ସୀମିତ ରହୁଛି, ନା ଟେଣ୍ଡର ପ୍ରକ୍ରିୟାରେ ମଧ୍ୟ ତାହାର ପ୍ରତିଫଳନ ଦେଖିବାକୁ ମିଳୁଛି।

## ସ୍କୁଲ ଶିକ୍ଷୟିତ୍ରୀଙ୍କୁ ଭେଟିବାକୁ ନିଜେ କାର୍ ଚଳାଇ ପହଞ୍ଚିଲେ ପୁଟିନ : ଏକାଠି କଲେ ରାତ୍ରୀଭୋଜନ



ରୁଷ : ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ତାଙ୍କ ସ୍କୁଲ ଶିକ୍ଷୟିତ୍ରୀଙ୍କୁ ଭେଟିଛନ୍ତି । ଆଶ୍ଚର୍ଯ୍ୟଜନକ କଥା ହେଉଛି, ପୁଟିନ ବ୍ୟକ୍ତିଗତ ଭାବରେ ତାଙ୍କ ପୂର୍ବତନ ସ୍କୁଲ ଶିକ୍ଷୟିତ୍ରୀ ଭେରା ଗୁରେଭିଚଙ୍କୁ ଭେଟିବା ପାଇଁ ନିଜ କାର୍ ଚଳାଇ ପହଞ୍ଚିଥିଲେ । ରୁଷ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ କହିଛି ଯେ ପୁଟିନ ଗୁରେଭିଚଙ୍କୁ ମସ୍କୋରେ ବିଜୟ ପରେଡରେ ଯୋଗଦେବାକୁ ନିମନ୍ତ୍ରଣ କରିଥିଲେ। ଯେତେବେଳେ ସେ ମସ୍କୋରେ ପହଞ୍ଚିଲେ, ପୁଟିନ ତାଙ୍କୁ ଭେଟି ତାଙ୍କ ପାଇଁ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରିଥିଲେ। ଛାତ୍ର-ଶିକ୍ଷକ ବୈଠକର ଏକ ଭିଡିଓ ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ସୋମବାର, ମେ' ୧୧ ତାରିଖରେ ପୁଟିନ ବ୍ୟକ୍ତିଗତ ଭାବରେ ମସ୍କୋ ହୋଟେଲକୁ ଯାଇଥିଲେ ଯେଉଁଠାରେ ଶିକ୍ଷୟିତ୍ରୀ ରହିଥିଲେ। ସେ ତାଙ୍କୁ ତାଙ୍କ କାରରେ କ୍ରେମଲିନକୁ ନେଇ ଯାଇଥିଲେ, ଯେଉଁଠାରେ ସେମାନେ ଏକାଠି ରାତ୍ରୀଭୋଜନ କରିଥିଲେ। ଭେରା ଗୁରେଭିଚ ଲେନିନଗ୍ରାଡ ସ୍କୁଲ ନମ୍ବର ୧୯୩ରେ ପୁଟିନଙ୍କ ଶ୍ରେଣୀ ଶିକ୍ଷୟିତ୍ରୀ ଥିଲେ। ସେ ଏବେ ବହୁ ବୟସ୍କା ହୋଇସାରିଛନ୍ତି, ଏବଂ ପୁଟିନ, ଯିଏ ତାଙ୍କ ଛାତ୍ର ଥିଲେ ଏବେ ୭୩ ବର୍ଷ ବୟସ୍କ ହୋଇଛନ୍ତି । ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏବଂ ଭେରା ଗୁରେଭିଚଙ୍କ ମଧ୍ୟରେ ହୋଇଥିବା ସାକ୍ଷାତର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଯେତେବେଳେ ଭ୍ଲାଦିମିର ପୁଟିନ ତାଙ୍କ ପୁରୁଣା ଶିକ୍ଷୟିତ୍ରୀଙ୍କୁ ରାତ୍ରୀଭୋଜନରେ ଯୋଗଦେବାକୁ ନେବା ପାଇଁ ଫୁଲ ଗୁଚ୍ଛ ନେଇ ଯାଇଥିଲେ, ସେତେବେଳେ ଶିକ୍ଷୟିତ୍ରୀ ଅଧିକ ବୟସ ଯୋଗୁ ଦୁର୍ବଳ ହୋଇଯାଇଥିବା ସତ୍ତ୍ୱେ ଠିଆ ହୋଇ ପୁଟିନଙ୍କୁ ଆଲିଙ୍ଗନ କରିଥିଲେ । ଶିକ୍ଷୟିତ୍ରୀ ତାଙ୍କ ପୁରୁଣା ଛାତ୍ରଙ୍କୁ ରାଷ୍ଟ୍ରପତି ଭାବରେ ତାଙ୍କ ସମ୍ମୁଖରେ ଦେଖି ଭାବପ୍ରବଣ ହୋଇଯାଇଥିଲେ। ପୁଟିନଙ୍କୁ ଆଲିଙ୍ଗନ କରିବା ସମୟରେ ତାଙ୍କ ଆଖିରୁ ଲୁହ ବୋହିବାକୁ ଲାଗିଥିଲା। ଶିକ୍ଷୟିତ୍ରୀଙ୍କ ପରିବାରର ଅନ୍ୟ ସଦସ୍ୟମାନଙ୍କୁ ମଧ୍ୟ ସ୍ୱାଗତ କରାଯାଇଥିଲା । ଏହା ପରେ ପୁଟିନ ନିଜେ ଶିକ୍ଷୟିତ୍ରୀଙ୍କୁ ଧରିଧରି ତାଙ୍କୁ ନିଜ କାରକୁ ନେଇଯାଇଥିଲେ ।

ରୁଷ ଗଣମାଧ୍ୟମ ଅନୁସାରେ, ପୁଟିନ ତାଙ୍କ ଶିକ୍ଷୟିତ୍ରୀ ଭେରାଙ୍କ ସହ କିଛି ସମୟ ଏକାକୀ କଥାବାର୍ତ୍ତା କରିଥିଲେ ଏବଂ ପରେ ତାଙ୍କୁ ରାତ୍ରୀଭୋଜନ କରିବାକୁ ନେଇଯାଇଥିଲେ । ଭେରା ତାଙ୍କ ପିଲାଦିନେ ଲେନିନଗ୍ରାଡ (ବର୍ତ୍ତମାନ ସେଣ୍ଟ ପିଟର୍ସବର୍ଗ)ରେ ପୁଟିନଙ୍କୁ ଜର୍ମାନ ଶିଖାଇଥିଲେ ।

## ପେପର ଲିକ୍ ପରେ ଏନ୍‌ଇଇଟି ପରୀକ୍ଷା ରଦ୍ଦ, ପୁଣି ଥରେ ହେବେ ପରୀକ୍ଷା




ନୂଆଦିଲ୍ଲୀ : ଦେଶର ସର୍ବବୃହତ ଡାକ୍ତରୀ ପ୍ରବେଶିକା ପରୀକ୍ଷା, ଏନଇଇଟି ୟୁଜି-୨୦୨୬ ସମ୍ପର୍କରେ ଏକ ବଡ଼ ନିଷ୍ପତ୍ତି ନିଆଯାଇଛି । ଜାତୀୟ ପରୀକ୍ଷା ଏଜେନ୍ସି (ଏନ୍?ଟିଏ) ପକ୍ଷରୁ ମେ'୩ ତାରିଖରେ ଅନୁଷ୍ଠିତ ହୋଇଥିବା ପରୀକ୍ଷାକୁ ରଦ୍ଦ କରାଯାଇଛି । କେନ୍ଦ୍ର ସରକାରଙ୍କ ଦ୍ୱାରା ଅନୁମୋଦନ କରାଯାଇଥିବା ଏହି ନିଷ୍ପତ୍ତି ପେପର ଲିକ୍ ଏବଂ ପରୀକ୍ଷା ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗ ମଧ୍ୟରେ ନିଆଯାଇଛି । ପରୀକ୍ଷା ଏବେ ପୁଣି ଥରେ ହେବ। ଖୁବ୍ ଶୀଘ୍ର ଏନେଇ ନୂତନ ତାରିଖ ଘୋଷଣା କରାଯିବ । ୧୦ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଏବେ ପୁଣିପରୀକ୍ଷା ଦେବାକୁ ପଡିବ। ଏହି ନିଷ୍ପତ୍ତି ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ମଧ୍ୟରେ ଚିନ୍ତା ଏବଂ ଅସନ୍ତୋଷ ଉଭୟ ସୃଷ୍ଟି କରିଛି । ରାଜସ୍ଥାନ ସମେତ କିଛି ରାଜ୍ୟରେ ପରୀକ୍ଷା ପତ୍ର ପୂର୍ବରୁ ଉପଲବ୍ଧ ହେଉଥିବା ରିପୋର୍ଟ ପ୍ରକାଶ ପାଇବା ପରେ ଏନ୍?ଇଇଟି ପରୀକ୍ଷାକୁ ନେଇ ବିବାଦ ଆହୁରି ତୀବ୍ର ହୋଇଥିଲା। ଏହା ପରୀକ୍ଷାର ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଇଥିଲା। ଏକ ସରକାରୀ ବିବୃତ୍ତିରେ, ଏନ୍?ଟିଏ କହିଛି ଯେ ମେ'୮ ତାରିଖରେ ମାମଲାକୁ ଯାଞ୍ଚ ଏବଂ ତଦନ୍ତ ପାଇଁ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକୁ ପଠାଯାଇଥିଲା । ତଦନ୍ତ ଏଜେନ୍ସିଗୁଡ଼ିକରୁ ମିଳିଥିବା ଇନପୁଟ୍ ଏବଂ ରିପୋର୍ଟ ଆଧାରରେ, ଏହା ନିଷ୍କର୍ଷିତ ହୋଇଥିଲା ଯେ ବର୍ତ୍ତମାନର ପରୀକ୍ଷା ପ୍ରକ୍ରିୟା ଜାରି ରହିପାରିବ ନାହିଁ। ଏଜେନ୍ସି କହିଛି ଯେ ଜାତୀୟ ପରୀକ୍ଷା ବ୍ୟବସ୍ଥାରେ ଛାତ୍ରଙ୍କ ବିଶ୍ୱାସ ବଜାୟ ରଖିବା ସର୍ବୋପରି, ଏବଂ ଏହା ପରୀକ୍ଷା ବାତିଲ କରିବାର କଷ୍ଟକର ନିଷ୍ପତ୍ତି ନେଇଛି । କେନ୍ଦ୍ର ସରକାର ଏବେ ସମଗ୍ର ମାମଲାର ଏକ ବ୍ୟାପକ ତଦନ୍ତ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ହସ୍ତାନ୍ତର କରିଛନ୍ତି।ଏନଟିଏ କହିଛି ଯେ ଏହା ତଦନ୍ତକାରୀ ସଂସ୍ଥାକୁ ସମସ୍ତ ପ୍ରକାରର ସହଯୋଗ ଯୋଗାଇବ ଏବଂ ସମସ୍ତ ରେକର୍ଡ, ଡକ୍ୟୁମେଣ୍ଟ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ ଯୋଗାଇବ। ସୂତ୍ର ଅନୁସାରେ, ତଦନ୍ତ ଦ୍ୱାରା କଥିତ ପେପର ଲିକ୍ ନେଟୱାର୍କର ପରିମାଣ, କିଏ ସମସ୍ତେ ଏଥିରେ ସମ୍ପୃକ୍ତ ଥିଲେ ଏବଂ ପରୀକ୍ଷା କେନ୍ଦ୍ର କିମ୍ବା ଏଜେନ୍ସି ମଧ୍ୟରେ କୌଣସି ସମ୍ପର୍କ ଥିଲା କି ନାହିଁ ତାହା ନିର୍ଣ୍ଣୟ କରାଯିବ । ଛାତ୍ରଛାତ୍ରୀମାନଙ୍କୁ ଆଶ୍ୱସ୍ତି ଦେବା ପାଇଁ, ଏନ୍?ଟିଏ କହିଛି ଯେ, ପୁଣି ପରୀକ୍ଷା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଆଉ ଥରେ ଆବେଦନ କରିବାକୁ ପଡିବ ନାହିଁ। ମେ ୨୦୨୬ ଅଧିବେଶନ ସମୟରେ ଦାଖଲ ହୋଇଥିବା ପଞ୍ଜୀକରଣ ତଥ୍ୟ, ପରୀକ୍ଷା କେନ୍ଦ୍ର ଚୟନ ଏବଂ ପ୍ରାର୍ଥୀ ସୂଚନା ସ୍ୱୟଂଚାଳିତ ଭାବରେ ସମାନ ରହିବ । ଏଜେନ୍ସି ଏହା ମଧ୍ୟ ସ୍ପଷ୍ଟ କରିଛି ଯେ, ଛାତ୍ରଛାତ୍ରୀମାନଙ୍କଠାରୁ କୌଣସି ଅତିରିକ୍ତ ପରୀକ୍ଷା ଫି ନିଆଯିବ ନାହିଁ। ପୂର୍ବରୁ ଜମା ହୋଇଥିବା ଫି ଫେରସ୍ତ କରାଯିବ, ଏବଂ ଏନ୍‌ଟିଏର ଆଭ୍ୟନ୍ତରୀଣ ସମ୍ବଳ ମାଧ୍ୟମରେ ପରୀକ୍ଷା ପୁନଃ ପରିଚାଳନା କରାଯିବ। ଏନ୍?ଟିଏ ଅନୁଯାୟୀ ପରୀକ୍ଷାର ନୂତନ ତାରିଖ, ପ୍ରବେଶ ପତ୍ର ପ୍ରଦାନ ସମୟସୂଚୀ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସୂଚନା ଏଜେନ୍ସିର ଅଧିକୃତ ଚ୍ୟାନେଲଗୁଡ଼ିକରେ ଖୁବ୍ ଶୀଘ୍ର ପ୍ରକାଶିତ ହେବ। ଏଜେନ୍ସି ଛାତ୍ରଛାତ୍ରୀ ଏବଂ ଅଭିଭାବକମାନଙ୍କୁ କେବଳ ଅଧିକୃତ ସୂଚନା ଉପରେ ନିର୍ଭର କରିବାକୁ ଏବଂ ସୋସିଆଲ ମିଡିଆରେ ପ୍ରସାରିତ ଅସମ୍ପୂର୍ଣ୍ଣ ଖବରକୁ ଏଡାଇବାକୁ ଅନୁରୋଧ କରାଯାଇଛି ।

## ଅନଲାଇନ୍ ଗେମ୍ ନେଲା ଜୀବନ, ୩ ଲକ୍ଷ ଟଙ୍କା ପାଇଁ ସାଙ୍ଗକୁ ପଥରରେ ଛେଚି ନିର୍ମମ ହତ୍ୟା

ମଧ୍ୟପ୍ରଦେଶ : ମଧ୍ୟପ୍ରଦେଶର ଇନ୍ଦୋର ଜିଲ୍ଲାରେ ଅନଲାଇନ୍ ଗେମିଂକୁ କେନ୍ଦ୍ର କରି ଏକ ଅଭାବନୀୟ ଘଟଣା ଘଟିଛି। ମାତ୍ର ୩ ଲକ୍ଷ ଟଙ୍କାର ଋଣ ବିବାଦକୁ ନେଇ ଜଣେ ୧୯ ବର୍ଷୀୟ ଯୁବକ ତାଙ୍କ ସହଯୋଗୀଙ୍କୁ ପଥରରେ ଛେଚି ନିର୍ମମ ଭାବେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଗତ ମେ' ୭ ତାରିଖରେ ବେଟମା ପୋଲିସ ଷ୍ଟେସନ ଅଞ୍ଚଳରେ ୩୨ ବର୍ଷୀୟ ସମୀର ପଟେଲଙ୍କ ମୃତଦେହ ମିଳିଥିଲା। ଏହି ଘଟଣାରେ ପୋଲିସ ରାମଜାନ ପଟେଲ ନାମକ ଜଣେ ଯୁବକଙ୍କୁ ଗିରଫ କରିଛି। ଏସପି ରାଜେନ୍ଦ୍ର କୁମାର ବର୍ମାଙ୍କ ଅନୁଯାୟୀ, ପ୍ରାଥମିକ ଜେରା ସମୟରେ ଅଭିଯୁକ୍ତ ରାମଜାନ ନିଜର ଅପରାଧ ସ୍ୱୀକାର କରିଛି। ପୋଲିସ ତଦନ୍ତରୁ ଜଣାପଡ଼ିଛି ଯେ, ସମୀର ଓ ରାମଜାନ ଉଭୟ ଅନଲାଇନ୍ ଗେମିଂରେ ସକ୍ରିୟ ଥିଲେ ଏବଂ ଏଥିରେ ଟଙ୍କା ହାରିବା ଜିତିବାକୁ ନେଇ ଦୁହିଁଙ୍କ ମଧ୍ୟରେ ଟଙ୍କା କାରବାର ରହିଥିଲା। ରାମଜାନ ଅନଲାଇନ୍ ଗେମିଂରେ ପ୍ରାୟ ୧୦ ଲକ୍ଷ ଟଙ୍କା ସମୀରଙ୍କ ପାଖରୁ ହାରିଥିଲେ, ଯେଉଁଥିରୁ ସେ ୭ ଲକ୍ଷ ଟଙ୍କା ପରିଶୋଧ କରିସାରିଥିଲେ। ବାକି ୩ ଲକ୍ଷ ଟଙ୍କାକୁ ନେଇ ଉଭୟଙ୍କ ମଧ୍ୟରେ ଗୁରୁତର ଯୁକ୍ତିତର୍କ ହୋଇଥିଲା। ଏହି ସମୟରେ ଉତକ୍ଷିପ୍ତ ହୋଇ ରାମଜାନ ଏକ ପଥରରେ ସମୀରଙ୍କ ମୁଣ୍ଡକୁ ଛେଚି ହତ୍ୟା କରିଥିଲେ। ପୋଲିସ ଏବେ ଉଭୟଙ୍କ ମୋବାଇଲ୍ ଫୋନ୍ ଯାଞ୍ଚ କରୁଛି, ଯାହାଦ୍ୱାରା ସେମାନେ କେତେ ଦିନରୁ ଏହି ଗେମିଂରେ ସଂପୃକ୍ତ ଥିଲେ ଏବଂ ଏଥିରେ ଅନ୍ୟ କାହାର ହାତ ଅଛି କି ନାହିଁ ତାହା ଜଣାପଡ଼ିବ।

## ବିଜୟଙ୍କ ସରକାରରେ କଂଗ୍ରେସରୁ ୨ ଜଣ ମନ୍ତ୍ରୀ : ଟିଭିକେ କଂଗ୍ରେସକୁ ଦୁଇଟି ମନ୍ତ୍ରୀ ପଦ ଆବଣ୍ଟନ କରିବାକୁ ନିଷ୍ପତ୍ତି

ତାମିଲନାଡୁ : ତାମିଲନାଡୁ ମୁଖ୍ୟମନ୍ତ୍ରୀ ଥାଲାପତି ବିଜୟଙ୍କ ନେତୃତ୍ୱରେ ଟିଭିକେ ସରକାର ଗଠନ ହେବା ସହିତ କଂଗ୍ରେସ ଦଳ ୫୫ ବର୍ଷରୁ ଅଧିକ ସମୟ ପରେ ତାମିଲନାଡୁରେ କ୍ଷମତାକୁ ଫେରିବାକୁ ଯାଉଛି । ତାମିଲନାଡୁ ବିଧାନସଭା ନିର୍ବାଚନରେ ଝୁଲା ଜନାଦେଶ ପରେ ହୋଇଥିବା କ୍ଷମତା ବଣ୍ଟନ ଚୁକ୍ତିର ଅଂଶ ସ୍ୱରୂପ, ଟିଭିକେ କଂଗ୍ରେସକୁ ଦୁଇଟି ମନ୍ତ୍ରୀ ପଦ ଆବଣ୍ଟନ କରିବାକୁ ନିଷ୍ପତ୍ତି ନେଇଛି। ଚେନ୍ନାଇର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଆୟୋଜିତ ଏକ ଭବ୍ୟ ସମାରୋହରେ ନୂତନ ସରକାର ଶପଥ ଗ୍ରହଣ କରିଥିଲା, ଯେଉଁଠାରେ ବିଜୟ ତାମିଲନାଡୁର



୧୩ତମ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଥିଲେ। ତାଙ୍କ ସହିତ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର ୯ ଜଣ ମନ୍ତ୍ରୀଙ୍କୁ ପଦ ଏବଂ ଗୋପନୀୟତାର ଶପଥ ପାଠ କରାଇଥିଲେ।

## ପୁଣି ତରଭୁଜ ନେଲା ଜୀବନ, ୧୫ବର୍ଷୀୟ ବାଳକ ମୃତ ଓ ତିନି ଅସୁସ୍ଥ

ଛତିଶଗଡ଼ : ଛତିଶଗଡ଼ ଜାଞ୍ଜିଗିରରୁ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି । ତରଭୁଜ ଖାଇ ଜଣେ ୧୫ ବର୍ଷୀୟ ବାଳକର ମୃତ୍ୟୁ ଘଟିଛି । ଏଥିସହ ଅନ୍ୟ ୩ ଜଣ ଅସୁସ୍ଥ ଅବସ୍ଥାରେ ରହିଥିବା ଜଣାପଡିଛି । ସେମାନଙ୍କ ଚିକିତ୍ସା ପାଇଁ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ଆତଙ୍କ ସୃଷ୍ଟି କରିଛି । ସୂଚନାନୁଯାୟୀ, ମାମୁଁ ଘରକୁ ଆସିଥିବା ପିଲାମାନେ ତରଭୁଜ ଖାଇଥିଲେ । କିଛି ଘଣ୍ଟା ପରେ ସେମାନଙ୍କର ବାନ୍ତି, ଝାଡା ହୋଇଥିଲା । ସେମାନଙ୍କ ଅବସ୍ଥା ଖରାପ ହେବାରୁ, ପରିବାର ଲୋକ ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ହସ୍ପିଟାଲକୁ ନେଇଯାଇଥିଲେ । ଫଳରେ ସେଠାରେ ପହଞ୍ଚିବା ପରେ ଡାକ୍ତର ଜଣେ ୧୫ ବର୍ଷୀୟ ବାଳକଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟ ୩ ଜଣଙ୍କ ଚିକିତ୍ସା ଜାରି ରହିଛି । ୧୫ ବର୍ଷୀୟ ମୃତ ବାଳକ ହେଲେ ଅଖିଳେଶ ଏବଂ ଆହତମାନେ ହେଲେ ଆୱାରିଦ ଗାଁର ଶ୍ରୀ ଧୀୱାର (୪), ଖଟୋଲାର ପିଣ୍ଟୁ ଧୀୱାର (୧୨) ଏବଂ କୋଟଗଡ଼ର ହିତେଶ ଧୀୱାର (୧୩)ବୋଲି ଚିହ୍ନଟ କରାଯାଇଛି । ଏହି ଅଘଟଣ ଛତିଶଗଡ଼ର ଜାଞ୍ଜଗିର-ଚମ୍ପା ଜିଲ୍ଲାର ଘୁରକୋଟ ଗାଁରେ ଘଟିଛି । ଏହି ଘଟଣା ପରେ ତରଭୁଜ ଖାଇବାକୁ ଲୋକମାନେ ଭୟ କରୁଛନ୍ତି । ଅନ୍ୟପଟେ ମୃତକଙ୍କ ମୃତଦେହ ପୋଷ୍ଟମର୍ଟମ୍ ପରୀକ୍ଷା ପାଇଁ ନିଆଯାଇଛି ଏବଂ ଫରେନସିକ୍ ପରୀକ୍ଷା ପାଇଁ ଭିସେରା ନମୁନା ସଂରକ୍ଷିତ କରି ରଖାଯାଇଛି । ଘରେ ରଖାଯାଇଥିବା ଆଉ ଏକ ତରଭୁଜକୁ ପରୀକ୍ଷା ପାଇଁ ଖାଦ୍ୟ ସୁରକ୍ଷା ବିଭାଗକୁ ପଠାଯାଇଛି । ରିପୋର୍ଟ ଆସିବା ପରେ ମୃତ୍ୟୁ ଏବଂ ଅସୁସ୍ଥତାର ସଠିକ୍ କାରଣ ଜଣାପଡିବ ।

## ମଦ ନିଷେଧ ପ୍ରସଙ୍ଗରେ ଓମାର ଅବଦୁଲ୍ଲାଙ୍କ ବିବାଦୀୟ ବୟାନ, ବିରୋଧ କରୁଛି ନିଜ ଦଳ

ଜମ୍ମୁ, : ଜମ୍ମୁ-କାଶ୍ମୀରରେ ମଦ ନିଷେଧକୁ ନେଇ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଦେଇଥିବା ଏକ ବିବାଦୀୟ ବୟାନ ଏବେ ରାଜନୈତିକ ଝଡ଼ ସୃଷ୍ଟି କରିଛି। ମଦ୍ୟପାନ ଯୋଗୁଁ ଯୁବପିଢ଼ି ନଷ୍ଟ ହେବା ପ୍ରସଙ୍ଗରେ ଓମାର କହିଛନ୍ତି ଯେ, ସରକାର କାହାକୁ ମଦ ପିଇବାକୁ ବାଧ କରୁନାହାଁନ୍ତି କିମ୍ବା ଏହାର ବିଜ୍ଞାପନ କରୁନାହାଁନ୍ତି, ଲୋକେ ନିଜ ଇଚ୍ଛାରେ ଦୋକାନକୁ ଯାଉଛନ୍ତି। ତାଙ୍କର ଏହି ମନ୍ତବ୍ୟ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ସେ ସ୍ପଷ୍ଟୀକରଣ ଦେଇ କହିଛନ୍ତି ଯେ, ଏହି ଦୋକାନଗୁଡ଼ିକ ସେହିମାନଙ୍କ ପାଇଁ ଯାହାଙ୍କ ଧର୍ମ ଏଥିପାଇଁ ଅନୁମତି ଦିଏ। ଓମାରଙ୍କ ଏହି ଯୁକ୍ତିକୁ ନେଇ କେବଳ ବିରୋଧୀ ନୁହଁନ୍ତି, ବରଂ ନିଜ 'ଦଳ ନ୍ୟାସନାଲ କନଫରେନ୍ସ'ର ସାଂସଦ ଆଗା ରୁହୁଲ୍ଲା ମଧ୍ୟ ଅସନ୍ତୋଷ ପ୍ରକାଶ କରିବା ସହ ରାଜ୍ୟରେ ମଦ ଉପରେ ସମ୍ପୂର୍ଣ୍ଣ ନିଷେଧାଜ୍ଞା ଜାରି କରିବାକୁ ଦାବି କରିଛନ୍ତି । ଜମ୍ମୁ-କାଶ୍ମୀରରେ ମଦ୍ୟପାନର ମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଉଛି, ଯାହା ସରକାରଙ୍କ ପାଇଁ ରାଜସ୍ୱ ଆଦାୟର ଏକ ବଡ଼ ମାଧ୍ୟମ ସାଜିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟରେ ପ୍ରାୟ ୬.୯୪ କୋଟି ମଦ ବୋତଲ ବିକ୍ରି ହୋଇଥିବା ବେଳେ ଦୈନିକ ହାରାହାରି ବିକ୍ରି ୧.୯ ଲକ୍ଷ ବୋତଲ ରହିଛି। ବିଶେଷ କରି ଜମ୍ମୁ ଅଞ୍ଚଳରୁ ସର୍ବାଧିକ ରାଜସ୍ୱ ମିଳୁଛି। ତଥ୍ୟ ଅନୁଯାୟୀ, ୨୦୨୩-୨୪ ଏବଂ ୨୦୨୪-୨୫ ମଧ୍ୟରେ ମଦ ବିକ୍ରୟରୁ ସରକାର ୨,୨୦୦ କୋଟି ଟଙ୍କାରୁ ଅଧିକ ରାଜସ୍ୱ ପାଇବାର ଆକଳନ କରାଯାଇଛି । କାଶ୍ମୀର ଉପତ୍ୟକାର ଜିଲ୍ଲାଗୁଡ଼ିକ ଏହି ସମୟ ମଧ୍ୟରେ ମାତ୍ର ୧୮୮ କୋଟି ଟଙ୍କା ରାଜସ୍ୱ ଦେଇଥିବା ବେଳେ ଜମ୍ମୁର ୧୦ଟି ଜିଲ୍ଲାରୁ ପ୍ରାୟ ୧,୯୬୮ କୋଟି ଟଙ୍କା ଆୟ ହୋଇଛି, ଯାହା ଉପତ୍ୟକା ତୁଳନାରେ ପ୍ରାୟ ୧୦ ଗୁଣ ଅଧିକ। ଜମ୍ମୁ ଜିଲ୍ଲାରୁ ସର୍ବାଧିକ ୫୦୯ କୋଟି ଟଙ୍କା ରାଜସ୍ୱ ଆସିଥିବା ବେଳେ କାଶ୍ମୀରର ଶ୍ରୀନଗରରୁ ପ୍ରାୟ ୬୫.୫୭ କୋଟି ଟଙ୍କା ଆଦାୟ ହୋଇଛି। ମଦ ବିକ୍ରିକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ସ୍ପଷ୍ଟୀକରଣ ଏବଂ ଦିନକୁ ଦିନ ବଢୁଥିବା ରାଜସ୍ୱ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । ଧାର୍ମିକ ବିଶ୍ୱାସ ଓ ରାଜସ୍ୱ ଆଦାୟ ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ ଯାଇ ଓମାର ଅବଦୁଲ୍ଲା ଏବେ ବିବାଦ ଘେରକୁ ଆସିଯାଇଛନ୍ତି। ରାଜ୍ୟରେ ଏହି ପ୍ରସଙ୍ଗକୁ ନେଇ ଦିନକୁ ଦିନ ବିରୋଧ ତୀବ୍ର ହେବାରେ ଲାଗିଛି ।

## ତାମିଲନାଡୁରେ ହଟିବ ୭୧୭ଟି ମଦ ଦୋକାନ

ତାମିଲନାଡୁ : ତାମିଲନାଡୁର ନବନିଯୁକ୍ତ ମୁଖ୍ୟମନ୍ତ୍ରୀ ଜୋସେଫ୍ ବିଜୟ ରାଜ୍ୟରେ ମଦମୁକ୍ତ ଓ ନିଶାମୁକ୍ତ ପରିବେଶ ଗଠନ ଦିଗରେ ଏକ ପ୍ରମୁଖ ପଦକ୍ଷେପ ଗ୍ରହଣ କରିଛନ୍ତି। ମଙ୍ଗଳବାର ଦିନ ମୁଖ୍ୟମନ୍ତ୍ରୀ ବିଭିନ୍ନ ଧର୍ମାନୁଷ୍ଠାନ, ଶିକ୍ଷାନୁଷ୍ଠାନ ଓ ବସଷ୍ଟାଣ୍ଡର ୫୦୦ ମିଟର ପରିଧି ମଧ୍ୟରେ ଥିବା ୭୧୭ଟି ସରକାରୀ ମଦ ଦୋକାନକୁ ଆଗାମୀ ଦୁଇ ସପ୍ତାହ ମଧ୍ୟରେ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତାମିଲନାଡୁ ଷ୍ଟେଟ୍ ମାର୍କେଟିଂ କର୍ପୋରେସନ୍ ଦ୍ୱାରା ପରିଚାଳିତ ମୋଟ ୪,୭୬୫ଟି ଦୋକାନ ମଧ୍ୟରୁ ଯାଞ୍ଚ ପରେ ଏହି ୭୧୭ଟି ଦୋକାନକୁ ଚିହ୍ନଟ କରାଯାଇଛି। ସରକାରୀ ବିବୃତ୍ତି ଅନୁଯାୟୀ, ବନ୍ଦ ହେବାକୁ ଥିବା ଦୋକାନଗୁଡ଼ିକ ମଧ୍ୟରୁ ୨୭୬ଟି ଉପାସନା ସ୍ଥଳ ନିକଟରେ, ୧୮୬ଟି ଶିକ୍ଷାନୁଷ୍ଠାନ ନିକଟରେ ଏବଂ ୨୫୫ଟି ବସଷ୍ଟାଣ୍ଡ ନିକଟରେ ଅବସ୍ଥିତ। ନିଜର ନିର୍ବାଚନୀ ଇସ୍ତାହାରରେ ଟିଭିକେ (ତାମିଲଗା ଭେଟ୍ରି କାଜଗମ୍) ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତେବେ ବିଜୟଙ୍କ ଏହି ନିଷ୍ପତ୍ତିକୁ ନେଇ ବର୍ତ୍ତମାନ ଚର୍ଚ୍ଚା ମଧ୍ୟ ଆରମ୍ଭ ହୋଇଯାଇଛି।

## ଘର ଭିତରେ ଥିବା ପାଣି ଟାଙ୍କିରେ ୧୧ ସାପ !

କୋଟା : ରାଜସ୍ଥାନ କୋଟାରେ ଅମ୍ବାଲି ଅଞ୍ଚଳରେ ଚାଞ୍ଚଲ୍ୟକର ଘଟଣା । ଗୋଟିଏ ଘରର ପାଣିଟାଙ୍କି ଭିତରୁ ଏକସାଙ୍ଗରେ ୧୧ଟି ସାପ ବାହାରିବା ପରେ ଚାଞ୍ଚଲ୍ୟ ଖେଳିଯାଇଛି । ଘର ଭିତରେ ଥିବା ୮ ଫୁଟ ଗଭୀର ଟାଙ୍କିକୁ ସଫା କରିବା ବେଳେ ସାପ ଧରାପଡିଥିଲେ । ସୂଚନା ମିଳିବା ପରେ ଘଟଣା ସ୍ଥଳରେ ରେସକ୍ୟୁ ଟିମ୍ ପହଞ୍ଚି ସାପକୁ ଧରିଥିଲା । ଖବର ମୁତାବକ, କୋଟାର ଅମ୍ବାଲି ଅଞ୍ଚଳରେ ସୋମବାର ସକାଳ ସମୟରେ ଘର ଭିତରେ ଥିବା ଏକ ୮ ଫୁଟ ଗଭୀର ପାଣି ଟାଙ୍କିକୁ ସଫା କରିବା ବେଳେ ଏଥିରେ କିଛି ହଲଚଲ ଦେଖିବାକୁ ପାଇଥିଲେ ଘର ଲୋକ । ଆଉ ଟର୍ଚ୍ଚ ଆଣି ପାଣିକୁ ଦେଖିବା ବେଳେ କିଛି ହଲଚଲ୍ ଦେଖିବାକୁ ପାଇଥିଲେ । ଘର ଲୋକ ଏତେ ସାପ ଦେଖି ଭୟଭୀତ ହୋଇଯାଇଥିଲେ । ତୁରନ୍ତ ପରିବାର ଲୋକ ନଗର ନିଗମର ରେସକ୍ୟୁ ଟିମ ପହଞ୍ଚି ସାପକୁ ଉଦ୍ଧାର କରିଥିଲେ ।

## ଚୀନ୍ ଗୁପ୍ତଚର କାଲିଫର୍ଣ୍ଣିଆ ମେୟର : ଦୋଷ ସ୍ୱୀକାର କରି ପଦବୀରୁ ଦେଲେ ଇସ୍ତଫା

ଚୀନ : ଆମେରିକାର ତଦନ୍ତକାରୀ ସଂସ୍ଥା ଏଫ୍‌ବିଆଇ ପକ୍ଷରୁ କାଲିଫର୍ଣ୍ଣିଆର ଆର୍କାଡିଆର ମେୟର ଏଲିନ୍ ୱାଙ୍ଗଙ୍କ ବିରୋଧରେ ଚୀନ୍ ପାଇଁ ଗୁପ୍ତଚରୀ କରୁଥିବା ଅଭିଯୋଗ କରାଯାଇଛି। ଫେଡେରାଲ୍ କୋର୍ଟରେ ୱାଙ୍ଗଙ୍କ ବିରୋଧରେ ଏକ ମାମଲା ଦାୟର କରାଯାଇଛି। ଏଫବିଆଇ ଅନୁଯାୟୀ, ଏଲିନ୍ ୱାଙ୍ଗ ୨୦୨୦ ରୁ ୨୦୨୨ ମଧ୍ୟରେ ଚୀନ୍ ସରକାରୀ ଅଧିକାରୀଙ୍କ ନିର୍ଦ୍ଦେଶରେ କାମ କରିଥିଲେ ଏବଂ ଆମେରିକାରେ ଚୀନ୍ ସ୍ୱାର୍ଥକୁ ପ୍ରୋତ୍ସାହିତ କରିବାକୁ ଚେଷ୍ଟା କରିଥିଲେ। ଦୋଷ ସ୍ୱୀକାର କରିବା ପରେ, ୱାଙ୍ଗ ମେୟର ଏବଂ ନଗର ପରିଷଦ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ୱାଙ୍ଗଙ୍କ ବିଷୟରେ ଏହି ଖୁଲାସା ପରେ ଆମେରିକୀୟ ପ୍ରଶାସନ ଆଶ୍ଚର୍ଯ୍ୟଚକିତ ହୋଇଛି। ଏଫ୍‌ବିଆଇ ଅନୁଯାୟୀ, ଏଲିନ୍ ୱାଙ୍ଗ ଏବଂ ୟାଓନିଂ ମାଇକ୍ ସନ୍, ଆମେରିକାରେ ରହୁଥିବା ବ୍ୟକ୍ତିବିଶେଷଙ୍କ ସହିତ ମିଶି ଚୀନ୍ ସରକାରଙ୍କ ନିର୍ଦ୍ଦେଶରେ ପ୍ରଚାର ପ୍ରସାର କରିଥିଲେ। ସେମାନେ ୟୁଏସ୍ ନ୍ୟୁଜ୍ ସେଣ୍ଟର ନାମକ ଏକ ୱେବସାଇଟ୍



ବ୍ୟବହାର କରିଥିଲେ, ଯାହା ସ୍ଥାନୀୟ ଚୀନ୍-ଆମେରିକୀୟ ସମ୍ପ୍ରଦାୟ ପାଇଁ ଏକ ନ୍ୟୁଜ୍ ପ୍ଲାଟଫର୍ମ ବୋଲି କୁହାଯାଉଥିଲା। ତଦନ୍ତକାରୀ ଏଜେନ୍ସିଗୁଡ଼ିକ କହିଛନ୍ତି, ଚୀନ୍ ସରକାରଙ୍କ ନିର୍ଦ୍ଦେଶରେ ଏହି ୱେବସାଇଟ୍?ରେ ଚୀନ୍ ସମର୍ଥକଙ୍କ ବିଷୟବସ୍ତୁ ପ୍ରକାଶିତ ହେଉଥିଲା। ଏହି ମାମଲାରେ ୫୮ ବର୍ଷୀୟା ଏଲିନ୍ ୱାଙ୍ଗ ଦୋଷ ସ୍ୱୀକାର କରିଛନ୍ତି। ଏହି ଅପରାଧରେ ସର୍ବାଧିକ ୧୦ ବର୍ଷ ଜେଲ୍ ଦଣ୍ଡ ହୋଇପାରେ। ଆମେରିକାର ନ୍ୟାୟ ବିଭାଗ ଅନୁଯାୟୀ, ୱାଙ୍ଗ ଆଗାମୀ ସପ୍ତାହ ମଧ୍ୟରେ ଆନୁଷ୍ଠାନିକ ଭାବରେ ଦୋଷ ସ୍ୱୀକାର କରିବେ ବୋଲି ଆଶା କରାଯାଉଛି। ଏଲିନ୍ ୱାଙ୍ଗ ନଭେମ୍ବର ୨୦୨୨ରେ ଆର୍କାଡିଆ ସିଟି କାଉନସିଲକୁ ନିର୍ବାଚିତ ହୋଇଥିଲେ। ଏହା ଏକ ପାଞ୍ଚ ସଦସ୍ୟ ବିଶିଷ୍ଟ ପରିଷଦ, ଯେଉଁଥିରେ ମେୟର ପର୍ଯ୍ୟାୟକ୍ରମେ ନିର୍ବାଚିତ ହୋଇଥାନ୍ତି। ନ୍ୟାୟ ବିଭାଗ ଏକ ବିବୃତିରେ କହିଛି ଯେ, ଜୁନ୍ ୨୦୨୧ରେ, ଜଣେ ଚୀନ୍ ଅଧିକାରୀ ୱାଙ୍ଗ ଏବଂ ଅନ୍ୟମାନଙ୍କ ପାଖକୁ ୱିଚାଟ୍ ଆପ୍ ମାଧ୍ୟମରେ ପୂର୍ବ-ପ୍ରସ୍ତୁତ ଖବର ଲେଖା ପଠାଇଥିଲେ। ଏହି ଲେଖାଗୁଡ଼ିକୁ ଆମେରିକାରେ ପ୍ରକାଶିତ କରିବାକୁ ଚେଷ୍ଟା କରାଯାଇଥିଲା। ଜାତୀୟ ସୁରକ୍ଷା ବ୍ୟାପାର ପାଇଁ ଆମେରିକାର ସହାୟକ ଆଟର୍ଣ୍ଣି ଜେନେରାଲ ଜନ୍ ଆଇଜେନବର୍ଗ କହିଛନ୍ତି, ଚୀନ୍ ସରକାରଙ୍କ ନିର୍ଦ୍ଦେଶରେ କାମ କରୁଥିବା ଜଣେ ମହିଳା ସାର୍ବଜନୀନ ପଦବୀରେ କିଭଳି ପହଞ୍ଚିଲେ ତାହା ଅତ୍ୟନ୍ତ ଚିନ୍ତାଜନକ। କାଲିଫର୍ଣ୍ଣିଆର କେନ୍ଦ୍ରୀୟ ଜିଲ୍ଲା ପାଇଁ ପ୍ରଥମ ସହାୟକ ଆମେରିକୀୟ ଓକିଲ ବିଲ୍ ଇସାଇଲି କହିଛନ୍ତି, ଯେଉଁମାନେ ଗୁପ୍ତ ଭାବରେ ବିଦେଶୀ ସରକାର ପାଇଁ କାମ କରନ୍ତି ସେମାନେ ଆମେରିକୀୟ ଗଣତନ୍ତ୍ରକୁ ଦୁର୍ବଳ କରନ୍ତି। ଏହି କାର୍ଯ୍ୟାନୁଷ୍ଠାନ ଚୀନ୍?ର ପ୍ରୟାସ ବିରୋଧରେ ଏକ ବଡ଼ ସଫଳତା। ଏଫ୍‌ବିଆଇର କାଉଣ୍ଟରଇଣ୍ଟେଲିଜେନ୍ସ ଏବଂ ଗୁପ୍ତଚର ବିଭାଗର ସହାୟକ ନିର୍ଦ୍ଦେଶକ ରୋମାନ ରୋଗାଓ୍ୱସ୍କି କହିଛନ୍ତି ଯେ, ଏହି ମାମଲା ବିଦେଶୀ ସରକାରଙ୍କ ନିର୍ଦ୍ଦେଶରେ ଆମେରିକାର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଥିବା ଯେକୌଣସି ବ୍ୟକ୍ତିଙ୍କ ପାଇଁ ଏକ ସ୍ପଷ୍ଟ ଚେତାବନୀ।

## ବିଜେପି-ଇସି 'ଚୋର ବଜାର'ରେ, ଯେତେ ବଡ଼ ଚୋରି , ପୁରସ୍କାର ସେତେ ବଡ଼

କଲିକତା : ପଶ୍ଚିମବଙ୍ଗର ମୁଖ୍ୟ ନିର୍ବାଚନ ଅଧିକାରୀ ମନୋଜ ଅଗ୍ରୱାଲଙ୍କୁ ରାଜ୍ୟର ମୁଖ୍ୟ ସଚିବ ଭାବରେ ନିଯୁକ୍ତ କରାଯାଇଛି। ଏବେ ଏହି ମାମଲାରେ ଲୋକସଭାରେ ବିରୋଧୀ ଦଳ ନେତା ଏବଂ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ବିଜେପି ଉପରେ ଗମ୍ଭୀର ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ବିଜେପି ଏବଂ ନିର୍ବାଚନ କମିସନଙ୍କ 'ଚୋର ବଜାର'ରେ ଯେତେ ବଡ଼ ଚୋରି ହେବ, ସେତେ ବଡ଼ ପୁରସ୍କାର ମିଳିବ। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପୋଷ୍ଟ୍ କରି ରାହୁଲ ଏପରି କହିଛନ୍ତି। ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ ମଧ୍ୟ ଏନେଇ ପ୍ରଶ୍ନ ଉଠାଇ କହିଛନ୍ତି, ଏହି ନିଯୁକ୍ତି ପ୍ରମାଣ କରୁଛି ଯେ, ନିର୍ବାଚନ କମିସନ ନିରପେକ୍ଷ ନଥିଲେ ଏବଂ ବିଜେପିକୁ ଲାଭ ଦେବା ପାଇଁ କାର୍ଯ୍ୟ କରିଥିଲେ। ସେ ଏହାକୁ ନିର୍ବାଚନ କମିସନ ଏବଂ ବିଜେପି ମଧ୍ୟରେ ଏକ ମିଳିତ କାର୍ଯ୍ୟ ବୋଲି ବର୍ଣ୍ଣନା କରି କହିଛନ୍ତି ଯେ ଏହାକୁ ଲୁଚାଇବା ପାଇଁ କୌଣସି ପ୍ରୟାସ କରାଯାଉ ନାହିଁ । ଜୟରାମ ଅଭିଯୋଗ କରିଛନ୍ତି ଯେ, ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ପ୍ରାୟ ୨୭ ଲକ୍ଷ ଲୋକଙ୍କୁ ଭୋଟ ଦେବାର ଅଧିକାରରୁ ବଞ୍ଚିତ କରାଯାଇଥିଲା । ବିଜେପିକୁ ନିର୍ବାଚନୀ ଫାଇଦା ଦେବା ପାଇଁ ନିର୍ବାଚନ କମିସନଙ୍କ ଦ୍ୱାରା ଭୋଟର ତାଲିକାରୁ ନାମ ବାଦ୍ ଦେବା ରଣନୀତିକ ଭାବରେ ଚତୁରତାର ସହ କାର୍ଯ୍ୟକାରୀ କରାଯାଇଥିଲା।

# ପଞ୍ଜାବକୁ ୩ ୱିକେଟ୍‌ରେ ପରାସ୍ତ କଲା ଦିଲ୍ଲୀ



ଧର୍ମଶାଳା: ଇଣ୍ଡିଆନ ପ୍ରିମିୟର ଲିଗ୍ ୨୦୨୬ର ୫୫ତମ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗସକୁ ଦିଲ୍ଲୀ କ୍ୟାପିଟାଲ୍ସ ୩ ୱିକେଟ୍‌ରେ ପରାସ୍ତ କରିଛି। ଧର୍ମଶାଳାସ୍ଥିତ ହିମାଚଳ ପ୍ରଦେଶ କ୍ରିକେଟ ଆସୋସିଏସନ ଷ୍ଟାଡିୟମରେ ସୋମବାର ଦିଲ୍ଲୀ ୨୧୧ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା। ଅକ୍ଷର ପଟେଲଙ୍କ ଦଳ ୧୯ ଓଭରରେ ୭ଟି ୱିକେଟ୍ ହରାଇ ୨୧୬ ରନ୍ କରିଥିଲା। ଅକ୍ଷର ପଟେଲ ନିଜେ ୩୦ଟି ବଲ୍ ଖେଳି ୫୬ ରନ୍ ସଂଗ୍ରହ କରିଥିଲେ। ଡେଭିଡ ମିଲର ୫୧ ରନ୍ କରିଥିଲେ। ଆଶୁତୋଷ ଶର୍ମା ୨୪ ରନ୍, ମାଧବ ତିୱାରୀ ୧୮ ରନ୍, ସାହିଲ ପ୍ରକାଶ ୧୩ ରନ୍, ତ୍ରିସ୍ତାନ ଷ୍ଟବ୍‌ସ ୧୨ ରନ୍ ସଂଗ୍ରହ କରିଥିଲେ। ମାଧବ ତିୱାରି ଅପରାଜିତ ୧୮ ରନ୍ ଏବଂ ଆଉକିଭ ନବି ତାର ଅପରାଜିତ ୧୦ ରନ୍ କରିଥିଲେ।

ଟସ୍ ଜିଣି ଦିଲ୍ଲୀ କ୍ୟାପିଟାଲ୍ସ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଶ୍ରେୟସ ଆୟରଙ୍କ ଦଳ ବ୍ୟାଟିଂ କରିଥିଲା। ପଞ୍ଜାବ ନିର୍ଦ୍ଧାରିତ ୨୦ ଓଭରରେ ୫ଟି ୱିକେଟ୍ ହରାଇ ୨୧୦ ରନ୍ ସଂଗ୍ରହ କରିଥିଲା। ପଞ୍ଜାବର ପ୍ରାରମ୍ଭିକ ବ୍ୟାଟିଂ ଉନ୍ନତଧରଣର ଥିଲା। ପ୍ରଥମ ୱିକେଟ୍ ପାଇଁ ପ୍ରିୟାଂଶ ଆୟର ଏବଂ ପ୍ରଭସିମରନ ସିଂହ ୭୮ ରନ୍‌ର ଭାଗିଦାରୀ କରିଥିଲେ। ଏଥିରୁ ପ୍ରଭସିମରନ ବ୍ୟକ୍ତିଗତ ଭାବେ ୧୮ ରନ୍ ସଂଗ୍ରହ କରିଥିଲେ। ଦିଲ୍ଲୀର ଦ୍ୱିତୀୟ ଶିକାର ହୋଇଥିଲେ ପ୍ରିୟାଂଶ ଆୟର। କିନ୍ତୁ ସେ ଆଉଟ୍ ହେବା ପୂର୍ବରୁ ଦଳ ପାଇଁ ୫୬ ରନ୍‌ର ଯୋଗଦାନ ଦେଇଥିଲେ, ଯେଉଁଥିରେ ୨ଟି ଚୌକା ଏବଂ ୬ଟି ଛକା ସାମିଲ ଥିଲା। ଅଧିନାୟକ ଶ୍ରେୟସ ଆୟର ନିଜ ଟିମ୍ ପାଇଁ ସର୍ବାଧିକ ବ୍ୟକ୍ତିଗତ ରନ୍ କରିଥିଲେ। ସେ ୩୬ଟି ବଲ୍ ଖେଳି ଅପରାଜିତ ୫୯ ରନ୍ ସଂଗ୍ରହ କରିଥିଲେ, ଯେଉଁଥିରେ ୫ଟି ଚୌକା ଏବଂ ୩ଟି ଛକା ସାମିଲ ଥିଲା। କୁପର କନୋଲି ୨୭ଟି ବଲ୍ ଖେଳି ୩ଟି ଚୌକା ଏବଂ ୨ଟି ଛକା ବଳରେ ୩୮ ରନ୍ ସଂଗ୍ରହ କରିଥିଲେ। ମାର୍କସ ଷ୍ଟୋଇନସି ୧ ରନ୍ କରିଥିବା ବେଳେ ଶଙ୍କର ସିଂହ ଖାତା ଖୋଲିପାରି ନଥିଲେ। ସୂୟାଂଶ ଶେଡ୍‌ଗେ ଅପରାଜିତ ୨୧ ରନ୍ ସଂଗ୍ରହ କରିଥିଲେ। ସେ ୮ଟି ବଲ୍ ଖେଳି ୨ଟି ଚୌକା ଏବଂ ୨ଟି ଛକା ମାରିଥିଲେ। ଦିଲ୍ଲୀ ପକ୍ଷରୁ ମିଚେଲ ଷ୍ଟାର୍କ୍ ଏବଂ ମାଧବ ତିୱାରି ୨ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ। ମୁକେଶ କୁମାରଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା।

## ରାଜ୍ୟସ୍ତରୀୟ ୱାକୋ କିକ ବକ୍ସିଂ ପ୍ରତିଯୋଗିତା
# ଜଗତସିଂହପୁର ଜିଲ୍ଲା ରନର୍ସଅପ



ପାରାଦୀପ/ଜଗତସିଂହପୁର, ୧୨।୫:- ଗତ ମେ ୬ ରୁ ୯ ତାରିଖ ପର୍ଯ୍ୟନ୍ତ ଗଞ୍ଜାମ ର ବିଜୁ ପଟନାୟକ ଷ୍ଟାଡିଅମ ଠାରେ ଚାଲିଥିବା ରାଜ୍ୟ ସ୍ତରୀୟ ୱାକୋ କିକ ବକ୍ସିଂ ପ୍ରତିଯୋଗିତାରେ ଓଡିଶା ର ୩୦ଟି ଜିଲ୍ଲା ରୁ ମୋଟ ୫୬୦ ଜଣ ପ୍ରତିଯୋଗୀ ଏବଂ ଅଫିସିଆଲ ଭାଗ ନେଇଥିଲେ । ସେଥି ମଧ୍ୟରୁ ଜଗତସିଂହପୁର ଜିଲ୍ଲା ର ୪୫ ଜଣ ପ୍ରତିଯୋଗୀ ଭାଗ ନେଇ ମୋଟ ୩୩ ଟି ସ୍ୱର୍ଣ୍ଣ, ୧୬ ରୌପ୍ୟ ଏବଂ ୧୫ କଂସ୍ୟ ପଦକ ହାସଲ କରି ସମସ୍ତ ଜିଲ୍ଲା କୁ ପଛରେ ପକାଇ ରନର୍ସ ଅପ ହେଇଛନ୍ତି।ଏହି ସଫଳତା ପାଇଁ ମାନ୍ୟବର ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସମସ୍ତ କ୍ରୀଡ଼ାବିତ ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଓଡିଶା ୱାକୋ କିକ ବକ୍ସିଂ ସଭାପତି କାର୍ତ୍ତିକ ଡାକୁଆ, ସଭାପତି ବିଚିତ୍ର ନାରାୟଣ ଜେନା ଏବଂ ରଂଜନ ସୁତାର ଙ୍କ ପାଇଁ ଏହା ସମ୍ଭବ ହେଇ ପାରିଛି କ୍ଷ ଜଗତସିଂହପୁର ଜିଲ୍ଲା ର ଖେଳାଳି ମାନେ ଜାତୀୟ ସ୍ତର ର କୋଚ ଅମର ଜୋତି ରାଉତ ଏବଂ ମାନସ ଦୋରା ଙ୍କ ନେତୃତ୍ୱ ରେ ଏହି ସଫଳତା ହାସଲ କରିଛନ୍ତି କ୍ଷ ଜଗତସିଂହପୁର ଜିଲ୍ଲା କିକ ବକ୍ସିଂ ସଂଘ ଉପସଭାପତି ଗଗନ ବିହାରୀ ରାଉତ ଏବଂ ଅନ୍ୟ ସମସ୍ତ ପଦାଧିକାରୀ ଓ କ୍ରୀଡ଼ାପ୍ରେମୀ ମାନେ ଜିଲ୍ଲାର ଏହି ସଫଳତା ପାଇଁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ବୋଲରଙ୍କୁ ଏବେ ସୁଧାର କରିବାକୁ ହେବ : ଦ୍ରାବିଡ୍

ଡବ୍ଲିନ୍: ଆଧୁନିକ କ୍ରିକେଟରେ ବିଶେଷ କରି ଟି-୨୦ ଫର୍ମାଟରେ ବ୍ୟାଟରମାନେ ବୋଲରଙ୍କ ଉପରେ ଭାରି ପଡୁଛନ୍ତି। ବ୍ୟାଟିଂ ଶୈଳୀରେ ଆସିଥିବା ଦ୍ରୁତ ପରିବର୍ତ୍ତନ ସହ ଖାପ ଖୁଆଇବା ପାଇଁ ବୋଲରଙ୍କୁ ଏବେ ଅଧିକ ପରିଶ୍ରମ କରିବାକୁ ପଡ଼ିବ। ଟିମ୍ ଇଣ୍ଡିଆର ପୂର୍ବତନ ମୁଖ୍ୟ କୋଚ୍ ତଥା କ୍ରିକେଟ ଜଗତର 'ଦ ୱାଲ୍' ରାହୁଲ ଦ୍ରାବିଡ୍ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ତାଙ୍କ କହିବା ଅନୁଯାୟୀ, ଟି-୨୦ରେ ବୋଲର ଏବଂ ବ୍ୟାଟରଙ୍କ ମଧ୍ୟରେ ଥିବା ସନ୍ତୁଳନ ଏବେ ବ୍ୟାଟରଙ୍କ ସପକ୍ଷରେ ରହିଛି, ଯାହାକୁ ବଦଳାଇବା ପାଇଁ ବୋଲରଙ୍କୁ ନିଜର କୌଶଳ ବୃଦ୍ଧି କରିବାକୁ ହେବ।



ଆୟର୍ଲାଣ୍ଡର ଡବ୍ଲିନ୍‌ଠାରେ ଏକ ସାକ୍ଷାତକାରରେ ଦ୍ରାବିଡ୍ କହିଛନ୍ତି ଯେ, ବର୍ତ୍ତମାନର ଯୁବ ପିଢ଼ି ପାୱାରପ୍ଲେ' ଓଭରରେ ବ୍ୟାଟିଂ କରିବାର ଶୈଳୀକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଛନ୍ତି। ସେ ଅଭିଷେକ ଶର୍ମା, ବୈଭବ ସୂର୍ଯ୍ୟବଂଶୀ, ଆୟୁଷ ମ୍ହାତ୍ରେ ଏବଂ ପ୍ରିୟାଂଶ ଆର୍ଯ୍ୟଙ୍କ ଭଳି ଖେଳାଳିଙ୍କ ଉଦାହରଣ ଦେଇ କହିଛନ୍ତି ଯେ, ଏହି ଯୁବ ତାରକାମାନେ ପଡ଼ିଆର ପ୍ରତିଟି କୋଣକୁ ବଡ଼ ବଡ଼ ଶଟ୍ ଖେଳିବାର ଦକ୍ଷତା ରଖୁଛନ୍ତି। ପୂର୍ବରୁ ଯେଉଁ ସ୍ଥାନରେ ଚୌକା ବା ଛକା ମାରିବା ଅସମ୍ଭବ ମନେ ହେଉଥିଲା, ଏବେ ବ୍ୟାଟରମାନେ ସେଠାରେ ସହଜରେ ରନ୍ ସଂଗ୍ରହ କରୁଛନ୍ତି।

ଦ୍ରାବିଡ୍‌ଙ୍କ ମତରେ, ବିଗତ ୨-୩ ବର୍ଷ ମଧ୍ୟରେ ବ୍ୟାଟିଂ କୌଶଳରେ ଯେଉଁ ଉନ୍ନତି ହୋଇଛି, ବୋଲରମାନେ ସେହି ସ୍ତରରେ ପହଞ୍ଚିବା ପାଇଁ ଏବେ ସଂଘର୍ଷ କରୁଛନ୍ତି। ସେ କହିଛନ୍ତି, 'ବୋଲରଙ୍କୁ ନିଜର ଶାଣିତ କୌଶଳ ବ୍ୟବହାର କରିବାକୁ ହେବ। ବର୍ତ୍ତମାନର ଆବଶ୍ୟକତା ଅନୁଯାୟୀ ବ୍ୟାଟରମାନେ ନିଜକୁ ଯେତିକି ଶୀଘ୍ର ପ୍ରସ୍ତୁତ କରିଛନ୍ତି, ବୋଲରମାନେ ସେତିକି କରିପାରି ନାହାନ୍ତି। ତଥାପି ମୋର ବିଶ୍ୱାସ ଅଛି ଯେ ଆଗାମୀ କିଛି ବର୍ଷ ମଧ୍ୟରେ ବୋଲରମାନେ ପୁଣି ଥରେ ନିଜର ପ୍ରଭାବ ବିସ୍ତାର କରିବାରେ ସଫଳ ହେବେ।'

କେବଳ ବୋଲିଂ କୌଶଳ ନୁହେଁ, ବରଂ ବୋଲରଙ୍କୁ ସଫଳତା ଦେବା ପାଇଁ ପିଚ୍‌ରେ ମଧ୍ୟ କିଛିଟା ସହାୟତା ରହିବା ଆବଶ୍ୟକ ବୋଲି ଦ୍ରାବିଡ୍ ମତ ଦେଇଛନ୍ତି। ସେ ସ୍ୱୀକାର କରିଛନ୍ତି ଯେ ଫ୍ଲାଟ୍ ପିଚ୍‌ରେ ବୋଲିଂ କରିବା କଷ୍ଟକର। ଯେହେତୁ ପଡ଼ିଆର ବାଉଣ୍ଡରୀ ବୃଦ୍ଧି କରିବା ସମ୍ଭବ ନୁହେଁ, ତେଣୁ ପିଚ୍‌କୁ ଟିକେ ଚ୍ୟାଲେଞ୍ଜିଂ କରିବା ଉଚିତ୍ ଯେପରି ବୋଲରଙ୍କୁ କିଛିଟା ସୁଇଙ୍ଗ୍ କିମ୍ବା ବାଉନ୍ସ ମିଳିପାରିବ। ପ୍ରତି ଓଭରରେ ଦୁଇଟି ବାଉନ୍ସର ଭଳି ନିୟମ ବୋଲରଙ୍କ ପାଇଁ ଏକ ତାର୍କିକ ସମାଧାନ ହୋଇପାରେ ବୋଲି ସେ ସୂଚନା ଦେଇଛନ୍ତି।ଟେଷ୍ଟ କ୍ରିକେଟର ଉଦାହରଣ ଦେଇ ଦ୍ରାବିଡ୍ କହିଛନ୍ତି ଯେ, ବର୍ତ୍ତମାନର ଟେଷ୍ଟ ମ୍ୟାଚ୍‌ରେ ବୋଲରଙ୍କ ଦବଦବା ବଢ଼ିଛି, ଯେଉଁଥିପାଇଁ ପ୍ରାୟ ସବୁ ମ୍ୟାଚ୍‌ର ଫଳାଫଳ ବାହାରୁଛି। ଠିକ୍ ସେହିପରି ଟି-୨୦ରେ ମଧ୍ୟ ବୋଲର ଏବଂ ବ୍ୟାଟରଙ୍କ ମଧ୍ୟରେ ସନ୍ତୁଳନ ରହିବା ଜରୁରୀ। କ୍ରିକେଟ ଖେଳଟି କୌଣସି ଜଣଙ୍କ ପକ୍ଷକୁ ଅଧିକ ଢଳିବା ଉଚିତ୍ ନୁହେଁ ବୋଲି ସେ ଦୃଢ଼ ଭାବେ କହିଛନ୍ତି।

# ଅନିୟମିତତା ପାଇଁ ମୁଷ୍ଟିଯୁଦ୍ଧ ଶିବିରକୁ ବାତିଲ କଲା ସାଇ

ପଟିଆଲା, ୧୨।୫: ଭାରତୀୟ ମୁଷ୍ଟିଯୁଦ୍ଧ ମହାସଂଘ ପକ୍ଷରୁ ପଞ୍ଜାବର ପଟିଆଲାରେ ଆୟୋଜିତ ଏକ ମୂଲ୍ୟାୟନ ଶିବିରକୁ ବାତିଲ କରିଦେଇଛି ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ)। ଖେଳାଳି ଓ ପ୍ରଶିକ୍ଷକ ଚୟନ ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗରେ ସାଇ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। କିନ୍ତୁ ସାଇ ସ୍ପଷ୍ଟ କରିଛି ଯେ ଅସ୍ୱଚ୍ଛ ଚୟନ ପ୍ରକ୍ରିୟାକୁ ବଦଳାଇବା ଓ ପ୍ରଶିକ୍ଷକ ଚୟନକୁ ଉଠିଥିବା ପ୍ରଶ୍ନର ଉତ୍ତର ଦେବା ପରେ ଏହି ଶିବିର ଆୟୋଜନ ଲାଗି ଅନୁମତି ଦିଆଯିବ। ସାଇ ପକ୍ଷରୁ କୁହାଯାଇଛି ଯେ ଏହି ଶିବିରକୁ ନେଇ ମୁଷ୍ଟିଯୋଦ୍ଧା ଓ ପ୍ରଶିକ୍ଷକମାନଙ୍କଠାରୁ ଅଭିଯୋଗ ମିଳିବା ପରେ ଓ ଏ ସମ୍ପର୍କରେ ମହାସଂଘ ପକ୍ଷରୁ ସନ୍ତୋଷଜନକ ଉତ୍ତର ଦିଆଯାଇନଥିଲା। ଏହି ମାମଲା କୋର୍ଟରେ ପହଞ୍ଚିବାର ଆଶଙ୍କା ଥିବାରୁ ମହାସଂଘ ପକ୍ଷରୁ ଏ ନେଇ ବିଏଫଆଇ ପକ୍ଷରୁ ଉପଯୁକ୍ତ ଜବାବର ଆବଶ୍ୟକତା ରହିଛି। କିନ୍ତୁ ମହାସଂଘ ପକ୍ଷରୁ ଆବଶ୍ୟକ ଉତ୍ତର ଦିଆଯାଉନାହିଁ ବୋଲି ସାଇ କହିଛି। ଅନ୍ୟପକ୍ଷରେ ମହାସଂଘ ପକ୍ଷରୁ କୁହାଯାଇଛି ଯେ ଚୟନ ପ୍ରକ୍ରିୟା ସଂପର୍କରେ ସାଇକୁ ସୂଚୀତ କରାଯାଇଥିଲା।

# ଇଟିପିଏଲ୍‌ରେ ଲିଗରେ ଟିମ କିଣିଲେ ଦ୍ରାବିଡ଼

ନୂଆଦିଲ୍ଲୀ, ୧୨।୫ ୟୁରୋପୀୟ ଟି-୨୦ ପ୍ରିମିୟର ଲିଗ, ଭାରତୀୟ କିମ୍ବଦନ୍ତୀ କ୍ରିକେଟର ରାହୁଲ ଦ୍ରାବିଡ଼ଙ୍କୁ ଡବଲିନ୍ ଗାର୍ଡିଆନ୍ସ ଦଳର ମାଲିକ ବୋଲି ଘୋଷଣା କରିଛନ୍ତି । ସୋମବାର ଇଟିପିଏଲ୍ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଇଟିପିଏଲ୍ ୨୦୨୬ ର ଲଞ୍ଚ ପୂର୍ବରୁ ରାହୁଲ ଦ୍ରାବିଡ଼ଙ୍କ ଡବଲିନ୍ ଗାର୍ଡିଆନ୍ସ ଷଷ୍ଠ ଦଳ ଭାବେ ଯୋଗ ଦେଇ ଫ୍ରାଞ୍ଚାଇଜ୍ ପ୍ରକ୍ରିୟାକୁ ସମାପ୍ତ କରିଛି । ଡବଲିନ୍ ରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରଞ୍ଚଟଖ , ଟୁର୍ନାମେଣ୍ଟର ସମସ୍ତ ଫ୍ରାଞ୍ଚାଇଜ୍ ଲାଇନଅପ ସମାପ୍ତ ହୋଇଥିବା ସୂଚନା ଦେଇଛି ଓ ରାହୁଲ ଦ୍ରାବିଡ଼ଙ୍କୁ ଡବଲିନ୍ ଗାର୍ଡିଆନ୍ସର ମାଲିକ ଭାବେ ପରିଚିତ କରାଇଛି। ଏହି କାର୍ଯ୍ୟକ୍ରମରେ ରାହୁଲ ଦ୍ରାବିଡ଼ଙ୍କ ସମେତ ବଲିଉଡ ଷ୍ଟାର ଅଭିଶେଖ ବଚନ ମଧ୍ୟ ଉପସ୍ଥିତ ଥିଲେ । ଅଭିଶେଖ ବଚନ ରଞ୍ଚଟଖ ର ପ୍ରମୋସନ ମଧ୍ୟ କରୁଛନ୍ତି ।



ଏହି କାର୍ଯ୍ୟକ୍ରମରେ ଗ୍ଲାସଗୋ ଫ୍ରାଞ୍ଚାଇଜର ବିପୁଲ ଅଗ୍ରୱାଲ ଏବଂ ରୋଟରଡାମ ଫ୍ରାଞ୍ଚାଇଜର ଜଣ୍ଟି ରୋଡ୍ସ ଓ ମଧୁକର ଶ୍ରୀଙ୍କ ସମେତ ଅନ୍ୟ ଫ୍ରାଞ୍ଚାଇଜର ମାଲିକମାନେ ମଧ୍ୟ ଉପସ୍ଥିତ ଥିଲେ। ଇଟିପିଏଲ୍‌ର ସହ-ପ୍ରତିଷ୍ଠାତା ସୌରଭ ବାନାର୍ଜୀ, ପ୍ରିୟଙ୍କା କାଉଲ ଓ ଧିରଜ ମାଲହୋତ୍ରା ମଧ୍ୟ ଉପସ୍ଥିତ ଥିଲେ। ଏହି ଲିଗରେ ମିଚିଲ ମାର୍ଶ, ଟିମ ଡେଭିଡ, ମିଚିଲ ସାଣ୍ଟନର୍, ଲିଆମ ଲିଭିଙ୍ଗଷ୍ଟୋନ୍, ଗ୍ଲେନ ମ୍ୟାକ୍ସୱେଲ, ଫାଫ୍ ଡୁ ପ୍ଲେସିସ୍ ଏବଂ ହେନ୍ରିକ କ୍ଲାସେନଙ୍କ ଭଳି ଅନ୍ତର୍ଜାତୀୟ ଖେଳାଳି ମଧ୍ୟ ଖେଳିପାରନ୍ତି । ଅଗଷ୍ଟ ରୁ ସେପ୍ଟେମ୍ବର ଭିତରେ ଏହି ଟୁର୍ନାମେଣ୍ଟ ହେବ ବୋଲି ରଞ୍ଚଟଖ ପକ୍ଷରୁ ସୂଚନା ଦିଆଯାଇଛି ।

ଇଟିପିଏଲ୍‌ର ସମସ୍ତ ୬ ଟି ଦଳ ଓ ଏହାର ମାଲିକ ।


ଡବଲିନ୍ ଫ୍ରାଞ୍ଚାଇଜ୍ - ରାହୁଲ ଦ୍ରାବିଡ।
ବେଲଫାଷ୍ଟ ଫ୍ରାଞ୍ଚାଇଜ୍ - ଗ୍ଲେନ ମ୍ୟାକ୍ସୱେଲ୍ ଏବଂ ରୋହନ୍ ଲୁଣ୍ଡ
ଏଡିନବର୍ଗ ଫ୍ରାଞ୍ଚାଇଜ୍ - କାଇଲ ମିଲ୍ସ, ନାଥନ ମ୍ୟାକକୁଲମ ଏବଂ ରାଚେଲ ୱିଜମ୍ୟାନ୍। ଗ୍ଲାସଗୋ ଫ୍ରାଞ୍ଚାଇଜ୍ - ବିପୁଲ ଅଗ୍ରୱାଲ ଏବଂ କ୍ରିସ ଗେଲ। ଆମଷ୍ଟରଡାମ୍ ଫ୍ରାଞ୍ଚାଇଜ୍ - ଷ୍ଟିଭ୍ ୱା, ଜେମି ଡ୍ୱାୟାର ଏବଂ ଟିମ୍ ଥମାସ ।ରୋଟରଡାମ୍ ଫ୍ରାଞ୍ଚାଇଜ୍ - ଜଣ୍ଟି ରୋଡ୍ସ, ଫାଫ୍ ଡୁ ପ୍ଲେସିସ, ଗ୍ଲାସିନ୍ ଓ ସମୀର ଶାହ ଏବଂ ପରିଚାଳନା ପାର୍ଟନର ଭାବରେ ମଧୁକର ଶ୍ରୀ।


# 'ମୁଁ ୧୦୦ % ବୋଲର ଓ ୧୦୦ % ବ୍ୟାଟ୍ସମ୍ୟାନ'

ନୂଆଦିଲ୍ଲୀ, ୧୨।୫: ଦିଲ୍ଲୀ କ୍ୟାପିଟାଲ୍ସ ସୋମବାର ପଞ୍ଜାବ କିଙ୍ଗ୍ସକୁ ୩ ୱିକେଟ୍ ରେ ପରାସ୍ତ କରିଛି । ଏହି ମ୍ୟାଚରେ ପଞ୍ଜାବର ବ୍ୟାଟିଂ ଦେଖି ଏଭଳି ଲାଗୁଥିଲା ଯେଉଁଳି ପଞ୍ଜାବ ଏହି ମ୍ୟାଚକୁ ସହଜରେ ଜିତି ପୁନର୍ବାର ପଏଣ୍ଟ ଟେବୁଲର ଶୀର୍ଷରେ ପହଞ୍ଚିବ । କିନ୍ତୁ ନିଜ ଦ୍ୱିତୀୟ ଆଇପିଏଲ ମ୍ୟାଚ ଖେଳୁଥିବା ଯୁବ ଅଲରାଉଣ୍ଡର ମାଧବ ତିୱାରୀ ପଞ୍ଜାବ ସାମ୍ନାରେ କଣ୍ଟା ପରି ଠିଆ ହୋଇଥିଲେ । ଉଭୟ ବୋଲିଂ ଓ ବ୍ୟାଟିଂରେ ଚମତ୍କାର ପ୍ରଦର୍ଶନ କରି ଦିଲ୍ଲୀକୁ ମ୍ୟାଚ ଜିତାଇବା ସହ ମ୍ୟାଚର ଶ୍ରେଷ୍ଠ ଖେଳାଳି ରୂପେ ବିବେଚିତ ହୋଇଛନ୍ତି । ପ୍ରଥମ ଇନିଂସରେ ପଞ୍ଜାବର ବିସ୍ଫୋରକ ବ୍ୟାଟର ପ୍ରିୟାଂଶ ଆର୍ଯ୍ୟା ରନ ବର୍ଷା କରୁଥିଲେ । ପାୱାରପ୍ଲେରେ ୨୪ ବଲରେ ଅର୍ଦ୍ଧଶତକ ହାସଲ କରିଥିଲେ ପ୍ରିୟାଂଶ । ଏହା ପରେ ପଞ୍ଜାବର ରନ ଗତିରେ ବ୍ରେକ ଲଗାଇବା ପାଇଁ ମ୍ୟାଚର ନବମ ଓଭର ପକାଇବାକୁ ଆସିଥିଲେ ମାଧବ ତିୱାରୀ । ଏହି ଓଭରର ପ୍ରଥମ ବଲରେ ଶ୍ରେୟସ ଆୟର ଓ ଚତୁର୍ଥ ବଲରେ ପ୍ରିୟାଂଶ ଆର୍ଯ୍ୟା ଗୋଟିଏ ଲେଖାଏଁ ଚୌକା ମାରିଥିଲେ । ନିଜ ବୋଲିଂ ଉପରେ ଭରସା ରଖି ବିଶ୍ୱାସର ସହ ପ୍ରିୟାଂଶଙ୍କୁ ଏକ ଲେନ୍ଥ ବଲ ପକାଇଥିଲେ ମାଧବ ଓ ଏହି ବଲରେ ପ୍ରିୟାଂଶଙ୍କୁ ଆଉଟ କରି ନିଜ ଆଇପିଏଲ କ୍ୟାରିଅରର ପ୍ରଥମ ୱିକେଟ୍ ହାସଲ କରିଥିଲେ । ଏହା ପରେ ଇନ-ଫର୍ମ କୁପର କନୋଲିଙ୍କୁ ଆଉଟ କରି ସମୁଦାୟ ୨ ଟି ୱିକେଟ୍ ହାସଲ କରିଥିଲେ । ଦ୍ୱିତୀୟ ଇନିଂସ ମଧ୍ୟ ବେଶ ରୋମାଞ୍ଚକର ଥିଲା । ପାୱାରପ୍ଲେରେ ୩ ଟି ୱିକେଟ୍ ପଡିବା ପରେ ମଧ୍ୟ ଅକ୍ସର ପଟେଲ ଓ ଡେଭିଡ ମିଲରଙ୍କ ମଧ୍ୟରେ ହୋଇଥିବା ଭାଗିଦାରୀତାରେ ଦିଲ୍ଲୀ କମ୍-ବ୍ୟାକ୍ କରିଥିଲା । ୧୭ ତମ ଓଭରରେ ମିଲର ଆଉଟ ହେବା ପରେ ବ୍ୟାଟିଂ କରିବାକୁ ଆସିଥିବା ମାଧବ ପ୍ରଥମ ବଲରେ ଚୌକା ମାରିଥିଲେ । ନିର୍ଭୟର ସହ ବ୍ୟାଟିଂ କରି ୨ ଟି ଚୌକା ଓ ଗୋଟିଏ ଛକା ବଳରେ ୮ ବଲରେ ଅପରାଜିତ ରହି ୧୮ ରନ ସଂଗ୍ରହ କରିଥିଲେ ମାଧବ । ନିଜ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ଦିଲ୍ଲୀକୁ ମ୍ୟାଚ ଜିତାଇଥିଲେ ଓ ପ୍ଲେଆର ଅଫ ଦ ମ୍ୟାଚ ମଧ୍ୟ ହୋଇଥିଲେ । ପ୍ଲେଆର ଅଫ ଦ ମ୍ୟାଚ ଆୱାର୍ଡ ନେବା ପରେ ମାଧବ କହିଥିଲେ, 'ଖେଳିବ ନଖେଳିବା ଆମ ହାତରେ ନଥାଏ, କିନ୍ତୁ ପ୍ରତିଦିନ ଅଭ୍ୟାସ କରିବାକୁ ପଡେ । ଆମ ବ୍ୟାଟିଂ କୋଚ ମତେ ବହୁତ ପ୍ରୋତ୍ସାହନ ଦେଇଛନ୍ତି ଓ ବୋଲିଂ କୋଚ ମୁନାଫ ପଟେଲଙ୍କ ସହ ମଧ୍ୟ ବହୁତ ପରିଶ୍ରମ କରିଛି। ମୁଁ ଖୁସି ଥିଲି ଓ ଟିମ ପାଇଁ ଯୋଗ ଦେଇ ମଧ୍ୟ ଖୁସି ଅଛି ।'

ଏହା ପରେ ଯେତେବେଳେ ଉପସ୍ଥାପକ ତାଙ୍କୁ ପଚାରିଥିଲେ, ଅଧିକାଂଶ ସମୟରେ ଘରୋଇ କ୍ରିକେଟ ମଧ୍ୟପ୍ରଦେଶ ଓ ଏମପିଟି୨୦ ଲିଗରେ ମଧ୍ୟ ଦେଖିଛୁ, କି ଆପଣ ଜଣେ ଭଲ ବୋଲର କିନ୍ତୁ ବ୍ୟାଟ୍ସମ୍ୟାନ ଭାବେ ଟିକେ ଅଧିକ ଭଲ । କଣ ଆପଣ ଏଥିରେ ସହମତ ଏହାର ଉତ୍ତର ରଖିଥିଲେ ମାଧବ ଓ କହିଥିଲେ 'ମୁଁ ଜଣେ ୧୦୦ % ବୋଲର ଓ ୧୦୦ % ବ୍ୟାଟ୍ସମ୍ୟାନ।'

## ଚର୍ଚ୍ଚାରେ ଆଇଟି ଦମ୍ପତ୍ତି
# ଐତିହାସିକ ରାମ ସେତୁ ରୁଟ୍‌ରେ ଓପନ୍ ୱାଟର ସ୍ୱିମ୍





କନ୍ୟାକୁମାରୀ, ୧୨।୫: ଅସମ୍ଭବକୁ ସମ୍ଭବ କରି ଦଖାଇଲେ ଆଇଟି କପଲ୍। ବେଙ୍ଗାଲୁରୁର ଦୁଇ ଯୁବ ଆଇଟି ପ୍ରଫେସନାଲ୍ ଡେନିଶ୍ ଅଦ୍ଦି ଏବଂ ଭୁଶାଲି ପ୍ରସାଦେଙ୍କୁ ନେଇ ଏବେ ସମଗ୍ର ଦେଶରେ ଚର୍ଚ୍ଚା। କାରଣ ସେମାନେ କରିଦେଖାଇଛନ୍ତି ଏମିତି ଏକ କାମ, ଯାହା ଆଜି ପର୍ଯ୍ୟନ୍ତ କୌଣସି ଦମ୍ପତି କରିପାରିନଥିଲେ। ଶ୍ରୀଲଙ୍କାରୁ ଭାରତ ପର୍ଯ୍ୟନ୍ତ ଐତିହାସିକ ରାମ ସେତୁ ରୁଟ୍‌ରେ ସାଙ୍ଗେସାଙ୍ଗେ ଓପେନ୍ ଓଟର୍ ସ୍ୱିମ୍ କରି ଇତିହାସ ରଚିଛନ୍ତି ଏହି ଦମ୍ପତି।

ମେ ୭ ତାରିଖ ସକାଳ ପ୍ରାୟ ୪ଟା ୩୦ରେ ଶ୍ରୀଲଙ୍କାର ତାଲାଇମାନ୍ନାରରୁ ଆରମ୍ଭ ହୋଇଥିଲା ସେମାନଙ୍କ ଦୁସାହସିକ ଯାତ୍ରା। ଲକ୍ଷ୍ୟ ଥିଲା ଭାରତର ଧନୁଷ୍କଡି ପହଞ୍ଚିବା। ସାମ୍ନାରେ ଥିଲା ପ୍ରାୟ ୩୨ କିଲୋମିଟରର ଭୟଙ୍କର ସମୁଦ୍ର ପଥ। ଉଚ୍ଚ ତରଙ୍ଗ, ଭୟଙ୍କର ସମୁଦ୍ର ସ୍ରୋତ ଓ ପରିବର୍ତ୍ତନଶୀଳ ପବନ ସତ୍ତ୍ୱେ ଦୁହେଁ ହାର ମାନିନଥିଲେ। ପ୍ରାୟ ୧୦ ଘଣ୍ଟା ୪୫ ମିନିଟ୍ ଧରି ସମୁଦ୍ର ସହ ସଂଘର୍ଷ କରି ଶେଷରେ ଅପରାହ୍ନ ୩ଟା ୧୫ରେ ସେମାନେ ତାମିଲନାଡୁର ଧନୁଷ୍କଡି ତଟରେ ପହଞ୍ଚିଥିଲେ।

ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଥିବା ଭିଡିଓଗୁଡ଼ିକରେ ଏହି ଦୁସାହସିକ ଯାତ୍ରାର ଅନେକ ଝଲକ ଦେଖିବାକୁ ମିଳିଛି। କେଉଁଠି ଡେନିଶ୍ ସୂର୍ଯ୍ୟୋଦୟ ପୂର୍ବରୁ ଅନ୍ଧକାର ସମୁଦ୍ରକୁ ଝାପ ଦେଉଛନ୍ତି, ତ କେଉଁଠି ଦୁହେଁ ବିଶାଳ ତରଙ୍ଗ ମଧ୍ୟରେ ଘଣ୍ଟାଧରି ପହଁରୁଛନ୍ତି। ଏହି ଅଭିଯାନ ସମୟରେ ସୁରକ୍ଷା ପାଇଁ ସେମାନଙ୍କ ସହ ସପୋର୍ଟ ବୋଟ୍, ପାରାମେଡିକ୍ସ ଟିମ୍ ଓ ଭାରତୀୟ କୋଷ୍ଟଗାର୍ଡ ନିୟୋଜିତ ଥିଲେ।ଇନ୍‌ଷ୍ଟାଗ୍ରାମରେ ଦମ୍ପତି ଲେଖିଥିଲେ, "ଶ୍ରୀଲଙ୍କାରୁ ଭାରତ ପର୍ଯ୍ୟନ୍ତ ପହଁରି ଏହା କରିବାରେ ପ୍ରଥମ ଦମ୍ପତି ହେବା ଆମ ସ୍ୱପ୍ନ ଥିଲା। ଏହି ଯାତ୍ରା ଆମ ପ୍ରସ୍ତୁତି ଓ ଧୈର୍ଯ୍ୟର ସବୁଠୁ ବଡ଼ ପରୀକ୍ଷା ଥିଲା।" ସେମାନଙ୍କ ଏହି ଅଦମ୍ୟ ସାହସ, ପ୍ରେମ ଓ ଦୃଢ ଇଚ୍ଛାଶକ୍ତିର କାହାଣୀ ଏବେ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ପ୍ରେରଣା ପାଲଟିଛି।

# ପାଣ୍ଡ୍ୟାଙ୍କ ନିଷ୍ପତ୍ତି ଖୁବ୍‌ଶୀଘ୍ର: ମାହେଲା

ନୂଆଦିଲ୍ଲୀ: ହାର୍ଦ୍ଦିକ ପାଣ୍ଡ୍ୟା କେବେ ଫେରିବେ ତାଙ୍କ ଆହତ ସମସ୍ୟା କିଭଳି ସ୍ଥିତିରେ ଅଛି ସେ କେବେ ମୁମ୍ବାଇ ଇଣ୍ଡିଆନ୍ସ ଦଳକୁ ପ୍ରତ୍ୟାବର୍ତନ କରିବେ ଏଭଳି କିଛି ପ୍ରଶ୍ନ ଏବେ ତାଙ୍କ ପ୍ରଶଂସକଙ୍କ ମନରେ ଉଙ୍କି ମାରିଛି। ଆହତ ସମସ୍ୟା କାରଣରୁ ଅଧିନାୟକ ହାର୍ଦ୍ଦିକ ମୁମ୍ବାଇ ଇଣ୍ଡିଆନ୍ସ ଦଳର ଗତ ଦୁଇଟି ମ୍ୟାଚ୍‌ରେ ଖେଳି ନଥିବାବେଳେ ସେ କେଉଁଠି କିଭଳି ଚିକିତ୍ସିତ ହେଉଛନ୍ତି କାହାରିକୁ ଜଣାନାହିଁ। ଦଳର ଦୟନୀୟ ପ୍ରଦର୍ଶନ ପରେ ସେ କେଉଁଠି ଆତ୍ମଗୋପନ କରିଥିବା କଥା ମଧ୍ୟ କୁହାଯାଉଛି। ରବିବାର ରାତିରେ କିନ୍ତୁ ରାଏପୁର ସହିଦ ବୀର ନାରାୟଣ ସିଂହ ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ଆର୍‌ସିବି ନିକଟରୁ ମୁମ୍ବାଇ ଇଣ୍ଡିଆନ୍ସ ଶେଷ ବଲ୍‌ରେ ୨ ୱିକେଟ୍‌ରେ ହାରିଯିବା ପରେ ପ୍ଲେ ଅଫ୍ ଦୌଡରୁ ବାଦ୍ ପଡିଛି। ଏହା ପରେ ଦଳର ମୁଖ୍ୟ ପ୍ରଶିକ୍ଷକ ମାହେଲା ଜୟବର୍ଦ୍ଧନେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ବିଷୟରେ ସୂଚନା ଦେଇଛନ୍ତି। 'ହାର୍ଦ୍ଦିକ ଏବେ ପିଠି ଯନ୍ତ୍ରଣା ସମସ୍ୟା ସହ ଲଢୁଛନ୍ତି।ଆମ ଡାକ୍ତରୀ ଦଳ ତାଙ୍କ ଚିକିତ୍ସା କରୁଛନ୍ତି। ଖୁବ୍‌ଶୀଘ୍ର ସେ ଟ୍ରେନିଂ ଆରମ୍ଭ କରିବେ, ତାଙ୍କୁ ନେଇ ଆମେ କେଣସି ରିସ୍କ ନେବାକୁ ଚାହୁଁନାହୁଁ। ଦିନେ ଦୁଇ ଦିନ ଭିତରେ ଆମେ ଦେଖିବା ପରେ ଚୂଡାନ୍ତ ନିଷ୍ପତ୍ତି ନେବୁ' ବୋଲି ଏହି ଶ୍ରୀଲଙ୍କା କିଂବଦନ୍ତି ପ୍ରକାଶ କରିଛନ୍ତି।

# କୋହଲିଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର

ନୂଆଦିଲ୍ଲୀ, ୧୨।୫: କିଂବଦନ୍ତି ଭାରତୀୟ କ୍ରିକେଟର୍ ବିରାଟ କୋହଲିଙ୍କ ସଫଳତା, ପ୍ରତିଷ୍ଠା ଓ ଲୋକପ୍ରିୟତା ଏତେ ଉଚ୍ଚରେ ପହଞ୍ଚିଯାଇଛି ଯେ ତାଙ୍କୁ ବଦନାମ କରିବାକୁ ବି ଷଡଯନ୍ତ୍ର ଆରମ୍ଭ ହୋଇଗଲାଣି। ତାଙ୍କ ନାମରେ ଖରାପ କଥା କିମ୍ବା ନକରାତ୍ମକ ପ୍ରଚାର କରି ସେଥିରୁ ଫାଇଦା ଉଠାଇବାକୁ ବି ପ୍ରୟାସ ଆରମ୍ଭ ହୋଇଗଲାଣି। ଏ ସମ୍ପର୍କରେ ଜର୍ମାନ ମଡେଲ୍ ଲିଜଲାଜ୍‌ଙ୍କ ଏକ ବିସ୍ଫୋରକ ବୟାନ ଏବେ ଚହଳ ପକାଇଛି।ଲିଜଲାଜ୍ କହିଛନ୍ତି 'ବିରାଟ କୋହଲିଙ୍କ ସମ୍ପର୍କରେ ଖରାପ କଥା କହିବାକୁ ମୋ ଉପରେ ଚାପ ପ୍ରୟୋଗ କରାଯାଉଛି, ଏପରିକି ଅର୍ଥ ଯଚାଯାଉଛି। କେତେକ ଗଣମାଧ୍ୟମ ଏଭଳି ପ୍ରୟାସ କରିଛନ୍ତି। ମୋତେ କିଛି ସାମ୍ବାଦିକ ଅର୍ଥ ଯାଚି ବିରାଟ କୋହଲିଙ୍କ ଖରାପ କଥା ସବୁ କହିବାକୁ ଉସୁକାଉଛନ୍ତି, ଯାହାକି ସେ କେବେ କରିନାହାନ୍ତି।ମୁଁ ଏସବୁ କାହିଁକି କରିବି ବୋଲି ଲିଜଲାଜ୍ ନିଜେ ପ୍ରଶ୍ନ କରିଛନ୍ତି। କୋହଲି ନିଜେ ମଧ୍ୟ ମୋର ଜଣେ ପସନ୍ଦର କ୍ରିକେଟର୍, ତାଙ୍କ ଭାବମୂର୍ତ୍ତିକୁ ଆଞ୍ଚ ଆଣିବାକୁ ମୋର ତିଳେ ହେଲେ ଆଗ୍ରହ ନାହିଁ। କିଛି ଦିନ ତଳେ କୋହଲି ମୋର ଏକ ସୋସିଆଲ୍ ମିଡିଆ ପୋଷ୍ଟକୁ 'ଲାଇକ୍' କରିବା ପରେ ମୁଁ ଭାବବିହ୍ୱଳ ହୋଇଯାଇଥିଲି। ଏବେ ମୋତେ ଦିଆଯାଇଥିବା ପ୍ରତିଟି ଅଫରକୁ ମୁଁ ପ୍ରତ୍ୟାଖ୍ୟାନ କରିଦେଇଛି, କାରଣ ମୁଁ କେଣସି ମିଛ କାହାଣୀକୁ



ପ୍ରସାରିତ କରିବାକୁ ଚାହେ ନାହିଁ। ଅର୍ଥ ନେଇ କେଣସି ମିଛ ଓ ଖରାପ କଥାକୁ କାହିଁକି ପ୍ରଚାର କରିବି ମୁଁ ସେଭଳି ବ୍ୟକ୍ତି ନୁହେଁ' ବୋଲି ଲିଜଲାଜ ପ୍ରକାଶ କରିଛନ୍ତି। ଏଭଳି ବୟାନ ଦେବା ପରେ ଲିଜ୍‌ଲାଜ୍ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ର ଜର୍ସି ପରିଧାନ କରିଥିବା ଏକାଧିକ ଫଟୋ ସାମାଜିକ ଗଣମାଧ୍ୟମରେ ପୋଷ୍ଟ ସହ ନିଜ ଆଭିମୁଖ୍ୟ ସ୍ପଷ୍ଟ କରି ଦେଇଛନ୍ତି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL iµû\K: iêeRòZþ Kêcûe ]k